- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-85 ◆THURSDAY ◆18 SEPTEMBER 2025 ◆PAGE-12 ◆₹ 6.00

PANIKOILI

◆ବର୍ଷ-୪୩ ◆ସଂଖ୍ୟା-୮୫ ◆ଗୁରୁବାର ◆୧୮ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦





## ନଭେମ୍ବରରେ 'ମସ୍ତି-୪'

▶ପୃଷ୍ଠା 9




ଇନ୍ଦ୍ର କୁମାରଙ୍କ ନିର୍ଦ୍ଦେଶିତ ସୁପରହିଟ୍ ଫିଲ୍ମ 'ମସ୍ତି'ରେ ବିବେକ ଓବରୟ, ଅଫତାବ ଶିବଦାସନି ଓ ରୀତେଶ ଦେଶମୁଖ ଲିଡ୍ ରୋଲରେ ନଜର ଆସିଥିଲେ। ଏହି ଫିଲ୍ମଟି ଦର୍ଶକଙ୍କୁ ଏତେ ପସନ୍ଦ ଆସିଥିଲା ଯେ, ଏହି ସିରିଜ୍‌ର ଏଯାବତ୍ ତିନୋଟି ଫିଲ୍ମ ରିଲିଜ୍ ହୋଇ ସାରିଛି। ଅବଶ୍ୟ ଏହି ସିରିଜ୍‌ର ତୃତୀୟ ଫିଲ୍ମ 'ଗ୍ରେଟ୍ ଗ୍ରାଣ୍ଡ ମସ୍ତି'କୁ ଦର୍ଶକେ ଏତେଟା ପସନ୍ଦ କରି ନ ଥିଲେ। ଆଉ ଏବେ ଏହି ସିରିଜ୍‌ର ଚତୁର୍ଥ ଫିଲ୍ମ 'ମସ୍ତି ୪' ଆସିବାକୁ ଯାଉଛି। ଏଥିରେ ଲିଡ୍ ରୋଲରେ ରିତେଶ, ବିବେକ ଏବଂ ଅଫତାବ ଦେଖାଯିବେ। ଏବେ ଏହି ଫିଲ୍ମରେ ଅରଶଦ ୱାର୍ଶିଙ୍କର ଏଣ୍ଟ୍ରି ହୋଇଛି। ଅରଶଦଙ୍କ ସହ ଏଥିରେ ନର୍ଗିସ୍ ଫକ୍‌ରି ମଧ୍ୟ ନଜର ଆସିବେ। ଏହି ଦୁଇ କଳାକାରଙ୍କର ଫିଲ୍ମରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେହିପରି ଏହି ସିନେମାରେ ଜେନେଲିଆ ଡିସୁଜା, ତୁଷାର କପୁର ମଧ୍ୟ ଦେଖାଯିବେ। ବ୍ରିଟେନରେ ଏହାର ୪୦ ଦିନ ସୁଟିଂ ଶେଷ ହୋଇଥିବା ବେଳେ ଏବେ ପୋଷ୍ଟ ପ୍ରଡକସନ୍ କାମ ଚାଲିଛି। ସିନେମାର ଏଡିଟିଂ କାମ ବି ଶେଷ ହୋଇଛି। 'ମସ୍ତି-୪'କୁ ଏହି ବର୍ଷ ନଭେମ୍ବର ୨୧ ତାରିଖରେ ରିଲିଜ୍ କରିବା ପାଇଁ ଇନ୍ଦ୍ର କୁମାର ଯୋଜନା କରୁଛନ୍ତି। ଖୁବ୍‌ଶୀଘ୍ର ଏହାର ଟିଜର ଜାରି କରାଯାଇ ଫିଲ୍ମ ରିଲିଜ୍ ତାରିଖ ଘୋଷଣା କରାଯିବ ବୋଲି ଜଣାପଡ଼ିଛି। ମିଳାପ ଜାଭେରୀ ଏହାର ନିର୍ଦ୍ଦେଶନା ଦେଉଛନ୍ତି।



# ନଭେମ୍ବରରେ 'ମସ୍ତି -୪'



# ବିଶ୍ୱ ବାଉଁଶ ଦିବସ

ପ୍ରତିବର୍ଷ ସେପ୍ଟେମ୍ବର ୧୮ ତାରିଖକୁ ବିଶ୍ୱ ବାଉଁଶ ଦିବସ ଭାବେ ପାଳନ କରାଯାଏ। ବାଉଁଶ ଗଛର ଉପକାରିତା ତଥା ଏହାକୁ ନେଇ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସର ଉଦ୍ଦେଶ୍ୟ। ବାଉଁଶ ଗଛ ଦେଖିବାକୁ ଯେମିତି ସବୁଜ ସୁନ୍ଦର, ପ୍ରତ୍ୟେକ ଘରୋଇ ବ୍ୟବହାରରେ ବି ଏହା କାମରେ ଲାଗିଥାଏ। ମଣିଷ ସଭ୍ୟତା ଆରମ୍ଭରୁ ବାଉଁଶର ଯାତ୍ରା ଆରମ୍ଭ ହୋଇଛି। ଘର ନିର୍ମାଣ, ଆସବାବପତ୍ର, ହସ୍ତଶିଳ୍ପ ଆଦି ଲାଗି ଲୋକେ ବାଉଁଶ ବ୍ୟବହାର କରନ୍ତି। ବାଉଁଶରେ କୁଲା, ଡାଲା, ଝୁଡ଼ି ସମେତ ବିଭିନ୍ନ ପଶୁପକ୍ଷୀଙ୍କ ଆକୃତି, କପ୍, ପ୍ଲେଟ୍, ପାଣିବୋତଲ ଚାମଚ, ଫୁଲକୁଣ୍ଡ ପେନ୍‌ଷ୍ଟାଣ୍ଡ, ଫଟୋ ଫ୍ରେମ ଆଦି ତିଆରି କରାଯାଉଛି। କେବଳ ସେତିକି ନୁହେଁ, ଆଜିକାଲି ବାଉଁଶ ଗହଣାର ଲୋକପ୍ରିୟତା ବି ଅଧିକ ଦେଖିବାକୁ ମିଳୁଛି। ବାଉଁଶରେ ତିଆରି ହାର, ଝୁମୁକା, ହେୟାର୍ କ୍ଲିପ୍, କାନଫୁଲ ଆଦି ଅଳଙ୍କାରର ଚାହିଦା ବେଶି। ଏବେ କିନ୍ତୁ ମଣିଷ ନିଜ ସ୍ୱାର୍ଥ ପୂରଣ ପାଇଁ ଜଙ୍ଗଲ ନଷ୍ଟ କରିବାରେ ଲାଗିଛି। ଜଙ୍ଗଲ ସଫା କରି ନିଜ ପାଇଁ ବାସସ୍ଥାନ ନିର୍ମାଣ କରିବା ଯୋଗୁଁ ଧୀରେ ଧୀରେ ବାଉଁଶ ଗଛ ଲୋପ ପାଇବାରେ ଲାଗିଛି। ସେହିପରି ବାଉଁଶ ଶୀଘ୍ର ବଢ଼ିଥାଏ। ବାଉଁଶ ଶକ୍ତିଶାଳୀ ଏବଂ ନମନୀୟ ମଧ୍ୟ। ସେହିପରି ବାଉଁଶ ଖାଦ୍ୟ, ବାସଗୃହ ଏବଂ ସୁରକ୍ଷା ପ୍ରଦାନ କରିବା ସହିତ ଏକ ଅର୍ଥକରୀ ଗଛର ଭୂମିକା ଭାବେ ଅତୁଳନୀୟ ସାବ୍ୟସ୍ତ ହୋଇଛି। ବାଉଁଶ ମଣିଷର ଏନ୍ତୁଡ଼ିଶାଳରୁ ମଶାଣି ଯାଏ ବ୍ୟବହାର ହୋଇଥାଏ। ହିନ୍ଦୁ ପରମ୍ପରାରେ ଷଠୀ ଘର ପୂଜା ଓ ବିବାହ କାର୍ଯ୍ୟ ଏବଂ ମୃତ୍ୟୁ ବେଳେ ବାଉଁଶ ଖୋଜା ପଡ଼ିଥାଏ। ସେହିଭଳି ଘର ତିଆରି ହେଉ କି ଡଙ୍ଗାରେ କାତ ହେଉ, ଆକାଶଦୀପକୁ ଅତି ଉଚ୍ଚରେ ରଖିବା ପାଇଁ ବାଉଁଶର ବ୍ୟବହାର ହୋଇଥାଏ। ଅସହାୟ ଲୋକଙ୍କୁ ବାଟ କଢ଼ାଇବାରେ ବାଉଁଶ ବାଡ଼ି ବେଶ୍ ସହାୟକ ହୋଇଥାଏ। ଏପରିକି ମଣିଷର ମରଣ ବେଳେ ମଧ୍ୟ ଛ'ଖଣ୍ଡ ବାଉଁଶ କୋକେଇ ଲାଗି ଖୋଜାପଡ଼େ। ତେବେ ୨୦୦୯ ମସିହାରେ ବିଶ୍ୱ ବାଉଁଶ ସଂଗଠନ ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ଅଷ୍ଟମ ବିଶ୍ୱ ବାଉଁଶ କଂଗ୍ରେସରେ ସେପ୍ଟେମ୍ବର ୧୮ ତାରିଖକୁ ବିଶ୍ୱ ବାଉଁଶ ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିଲା। ବିଶ୍ୱ ବାଉଁଶ ଦିବସ ପାଳନ ଅବସରରେ ଅଧିକ ସଂଖ୍ୟାରେ ବାଉଁଶ ଗଛ ଲଗାଇବା ପାଇଁ ସଚେତନତା ସୃଷ୍ଟି କରାଯାଏ। ଏହି ବର୍ଷ ଏହି ଦିବସର ଥିମ୍ ଅଛି 'ବାମ୍ବୋ ଫର୍ ପିପୁଲ, ପ୍ଲାନେଟ୍ ଆଣ୍ଡ କ୍ଲାଇମେଟ୍ ଆକ୍ସନ'।

# କେଶ ବିନ୍ୟାସରୁ ବାୟୁ ପ୍ରଦୂଷଣ




ବର୍ତ୍ତମାନ ବାୟୁ ପ୍ରଦୂଷଣ ଏକ ଉତ୍କଟ ସମସ୍ୟା ପାଲଟିଛି। ସେହିପରି ବାୟୁ ପ୍ରଦୂଷଣର ବିଭିନ୍ନ କାରଣ ଥିବା ବେଳେ ହେୟାର୍ ଷ୍ଟାଇଲ ବା କେଶ ବିନ୍ୟାସ ମଧ୍ୟ ବାୟୁ ପ୍ରଦୂଷଣର ଅନ୍ୟତମ କାରଣ ବୋଲି କୁହାଯାଉଛି। ପୁର୍ଡୁ ବିଶ୍ୱବିଦ୍ୟାଳୟର ଏକ ନୂତନ ଗବେଷଣାରୁ ଏକଥା ସାମ୍ନାକୁ ଆସିଛି। ତେବେ କେଶକୁ ଆକର୍ଷଣୀୟ ଦେଖାଯିବା ପାଇଁ ବ୍ୟବହାର କରାଯାଉଥିବା ହେୟାର କେୟାର୍ ପ୍ରଡକ୍ଟ ସହ ହିଟିଂ ଟୁଲ୍‌ଗୁଡ଼ିକ ମଧ୍ୟ ବାୟୁ ପ୍ରଦୂଷଣର କାରଣ ହୋଇଥାଏ। ବ୍ୟସ୍ତ ବହୁଳ ସଡ଼କରୁ ଯେତିକି ମାତ୍ରାରେ ବାୟୁ ପ୍ରଦୂଷଣ ହୋଇଥାଏ ଏଗୁଡ଼ିକ ଦ୍ୱାରା ମଧ୍ୟ ସେତିକି ମାତ୍ରାରେ ପ୍ରଦୂଷଣ ହୋଇଥାଏ। ହେୟାର୍ ଷ୍ଟାଇଲ କରିବା ସମୟରେ ୫୦୦ ନାନୋମିଟର ପର୍ଯ୍ୟନ୍ତ କଣିକା ବାହାରେ। ଯାହାକି ମାନବ କେଶଠାରୁ ପ୍ରାୟ ୨୦୦ ଗୁଣ ଛୋଟ। ଏହି କ୍ଷୁଦ୍ର କଣିକା ଫୁସ୍‌ଫୁସ୍ ଭିତରକୁ ପ୍ରବେଶ କରି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ତେବେ ଏହି ଗବେଷଣା ନିମନ୍ତେ ଏକ ଛୋଟ ଗବେଷଣାଗାର ଡିଜାଇନ୍ କରାଯାଇଥିଲା। ଯାହାର ଉପଯୋଗ ପୂର୍ବରୁ କେଶ ଉତ୍ପାଦରେ ଥିବା ରସାୟନର ବିଶ୍ଳେଷଣ ପାଇଁ କରାଯାଇଥିଲା। ଗବେଷକମାନେ ସାଧାରଣ ହେୟାର୍ ଷ୍ଟାଇଲ ରୁଟିନ୍ ସମୟରେ ହିଟିଂ ଟୁଲ୍‌ର ଉପଯୋଗରୁ ଉତ୍ପନ୍ନ ବାୟୁ ପ୍ରଦୂଷଣ ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲେ। ତେବେ ଏହି ଫଳାଫଳରୁ ଜଣାପଡ଼ିଛି ଯେ, ନିୟମିତ ଲୋକେ ବ୍ୟବହାର କରୁଥିବା ହେୟାର କେୟାର ପ୍ରଡକ୍ଟ ଓ ହିଟିଂ ଟୁଲ୍‌ଗୁଡ଼ିକ ବାୟୁକୁ ବିଷାକ୍ତ କରୁଛି। ସେହିପରି ଏହା ଘର ଭିତରର ବାୟୁର ଶୁଦ୍ଧତା ଓ ପ୍ରସାଧାନ ସାମଗ୍ରୀ ବ୍ୟବହାର ଦ୍ୱାରା ସ୍ୱାସ୍ଥ୍ୟ ଉପରେ ପଡୁଥିବା ପ୍ରଭାବକୁ ନେଇ ପ୍ରଶ୍ନ ଉଠାଇଛି। ସେହିପରି କର୍ଲିଂ ଆଇରନ ଏବଂ ଷ୍ଟ୍ରେଟନର୍ ଭଳି ଷ୍ଟାଇଲିଂ ଉପକରଣରୁ ନିର୍ଗତ ଉତ୍ତାପ ହେୟାର୍ କେୟାର ଉତ୍ପାଦରେ ସାମିଲ ହେଲେ ଏହା ଅଧିକ କ୍ଷତିକାରକ ହୋଇଥାଏ ବୋଲି ଗବେଷକମାନେ କହିଛନ୍ତି। ଅନ୍ୟପଟେ ଏହି ଗବେଷଣା ଏନଭାଇରମେଣ୍ଟାଲ ସାଇନ୍ସ ଏବଂ ଟେକ୍ନୋଲୋଜିରେ ପ୍ରକାଶିତ।

## ଆଜିର ଇତିହାସ

- ୧୮୧୦- ଚିଲି ସ୍ପେନ୍‌ଠାରୁ ସ୍ୱାଧୀନ ହେବାକୁ ଘୋଷଣା କଲା।
- ୧୮୫୧- ନ୍ୟୁୟର୍କ ଟାଇମ୍ସ ସମ୍ବାଦପତ୍ରର ପ୍ରକାଶନ ଆରମ୍ଭ ହେଲା।
- ୧୯୨୨- ହଙ୍ଗେରୀ ମିଳିତ ଜାତିସଂଘରେ ସାମିଲ ହେଲା।
- ୧୯୪୭- ରାଷ୍ଟ୍ରୀୟ ସୁରକ୍ଷା ଅଧିନିୟମକୁ ଲାଗୁ କରାଗଲା।
- ୧୯୮୬- ମୁମ୍ବାଇରେ ପ୍ରଥମ ଥର ମହିଳା ଚାଳକମାନେ ଜେଟ୍ ବିମାନ ଉଡ଼ାଇଥିଲେ।
- ୨୦୦୩- ଢାକା ଓ ଅଗରତାଲା ବସ୍ ସେବା ଆରମ୍ଭ ହେଲା।

# ଫୋନ୍ ହାତରୁ ପଡ଼ିଲେ ବଢ଼େ ଚାପ

ସ୍ମାର୍ଟଫୋନ୍ ଏବେ ଆଉ ଏକ ଗ୍ୟାଜେଟ୍ ହୋଇ ରହିନାହିଁ ଏହା ଲୋକଙ୍କ ଦୈନନ୍ଦିନ ଜୀବନର ଏକ ଅଂଶ ହୋଇଯାଇଛି। ଟଙ୍କା ନେଣଦେଣ ଠାରୁ ଆରମ୍ଭ କରି ପାଠପଢ଼ା ସବୁକିଛି କାର୍ଯ୍ୟକୁ ସ୍ମାର୍ଟଫୋନ୍ ବେଶ୍ ସହଜ କରି ଦେଇଛି। ଏହି କାରଣ ଯୋଗୁଁ ଫୋନ୍ ହାତରୁ ଖସି ଗଲେ କି ଭାଙ୍ଗିଗଲେ ମନ ମଧ୍ୟ ଭାଙ୍ଗିଯାଏ। ନିକଟରେ କରାଯାଇଥିବା ଏକ ଅଧ୍ୟୟନରୁ ଏକଥା ଜଣାପଡ଼ିଛି ଯେ, ସ୍ମାର୍ଟଫୋନ୍ ପଡ଼ିଗଲେ କିମ୍ବା ଭାଙ୍ଗି ଗଲେ ୯୫ ପ୍ରତିଶତ ଲୋକ ଚାପରେ ରୁହନ୍ତି। ଏହି ସର୍ଭେ କାଉଣ୍ଟର ପଏଣ୍ଟ ରିସର୍ଚ୍ଚ ଦ୍ୱାରା ଭାରତର ଟିୟର-୧ ଏବଂ ଟିୟର-୨ ସହର ଉପରେ କରାଯାଇଥିଲା। ଏଥିରେ ୪,୫୬୪ ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ ମତାମତ ନିଆଯାଇଥିଲା। ଅନେକ ବ୍ୟବହାରକାରୀ ଏକଥା ସ୍ୱୀକାର କରିଛନ୍ତି, ସେମାନଙ୍କ ଫୋନ୍ ଦିନେ ନା ଦିନେ ପଡ଼ିଛି ଏବଂ ଏହା ପଡ଼ିବା ପରେ ସେମାନେ ବିଚଳିତ ହୋଇଥାନ୍ତି। ଫୋନ୍ ପଡ଼ିବା କୌଣସି ନୂଆ କି ନିଆରା କଥା ନୁହେଁ। ହେଲେ ଯେତେବେଳେ ବି ଫୋନ୍ ପଡ଼େ ଲୋକଙ୍କ ହୃଦ୍‌ସ୍ପନ୍ଦନ ବଢ଼ିଯାଉଥିବା ସେମାନେ କହିଛନ୍ତି। ଫୋନ୍ ଭାଙ୍ଗିଗଲେ ୭୯ ପ୍ରତିଶତ ଲୋକ ନୂଆ ଫୋନ୍ ସଉକରେ ନୁହେଁ, ବରଂ ବାଧ୍ୟବାଧକତାରେ କିଣିଥାନ୍ତି। ଯାହାକୁ ସେମାନେ ଅଯଥା ଖର୍ଚ୍ଚ ବୋଲି ଭାବନ୍ତି। ତେବେ ଫୋନ୍ ଭାଙ୍ଗିଲେ ମାନସିକ ଅବସାଦ ସହିତ ଆର୍ଥିକ ବୋଝ ମଧ୍ୟ ଉଠାଇବାକୁ ପଡ଼ିଥାଏ ବୋଲି ବ୍ୟବହାରକାରୀ କହିଛନ୍ତି। କାରଣ ନୂଆ ଫୋନ୍ ଇଏମ୍ଆଇ ନଚେତ ସଞ୍ଚିତ ଅର୍ଥରୁ ହିଁ କିଣିବାକୁ ପଡ଼େ। ଏହାବାଦ୍ ଆଜିକାଲି ଫୋନ୍‌ରେ ପ୍ରତ୍ୟେକ ଜିନିଷ ରହୁଛି। ତେଣୁ ଅଚାନକ ଫୋନ୍ ବନ୍ଦ ହୋଇଗଲେ କିମ୍ବା ଖରାପ ହୋଇଗଲେ ଜୀବନର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସବୁଦିନ ପାଇଁ ନଷ୍ଟ ହୋଇଯିବା ଭାବି ୮୯ ପ୍ରତିଶତ ବ୍ୟବହାରକାରୀ ଭୟରେ ରୁହନ୍ତି। ସେହିପରି ଏକ ତୃତୀୟାଂଶ ବ୍ୟବହାରକାରୀ ଫୋନ୍ ମରାମତିରେ ୫ ହଜାରରୁ ଅଧିକ ଟଙ୍କା ଖର୍ଚ୍ଚ କରିଥିବା କହିଥିଲେ। ଏହା ମଧ୍ୟ ଫୋନ୍ ପଡ଼ିବା ଭୟର ଅନ୍ୟତମ କାରଣ। ଅନ୍ୟପଟେ ଫୋନ୍‌କୁ ସୁରକ୍ଷିତ ରଖିବା ପାଇଁ କଭର୍ ଓ ସ୍କ୍ରିନ୍ ଗାର୍ଡ ରହିଛି। ହେଲେ ୭୮ ପ୍ରତିଶତ ବ୍ୟବହାରକାରୀ ଫୋନ୍‌କୁ ଅଧିକ ଷ୍ଟାଇଲିସ୍ ଦେଖାଇବା ପାଇଁ ଏହି ସୁରକ୍ଷା ଉପକରଣ ବ୍ୟବହାର କରନ୍ତି ନାହିଁ। କାରଣ ଏହା ଫୋନ୍‌ର ସୁନ୍ଦରତାକୁ କମ୍ କରିଥାଏ। ଏହି କାରଣରୁ ଫୋନ୍ ତଳେ ପଡ଼ି ଭାଙ୍ଗିଗଲେ ସେମାନେ ଅଯଥା ଖର୍ଚ୍ଚାନ୍ତ ହୋଇଥାନ୍ତି।



# ୩୦ ବର୍ଷ ପରେ ସମାନ ପୋଷାକରେ ଫେରିଲେ



ବିଶ୍ୱରେ ପ୍ରତିବର୍ଷ ହଜାର ହଜାର ଲୋକ ନିଖୋଜ ହୋଇଯାଆନ୍ତି। ନିଖୋଜ ବ୍ୟକ୍ତିଙ୍କୁ ଠାବ କରିବାକୁ ଟେଲିଭିଜନ, ଖବରକାଗଜ ଆଦିରେ ବିଜ୍ଞାପନ ଦିଆଯାଏ। କିଛି ବ୍ୟକ୍ତିଙ୍କ ପତ୍ତା ମିଳିଥାଏ, ଆଉ କିଛି ଲୋକ ସାରା ଜୀବନ ନିଖୋଜ ହୋଇ ରହିଯାଆନ୍ତି। ରୋମାନିଆର ଭେଜିଲେ ଗରଗୋ ନାମକ ବ୍ୟକ୍ତି ହଜିବାର ୩୦ ବର୍ଷ ପରେ ଘରକୁ ଫେରିଆସି ଚର୍ଚ୍ଚାରେ ରହିଛନ୍ତି। ଅନେକ ଲୋକ ଘରୁ ପଳାଇ ଯିବାର ୨୦ରୁ ୩୦ ବର୍ଷ ପରେ ଘରକୁ ଫେରୁଥିବାବେଳେ ଭେଜିଲେଙ୍କ ସମ୍ପର୍କରେ ଖାସ୍ କଥାଟି ହେଉଛି ସେ ୩୦ ବର୍ଷ ତଳେ ଯେଉଁ ପୋଷାକ ପିନ୍ଧି ନିଖୋଜ ହୋଇ ଯାଇଥିଲେ ସେହି ପୋଷାକରେ ହିଁ ଫେରି ଆସିଛନ୍ତି। ୩୦ ବର୍ଷ ପୂର୍ବେ ଭେଜିଲେ ଗୋପାଳନ କରୁଥିଲେ। ସେ ୧୯୯୧ ମସିହାରେ ତାଙ୍କ ବ୍ୟବସାୟ ସମ୍ପର୍କୀୟ କିଛି କାର୍ଯ୍ୟ ପାଇଁ ଘରୁ ବାହାରିଥିଲେ। ସେତେବେଳେ ତାଙ୍କୁ ୬୬ ବର୍ଷ ହୋଇଥିଲା। ସବୁଦିନ ଯେମିତି ସେ ଘରୁ ଯାଆନ୍ତି ସେଦିନ ବି ସେଭଳି ବାହାରିଥିଲେ। ସେ ଘରକୁ ଫେରିବା ଟିକେଟ ମଧ୍ୟ କରିଥିଲେ। ଘରକୁ କିନ୍ତୁ ଭେଜିଲେ ଫେରି ନଥିଲେ। ପରିବାର ଲୋକେ ବହୁତ ଖୋଜାଖୋଜି ପରେ ଥାନାରେ ଏନେଇ ଏତଲା ଦେଇଥିଲେ। ତାଙ୍କୁ ଖୋଜିବା ପାଇଁ ଏକ ଅଭିଯାନ ମଧ୍ୟ ଚଳାଇଥିଲେ। ବହୁ ବର୍ଷ ପରେ ତାଙ୍କ ପରିବାର ଲୋକେ ଭେଜିଲେଙ୍କର ମୃତ୍ୟୁ ହୋଇ ଯାଇଥିବା ଭାବିନେଲେ। ଭେଜିଲେ ନିଖୋଜ ହେବାର ୩୦ ବର୍ଷ ପରେ ପୁଣି ଥରେ ତାଙ୍କ ଘରକୁ ଫେରି ଆସିଥିଲେ। ତେବେ ଭେଜିଲେ ଫେରି ଆସିବା ପରେ ତାଙ୍କ ପରିବାର ଲୋକଙ୍କ ମନରେ ଅନେକ ପ୍ରଶ୍ନ ଆସିଥିଲା। ତାଙ୍କୁ ଏକ କାର୍ ଆଣି ଘରେ ଛାଡ଼ି ଦେଇଥିଲା। କାର୍‌ଟି ଏତେ ଦ୍ରୁତ ଗତିରେ ଆସିଥିଲା ଯେ ପରିବାର ଲୋକେ ତା'ର ନମ୍ବର ମଧ୍ୟ ଦେଖିପାରି ନଥିଲେ। ତେବେ ଭେଜିଲେ ତାଙ୍କର ଯେଉଁ ପରିଚୟ ପତ୍ର ୩୦ ବର୍ଷ ତଳେ ରଖିଥିଲେ ଫେରି ଆସିବା ପରେ ତାହା ତାଙ୍କ ପାଖରେ ଥିଲା। ୩୦ ବର୍ଷ ତଳେ ଟ୍ରେନ୍‌ରେ ଯାତ୍ରା କରିବା ପାଇଁ ଯେଉଁ ଟିକଟ ସେ କିଣିଥିଲେ ତାହା ମଧ୍ୟ ଭେଜିଲେଙ୍କ ନିକଟରୁ ମିଳିଥିଲା। ପରିବାର ଲୋକେ ଭେଜିଲେଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଡାକ୍ତର କହିଥିଲେ। କେବଳ ବୟସାଧିକ ଯୋଗୁ ତାଙ୍କର ମାନସିକ ସ୍ୱାସ୍ଥ୍ୟରେ କିଛିଟା ପରିବର୍ତ୍ତନ ଦେଖାଯାଇଥିଲା। ତେବେ ଭେଜିଲେ ଫେରି ଆସିବା ପରେ ବହୁତ କିଛି ତାଙ୍କର ମନେଥିବା ତାଙ୍କ ପରିବାର ଲୋକେ ଜାଣିବାକୁ ପାଇଥିଲେ। ହେଲେ ସେ ତାଙ୍କ ପୁଅଝିଅଙ୍କୁ ଫେରି ଆସିବା ପରେ ଚିହ୍ନି ପାରି ନ ଥିଲେ। ଭେଜିଲେଙ୍କ ପୁଅ କୁହନ୍ତି, 'ଏତେ ଦିନ ଧରି ବାପା କେଉଁଠି ଥିଲେ, କିଏ ତାଙ୍କୁ ରଖିଥିଲା, କାମ କରିବାକୁ ତାଙ୍କୁ ଜୋରଜବରଦସ୍ତ କରାଯାଉଥିଲା କି ନାହିଁ, ଏମିତି ଅନେକ ପ୍ରଶ୍ନ ପଚାରିଲେ ବି ସେ କିଛି କହିପାରୁ ନାହାନ୍ତି। କେବଳ ଗୋଟିଏ କଥା କହୁଛନ୍ତି ସେ ଗୋଟିଏ ଘରେ ଥିଲେ।' ଭେଜିଲଙ୍କେ କାହାଣୀ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଲୋକେ ଏହା ଉପରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

# ବିଦ୍ୟୁତ୍ ଝଟ୍‌କା ଦେଉଥିବା ମାଛ



ନଦୀ ତଥା ସମୁଦ୍ରରେ ବିଭିନ୍ନ ପ୍ରଜାତିର ମାଛ ଦେଖାଯାନ୍ତି। ପ୍ରତ୍ୟେକ ପ୍ରଜାତି ମାଛର ନିଜସ୍ୱ ବିଶେଷତ୍ୱ ରହିଥାଏ। ତନ୍ମଧ୍ୟରୁ କିଛି ମାଛ ମଣିଷମାନଙ୍କ ପାଇଁ ବେଶ୍ ବିପଜ୍ଜନକ ହୋଇଥାନ୍ତି। ଏମିତି ଏକ ବିରଳ ଓ ବିପଜ୍ଜନକ ମାଛ ହେଉଛି ଇଲ୍। ଏହି ମାଛ ଏତେ ଭୟାନକ ଯେ, ଏହାର ଝଟ୍‌କାରେ କୁମ୍ଭୀରଟିଏ ବି ମରିଯାଏ। ଇଲ୍ ମାଛ ଦେହରେ ହାଇଭୋଲଟେଜ୍ କରେଣ୍ଟ ଅଛି। ଜୀବନ ପ୍ରତି ବିପଦ ଅଛି ଆଶଙ୍କା କଲେ ଇଲ୍ ମାଛ ୮୬୦ ଭୋଲ୍‌ଟର କରେଣ୍ଟ ଛାଡ଼ିଥାଏ। ଏହି ମାଛ କରେଣ୍ଟ ଦ୍ୱାରା ଶିକାର କରିବା ସହ ଏହାରି ସାହାଯ୍ୟରେ ନିଜ ଜୀବନ ମଧ୍ୟ ରକ୍ଷା କରିଥାଏ। ଇଲ୍ ମାଛ ତା'ର ଶରୀରରୁ ହିଁ ବିଦ୍ୟୁତ୍ ଉତ୍ପନ୍ନ କରି ଝଟ୍‌କା ଦେଇଥାଏ। ଏହି ମାଛ ତାର ବିଦ୍ୟୁତ୍ ଝଟ୍‌କାରେ ମଣିଷକୁ ବେହୋସ କରିଦେଇପାରେ। ତେବେ ବୈଜ୍ଞାନିକମାନଙ୍କର କହିବା କଥା, ଇଲ୍ ମାଛରେ କିଛି ସ୍ୱତନ୍ତ୍ର କୋଷିକା ଅଛି, ଯାହାକୁ ଇଲେକ୍ଟ୍ରୋସାଇଟସ୍ କହନ୍ତି। ଏଥିରୁ ହିଁ ବିଦ୍ୟୁତ୍ ଉତ୍ପନ୍ନ ହୁଏ।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ଚାକିରିରେ ନୂଆ ସୁଯୋଗ ଜୁଟିବ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।



ମନ୍ଧାନାଙ୍କ ରେକର୍ଡ ଶତକ

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-85 ◆THURSDAY ◆18 SEPTEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୮୫ ◆ଗୁରୁବାର ◆୧୮ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


### ଆଜିଠୁ ବିଧାନସଭାର ମୌସୁମୀ ଅଧିବେଶନ

# ନାରୀ ସୁରକ୍ଷା, ସାର ପ୍ରସଙ୍ଗରେ କମ୍ପିବ ଗୃହ



**ବିରୋଧୀଙ୍କ ତୂଣୀରରେ ମାଳମାଳ ଅଭେଦ୍ୟ ବାଣ**

**ସରକାରଙ୍କ ପାଇଁ ସହଜ ହେବନାହିଁ ଅଧିବେଶନ**

**ଅନାସ୍ଥା ପ୍ରସ୍ତାବ ଆଣିବ ବିରୋଧୀ କଂଗ୍ରେସ ଦଳ**

■ **ଭୁବନେଶ୍ୱର, ୧୭।୯ (ସମିସ):** ଆସନ୍ତାକାଲିଠାରୁ ଆରମ୍ଭ ହେବ ସପ୍ତଦଶ ବିଧାନସଭାର ଚତୁର୍ଥ ଅର୍ଥାତ୍ ମୌସୁମୀ ଅଧିବେଶନ। ୭ ଦିନିଆ ଏହି ସଂକ୍ଷିପ୍ତ ଅଧିବେଶନରେ ସରକାରଙ୍କୁ ଘେରିବା ସହ ଅଡ଼ୁଆରେ ପକାଇବା ପାଇଁ ଉଭୟ ବିଜେଡି ଓ କଂଗ୍ରେସ ପ୍ରସ୍ତୁତ । ଗତ ବଜେଟ ଅଧିବେଶନରୁ ମୌସୁମୀ ଅଧିବେଶନ ମଧ୍ୟରେ ରାଜ୍ୟରେ ଘଟିଥିବା ଏକାଧିକ ଘଟଣା ପାଇଁ ସରକାର ବେଶ୍ ଅଡୁଆ ସ୍ଥିତିର ସାମ୍ନା କରିଛନ୍ତି। ରାଜ୍ୟରେ ମହିଳା ସୁରକ୍ଷା ଏବଂ ଦୁଷ୍କର୍ମ ମାମଲା ପାଇଁ ଓଡ଼ିଶାକୁ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ନିନ୍ଦିତ ହେବାକୁ ପଡ଼ିଛି। ଏହାବ୍ୟତୀତ ରାଜ୍ୟରେ ସାରର ଉତ୍କଟ ଅଭାବ ସ୍ଥିତି, ପଞ୍ଚାୟତ ବ୍ୟବସ୍ଥାରେ ଅଫିସରଙ୍କ କ୍ଷମତା ବୃଦ୍ଧି, ରଥଯାତ୍ରା ବିଭ୍ରାଟ, ରଙ୍ଗମରା ରାଜନୀତି ଆଦି ପ୍ରସଙ୍ଗକୁ ନେଇ ବିରୋଧୀ ସରକାରଙ୍କୁ କାଠଗଡ଼ାକୁ ଟାଣିବେ। ବୁଧବାର ସନ୍ଧ୍ୟାରେ ଦୁଇ ଦଳର ବିଧାୟକ ଦଳ ବୈଠକରେ ରଣନୀତି ପ୍ରସ୍ତୁତ ହୋଇଛି ଓ ସରକାରଙ୍କୁ ଭେଦ କରିବା ପରି ଅଭେଦ୍ୟ ତୀରକୁ ଦୁଇ ଦଳ ପ୍ରସ୍ତୁତ କରି ରଖିଛନ୍ତି। ଏହି ସମୟରେ ସରକାରଙ୍କ ବିରୋଧରେ ଅନାସ୍ଥା ଆଣିବାକୁ ବିରୋଧୀ କଂଗ୍ରେସର ଘୋଷଣା ସରକାରଙ୍କୁ ଗଳଦଘର୍ମ କରିଛି।

ଗତ ୩ରୁ ୪ ମାସ ମଧ୍ୟରେ ରାଜ୍ୟ ସରକାର ଏକାଧିକ ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ଶାଣିତ ସମାଲୋଚନା ଏବଂ ପ୍ରବଳ ବିରୋଧର ସମ୍ମୁଖୀନ ହୋଇଛନ୍ତି। ଯାହାକୁ ନେଇ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଗୃହରେ ସରକାରଙ୍କୁ ଷଣ୍ଢୁଆସୀ ଆକ୍ରମଣ କରିପାରନ୍ତି। ପ୍ରମୁଖ ସମସ୍ୟା ବ୍ୟତୀତ ପରୀକ୍ଷା କେଳେଙ୍କାରୀ, ପ୍ରଶାସନିକ ସ୍ଥାଣୁତା, ବିକାଶ କାର୍ଯ୍ୟ ଅଟକିବା, ରଥଯାତ୍ରା ବିଭ୍ରାଟ ଆଦି ପ୍ରସଙ୍ଗରେ ମଧ୍ୟ ଗୃହ କମ୍ପିବା ନେଇ ଅନୁମାନ କରାଯାଉଛି। ଅଧିବେଶନଟି ମାତ୍ର ୭ଦିନିଆ ହୋଇଥିଲେ ହେଁ ବିରୋଧୀ ସରକାରଙ୍କୁ ଘେରିବା ପାଇଁ କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହୁଁନଥିବା ଜଣାପଡ଼ିଛି। ତେଣୁ ଏହି ୭ ଦିନିଆ ଅଧିବେଶନ ସରକାରଙ୍କ ପାଇଁ ନିଶ୍ଚିତ ଆହ୍ୱାନ ସୃଷ୍ଟି କରିବ ବୋଲି ରାଜନୈତିକ ମହଲ ଟିପ୍ପଣୀ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ପ୍ରଥମ ଦିନରେ ଗୃହର ଦିବଙ୍ଗତ ପୂର୍ବତନ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଗୃହର ନେତା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରସ୍ତାବ ଆଗତ କରିବେ । ଗତ ଅଧିବେଶନ ଶେଷ ଓ ଚଳିତ ଅଧିବେଶନ ମଧ୍ୟରେ ବିଧାନସଭାର ପୂର୍ବତନ ଉପ ବାଚସ୍ପତି ବିଭୂତି ଭୂଷଣ ସିଂ ମର୍ଦ୍ଦରାଜଙ୍କ ସମେତ ୫ ଜଣ ପୂର୍ବତନ ସଦସ୍ୟ ଓ ନୂଆପଡାର ଆସୀନ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କର ଦେହାନ୍ତ ହୋଇଛି। ଏହି ଦିବଙ୍ଗତଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ ହେବା ପରେ ଗୃହରେ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯିବ। ଏହାପରେ ବାଚସ୍ପତି ଗୃହକୁ ଶୁକ୍ରବାର ଯାଏଁ ମୁଲତବୀ ରଖିବେ ବୋଲି ସ୍ଥିରୀକୃତ ହୋଇଛି।

### ଏସ୍ଆଇଆର୍‌କୁ ନେଇ ନିର୍ବାଚନ କମିସନଙ୍କ ସ୍ପଷ୍ଟୀକରଣ

# ଦେଶର ଅଧା ଭୋଟରଙ୍କୁ ଦେବାକୁ ପଡ଼ିବନି ପ୍ରମାଣପତ୍ର

■ **ନୂଆଦିଲ୍ଲୀ, ୧୭।୯ (ଏଜେନ୍ସି):** ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍ଆଇଆର୍‌କୁ ନେଇ ସଡ଼କଠାରୁ ସଂସଦ ପର୍ଯ୍ୟନ୍ତ ବିରୋଧୀ ବିକ୍ଷୋଭ କରୁଛନ୍ତି। ଏହା ମାଧ୍ୟମରେ ନିର୍ବାଚନ କମିସନ ଜାଲିଆତି କରି ସରକାରଙ୍କୁ ସମର୍ଥନ ଦେଉଥିବା ଅଭିଯୋଗ ଲଗାଇଛନ୍ତି। ଏହାସତ୍ତ୍ୱେ ସାରା ଦେଶରେ ଏସ୍ଆଇଆର ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ନିର୍ବାଚନ କମିସନ (ଇସି) ଘୋଷଣା କରିଛନ୍ତି। ଏହି ମାମଲା ମଧ୍ୟ ସୁପ୍ରିମକୋର୍ଟରେ ଚାଲିଛି। ପ୍ରକ୍ରିୟାରେ ତ୍ରୁଟି ଥିବା ଜଣା ପଡ଼ିଲେ ସମ୍ପୂର୍ଣ୍ଣ ଏସଆଇଆରକୁ ରଦ୍ଦ କରିଦିଆଯିବ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ଇସିଙ୍କୁ ଚେତାବନୀ ଦେଇଛନ୍ତି। ଏପରି ସମୟରେ ଏସ୍ଆଇଆରକୁ ନେଇ କମିସନ୍ ଆଜି ସ୍ପଷ୍ଟୀକରଣ ଦେଇଛନ୍ତି। କହିଛନ୍ତି ଯେ ଏହି ପ୍ରକ୍ରିୟାରେ ଦେଶ ଅଧିକାଂଶ ରାଜ୍ୟର ଅଧାରୁ ଅଧିକ ଭୋଟରଙ୍କୁ କୌଣସି ପ୍ରକାରର ପ୍ରମାଣପତ୍ର ଦେବାକୁ ପଡ଼ିବ ନାହିଁ। କାରଣ ଏଭଳି ଭୋଟରଙ୍କ ନାମ ପୂର୍ବରୁ ▶ପୃଷ୍ଠା-୭

**୧୯୮୭ ପରେ ଜନ୍ମିତ ଭୋଟରଙ୍କୁ ଦେବାକୁ ହେବ ପିତାମାତାଙ୍କ ପ୍ରମାଣପତ୍ର**

## ଇଭିଏମ୍‌ରେ ଲାଗିବ ପ୍ରାର୍ଥୀଙ୍କ ରଙ୍ଗୀନ ଫଟୋ

■ **ନୂଆଦିଲ୍ଲୀ, ୧୭।୯ (ଏଜେନ୍ସି):** ଏଥର ଇଲେକ୍ଟ୍ରୋନିକ ଭୋଟିଂ ମେସିନ (ଇଭିଏମ) ବାଲାଟ ପେପରରେ ପ୍ରାର୍ଥୀଙ୍କ ରଙ୍ଗୀନ ଫଟୋ ରହିବ। ପ୍ରାର୍ଥୀଙ୍କ କ୍ରମିକ ସଂଖ୍ୟା ଏବଂ ଫଟୋର ଆକାର ମଧ୍ୟ ବଡ଼ କରାଯିବ। ପ୍ରାର୍ଥୀଙ୍କ ନାମକୁ ଭୋଟର ଭଲ ଭାବେ ପଢ଼ିବା ଏବଂ ଦେଖିବା ପାଇଁ ଏହି ସଂଶୋଧନ କରାଯାଉଛି। ବିହାର ବିଧାନସଭା ନିର୍ବାଚନରୁ ଭାରତୀୟ ନିର୍ବାଚନ କମିସନ ଏହା ଆରମ୍ଭ କରିବାକୁ ଯାଉଛନ୍ତି। ସୂଚନାଯୋଗ୍ୟ ଯେ ଇଭିଏମ ବାଲଟ ପେପରରେ ସବୁ ପ୍ରାର୍ଥୀଙ୍କ ନାମ, ନିର୍ବାଚନୀ ଚିହ୍ନ ଏବଂ ଫଟୋ ରହିଥାଏ। କମିସନଙ୍କ ପକ୍ଷରୁ କୁହାଯାଇଛି ଯେ ୧୯୬୧ର ▶ପୃଷ୍ଠା-୭

# କାନ୍ଦୁଛି ଓଡ଼ିଶା ଆଦର୍ଶ ବିଦ୍ୟାଳୟ

### ୩୨୦ରୁ ୨୬୫ରେ ନାହାନ୍ତି ସ୍ଥାୟୀ ଅଧକ୍ଷ

■ **ଭୁବନେଶ୍ୱର, ୧୭।୯ (ସମିସ):** ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ରେ ଖାଲି ପଡ଼ିଛି ଅଧକ୍ଷ ଓ ଶିକ୍ଷକ ପଦ ଖାଲି। ଅର୍ଦ୍ଧାଧିକ ବିଦ୍ୟାଳୟରେ ନିୟମିତ ଅଧକ୍ଷ ନାହାନ୍ତି। ବିଭିନ୍ନ ବିଷୟରେ ପାଠ ପଢ଼ାଇବାକୁ ମଧ୍ୟ ଶିକ୍ଷକ ନାହାନ୍ତି। ୩୮ ପ୍ରତିଶତରୁ ଅଧିକ ପଦ ଖାଲି ପଡ଼ିଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏପରିକି ନିୟମିତ ଅଧକ୍ଷ ନ ଥିବାରୁ ପ୍ରଶାସନିକ ଅଚଳାବସ୍ଥା ମଧ୍ୟ ସୃଷ୍ଟି ହୋଇଛି। ଫଳରେ ରାଜ୍ୟର ଏହି ଅନନ୍ୟ ଏବଂ ପ୍ରଥମ ସରକାରୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଶିକ୍ଷାଦାନ ଲକ୍ଷ୍ୟଭ୍ରଷ୍ଟ ହେଉଛି। କୌତୂହଳର କଥା ହେଉଛି ୩୧୫ଟି ବିଦ୍ୟାଳୟରେ ମାତ୍ର ଜଣେ ଲାଇବ୍ରେରିଆନ୍ ନିଯୁକ୍ତ ହୋଇଛନ୍ତି।

ରାଜ୍ୟରେ ମୋଟ୍ ୩୧୫ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ସହିତ ୫ଟି ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ (ଓଏମ୍ଏଭି) ରହିଛି। ସମୁଦାୟ ୩୨୦ଟି ବିଦ୍ୟାଳୟ ମଧ୍ୟରୁ ୨୬୫ଟି ରେ ନିୟମିତ ଅଧକ୍ଷ ନାହାନ୍ତି। ଅର୍ଥାତ୍ ୮୨ ପ୍ରତିଶତ ଅଧକ୍ଷ ପଦ ଖାଲି ପଡ଼ିଛି। ସେହିପରି ମୋଟ୍ ୭୩୭୦ଟି ମଞ୍ଜୁରୀପ୍ରାପ୍ତ ପଦ ମଧ୍ୟରୁ ୨୮୦୫ଟି ପଦ ଖାଲି ପଡ଼ିଛି। ଶିକ୍ଷା ସାଙ୍ଗକୁ ପିଲାଙ୍କୁ କଳା କ୍ଷେତ୍ରରେ ମଧ୍ୟ ଦକ୍ଷ କରିବା ପାଇଁ ଆର୍ଟ ଓ ସଂଗୀତ ଶିକ୍ଷକ ପଦ ସୃଷ୍ଟି କରାଯାଇଥିଲା। ହେଲେ ଏସବୁ ବାଟବଣା ହୋଇଛି। ୩୧୪ଟି ଲେଖାଏଁ ପଦରୁ ୧୦୧ଟି ଆର୍ଟ ଶିକ୍ଷକ ଖାଲି ପଡ଼ିଥିବାବେଳେ ୨୩୪ଟି ସଂଗୀତ ଶିକ୍ଷକ ପଦରେ କେହି ନାହାନ୍ତି। ଅନୁରୂପ ଭାବେ ଛାତ୍ରଛାତ୍ରୀଙ୍କ ପଠନ କ୍ଷମତା ବଢ଼ାଇବା ଏକାଧିକ ପଦକ୍ଷେପ ନିଆଯାଉଥିବା ବେଳେ ପିଲାଙ୍କୁ ବହି ଯୋଗାଇବାକୁ ଉଦ୍ଦିଷ୍ଟ ଲାଇବ୍ରେରିଆନ୍ ପଦ ମଧ୍ୟ ଫାଙ୍କା ରହିଛି। ୩୧୫ଟି ଓଏଭିରେ ମାତ୍ର ଜଣେ ଲାଇବ୍ରେରୀଆନ୍ ନିଯୁକ୍ତ ହୋଇଥିବାବେଳେ ୩୧୪ଟିରେ କେହି ନାହାନ୍ତି। ୬୬୩ଟି ପ୍ରଶିକ୍ଷିତ ସ୍ନାତକ ଶିକ୍ଷକ (ଟିଜିଟି) ଏବଂ ୮୯୧ଟି ସ୍ନାତକୋତ୍ତର ଶିକ୍ଷକ (ପିଜିଟି) ମଧ୍ୟ ଖାଲି ପଡ଼ିଥିବାରୁ ଶିକ୍ଷାଦାନ ଏକ ପ୍ରକାର ବାଟବଣା ହୋଇ ଯାଇଛି। ୮୨ ପ୍ରତିଶତ ବିଦ୍ୟାଳୟରେ ଅଧକ୍ଷ ଏବଂ ୩୮ ପ୍ରତିଶତ ଶିକ୍ଷକ ପଦ ଖାଲି ପଡ଼ିଥିବାରୁ ଅଭିଭାବକଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି। ସମସ୍ତ ପଦ ପୂରଣ କରି ଶିକ୍ଷାଦାନ ବ୍ୟବସ୍ଥା ସୁବ୍ୟବସ୍ଥିତ କରିବାକୁ ଅଭିଭାବକଙ୍କ ସମେତ ଶିକ୍ଷାବିତ୍‌ମାନେ ଦାବି କରିଛନ୍ତି।

**ମୋଟ ଶିକ୍ଷକ ପଦରୁ ୩୮ ପ୍ରତିଶତ ଖାଲି**

**ଆର୍ଟ ଓ ସଂଗୀତ ଶିକ୍ଷକ ସଂଖ୍ୟା ସର୍ବନିମ୍ନ**

**୬୬୩ ଟିଜିଟି, ୮୯୧ ପିଜିଟି ପଦ ଖାଲି**

**୩୧୫ ସ୍କୁଲରେ ମାତ୍ର ଜଣେ ଲାଇବ୍ରେରୀଆନ**

### ମହିଳା କନେଷ୍ଟବଳ ନିଖୋଜ ଘଟଣା

# ରାଜଧାନୀରେ ହତ୍ୟା; ଘଟଗାଁରୁ ମିଳିଲା ଶବ

**ଭୁବନେଶ୍ୱର, ୧୭।୯ (ସମିସ):** ରାଜଧାନୀରୁ ନିଖୋଜ ହେବାର ୧୧ ଦିନ ପରେ ଘଟଗାଁ ଜଙ୍ଗଲ ମାଟିତଳୁ ମିଳିଛି ମହିଳା କନଷ୍ଟେବଲ ଶୁଭମିତ୍ରାଙ୍କ ଗଳିତ ଶବ। କମିଶନରେଟ ପୁଲିସ କାର୍ଯ୍ୟାଳୟରେ କାର୍ଯ୍ୟରତ କନଷ୍ଟେବଲ ଦୀପକ ରାଉତ ସମ୍ପୃକ୍ତ ମହିଳା କନଷ୍ଟେବଲଙ୍କୁ ରାଜଧାନୀରେ ହତ୍ୟା କରି ଘଟଗାଁରେ ପୋତିଥିବା ପ୍ରମାଣ ମିଳିଛି । ନିଖୋଜ ଓ ଅପହରଣ ସଂକ୍ରାନ୍ତରେ ତାଙ୍କ ପରିବାର ଲୋକଙ୍କ ଅଭିଯୋଗକୁ ପୁଲିସ ଅଣଦେଖାର ମୂଲ୍ୟ ଶୁଭମିତ୍ରା ଓ ତାଙ୍କ ପରିବାରକୁ ଦେବାକୁ ପଡ଼ିଛି । ପ୍ରଥମ ପତ୍ନୀଙ୍କ ଦୁର୍ଘଟଣାଜନିତ ସନ୍ଦିଗ୍ଧ ମୃତ୍ୟୁ ପରେ କୋଟିଏ ଟଙ୍କାର ବୀମା ପାଇଥିବା କମିଶନରେଟ ପୁଲିସର କନଷ୍ଟେବଲ ଦୀପକ ରାଉତ ପୁଣି କୋଟିଏ ଟଙ୍କା ବୀମାରାଶି ହାତେଇବାକୁ କନଷ୍ଟେବଲ ଥିବା ନିଜ ପତ୍ନୀ ଶୁଭମିତ୍ରାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି । ଖୋଦ ପୁଲିସ କମିଶନ ସୁରେଶ ଦେବଦତ୍ତ ସିଂହଙ୍କ କାର୍ଯ୍ୟାଳୟର ଜଣେ ପୁଲିସ କର୍ମଚାରୀ ଏହି ଘଟଣାରେ ଜଡ଼ିତ ଥିବା ପୁଲିସର ଭୂମିକା ଓ ଚରିତ୍ରକୁ ସନ୍ଦେହରେ ପକାଇଛି।

ଖୋର୍ଦ୍ଧା ଜିଲ୍ଲା ପିଚୁକୁଳିର ଶୁଭମିତ୍ରା ପୁଲିସ କମିସନର (ସିପି) ଅଫିସରେ ଥିବା ଟ୍ରାଫିକ ଡିସିପିଙ୍କ କାର୍ଯ୍ୟାଳୟରେ କନଷ୍ଟେବଲ ଭାବରେ କାମ କରୁଥିଲେ। ସେହିପରି କନେଷ୍ଟବଳ ଦୀପକ ରାଉତ କମିଶନରେଟ ପୁଲିସରେ ଆକାଉଣ୍ଟ ସେକ୍ସନରେ କିରାଣୀ ଭାବରେ କାର୍ଯ୍ୟ କରୁଥିଲେ। ଦୀପକଙ୍କ ପ୍ରଥମ ପତ୍ନୀଙ୍କ ମୃତ୍ୟୁପରେ ଶୁଭମିତ୍ରାଙ୍କ ସହ ତାଙ୍କର ସମ୍ପର୍କ ବଢ଼ିଥିଲା ଓ ଗତବର୍ଷ ଜୁଲାଇ ମାସରେ ଉଭୟ ଖଣ୍ଡଗିରି ସବରେଜିଷ୍ଟ୍ରାରଙ୍କ ନିକଟରେ କୋର୍ଟ ମ୍ୟାରେଜ୍ କରିଥିଲେ। ସୂର୍ଯ୍ୟନଗରରେ ରହୁଥିବା ଶୁଭମିତ୍ରା ଗତ ୬ ତାରିଖ ଦିନ ଡ୍ୟୁଟିକୁ ଯାଇ ସନ୍ଧ୍ୟା ଘରକୁ ଫେରିନଥିଲେ। ତା’ ପରଠାରୁ ତାଙ୍କ ମୋବାଇଲ୍ ସୁଇଚ୍ ଅଫ୍ ରହିଥିଲା। ଶୁଭମିତ୍ରାଙ୍କ ସହିତ ▶ପୃଷ୍ଠା-୭



**୧୧ ଦିନ ପରେ ଜବତ ହେଲା ଗଳିତ ଶବ**

**ଘଟଗାଁରେ ପୋତା ହୋଇଥିଲା ମୃତଦେହ**

**ପ୍ରଥମ ପତ୍ନୀଙ୍କ ମୃତ୍ୟୁ ପରେ ମିଳିଥିଲା କୋଟିଏ**

**ଆଉ କୋଟିଏ ପାଇଁ ଶୁଭମିତ୍ରାଙ୍କୁ ହତ୍ୟା ସନ୍ଦେହ**

### ବ୍ୟଥିତ ନବୀନଙ୍କ ଉଦ୍‌ବେଗ

## ଗୃହ ବିଭାଗର କୁମ୍ଭକର୍ଣ୍ଣ ନିଦ ଭାଙ୍ଗୁ



■ **ଭୁବନେଶ୍ୱର, ୧୭।୯ (ସମିସ):** କମିଶନରେଟ ପୁଲିସରେ କାର୍ଯ୍ୟରତ ୨୫ ବର୍ଷୀୟ ମହିଳା କନେଷ୍ଟବଳ ରାଜଧାନୀରୁ ନିଖୋଜ ହେବା ଏବଂ ପରେ ତାଙ୍କ ମୃତ ଦେହ ମିଳିବା ଘଟଣାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ଘଟଣା ତାଙ୍କୁ ଅତ୍ୟନ୍ତ ବ୍ୟଥିତ ଓ ଚକିତ କରିଥିବା ଉଲ୍ଲେଖ କରି ଗୃହ ବିଭାଗ କୁମ୍ଭକର୍ଣ୍ଣ ନିଦରୁ ଉଠୁ ବୋଲି ନବୀନ କହିଛନ୍ତି।

‘ଏକ୍ସ’ରେ ନବୀନ କହିଛନ୍ତି ଯେ ଭୁବନେଶ୍ୱର ଟ୍ରାଫିକ୍ ଡିସିପି କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା କନେଷ୍ଟବଳ ଶୁଭମିତ୍ରା ସାହୁ ସେପ୍ଟେମ୍ବର ୬ ତାରିଖରେ ଡ୍ୟୁଟି ସାରି ଘରକୁ ଫେରି ନ ଥିଲେ। ତାଙ୍କ ମାଆ ୭ ତାରିଖ ଦିନ ପୁଲିସରେ ବିଧିବଦ୍ଧ ଅଭିଯୋଗ କରିଥିଲେ। ହେଲେ ଆଜି ଘଟଗାଁରେ ତାଙ୍କର ଶବ ▶ପୃଷ୍ଠା-୭

### ଇ-ଚାଲାଣପ୍ରାପ୍ତଙ୍କୁ ମିଳିବ ଆଶ୍ୱସ୍ତି

# ରିଆତି ଜରିମାନାରେ ମୁକୁଳିବେ ଗାଡ଼ି ମାଲିକ

■ **ଭୁବନେଶ୍ୱର, ୧୭।୯ (ସମିସ):** ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି କ୍ରମରେ ମୋଟା ଅଙ୍କର ଇ-ଚାଲାଣପ୍ରାପ୍ତଙ୍କୁ ଆଶ୍ୱସ୍ତି ମିଳିବ। ବିଭିନ୍ନ ଟ୍ରାଫିକ୍ ନିୟମ ଉଲ୍ଲଂଘନ ପାଇଁ ଯେଉଁ ପରିମାଣରେ ଇ-ଚାଲାଣ କଟାଯାଇଛି ତାହାକୁ ପ୍ରାୟ ଅଧା କରିଦିଆଯାଇଥିବା ବେଳେ ଏହାକୁ ଆସନ୍ତା ୬ ମାସ ମଧ୍ୟରେ ନିୟମ ଉଲ୍ଲଂଘନକାରୀଙ୍କୁ ସୁଯୋଗ ଦିଆଯାଇଛି। ଏନେଇ ବୁଧବାର ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଥିବା ବେଳେ ରିଆତି ଜରିମାନ ରାଶି ତାଲିକା ମଧ୍ୟ ପ୍ରକାଶ ପାଇଛି।

ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ ମୋଟର ଯାନ ଆଇନ ଅନୁସାରେ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କୁ କରାଯାଇଥିବା ଅନେକ ଇ-ଚାଲାଣ ବକେୟା ପଡ଼ିଛି। ଏହାକୁ ‘ଏକକାଳୀନ ସମାଧାନ ଯୋଜନା’ ମାଧ୍ୟମରେ ନିୟମ ଖିଲାପକାରୀଙ୍କଠାରୁ ନିର୍ଦ୍ଦିଷ୍ଟ ଜରିମାନା ଆଦାୟ କରାଯାଇ ଏହି ମାମଲାକୁ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ଜୁଲାଇ ୨୦୨୫ ସୁଦ୍ଧା ଯେଉଁମାନଙ୍କ ନାଁରେ ଜରିମାନା ଗଡୁଛି ସେମାନେ ଲାଭ ଉଠାଇପାରିବେ ବୋଲି ଦର୍ଶାଯାଇଛି। ଆସନ୍ତା ୬ ମାସ ଯାଏ ଏହି ଯୋଜନା ଉପଲବ୍ଧ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ରାଜ୍ୟରେ ଦିନକୁ ଦିନ ଇ-ଚାଲାଣ ବଢୁଥିବା କାରଣରୁ ସରକାର ଗତ କ୍ୟାବିନେଟ୍ ବୈଠକରେ ‘ଏକକାଳୀନ ସମାଧାନ ଯୋଜନା’ ଆଣିଥିଲେ। ଏକ ପରିସଂଖ୍ୟାନ ଅନୁସାରେ ଏବେ ସୁଦ୍ଧା ୩୧ ଲକ୍ଷ ଇ-ଚାଲାଣ ଅନାଦେୟ ପଡ଼ି ରହିଛି। ନୂଆ ନମ୍ବର ପ୍ଲେଟ ଓ କ୍ୟାମେରା ଲାଗିବା ଦ୍ୱାରା ଗାଡ଼ିଗୁଡ଼ିକ ଉପରେ ସ୍ୱୟଂ ଚାଳିତ ଢଙ୍ଗରେ ଜରିମାନା ଲାଗୁ କରାଯାଇପାରୁଛି।

ଏ ଅଭିଯୋଗଗୁଡ଼ିକର ସଂଖ୍ୟାକୁ ଦେଖି ରାଜ୍ୟ ସରକାର ଏକକାଳୀନ ସମାଧାନ ବାଟ ବାହାର କରିଛନ୍ତି। ଯାହାକୁ କେନ୍ଦ୍ର କରି ରାଜ୍ୟ ବାଣିଜ୍ୟ ବିଭାଗ ଆଜି ଏହି ଓଟିଏସ୍ ବିଜ୍ଞପ୍ତି ଜାରି କରିଛି। ଏଥିରେ ୧୭ ▶ପୃଷ୍ଠା-୭

**ବିଭାଗ ଆଣିଲା ‘ଏକକାଳୀନ ସମାଧାନ ଯୋଜନା’**

**ଜରିମାନା ରାଶି ଅଧା, ୬ ମାସ ପର୍ଯ୍ୟନ୍ତ ମିଳିବ ସୁବିଧା**

**ଜୁଲାଇ ୨୦୨୫ ପର୍ଯ୍ୟନ୍ତ ଇ-ଚାଲାଣ କରାଯିବ ସମାଧାନ**



### ଗଠନ ହେଲା ଉଚ୍ଚସ୍ତରୀୟ କମିଟି

## ଅଦାଲତରୁ ପ୍ରତ୍ୟାହାର ହେବ ଇ-ଚାଲଣ ମାମଲା

■ **ଭୁବନେଶ୍ୱର, ୧୭।୯ (ସମିସ):** ଟ୍ରାଫିକ ନିୟମ ଉଲ୍ଲଙ୍ଘନ ଅଭିଯୋଗରେ ଅଦାଲତରେ ପଡି ରହିଥିବା ମାମଲାଗୁଡିକୁ ପ୍ରତ୍ୟାହାର କରାଯାଇ ଏହି ମାମଲାରେ କିଭଳି ଉଲ୍ଲଂଘନକାରୀଙ୍କ ଠାରୁ ଜୋରିମାନା ଟଙ୍କା ଆଦାୟ କରାଯିବ ସେନେଇ ରାଜ୍ୟ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଆଇନ୍ ବିଭାଗର ପ୍ରମୁଖ ଶାସନ ସଚିବ ଏହି କମିଟିର ଅଧକ୍ଷ ରହିଥିବା ବେଳେ ପରିବହନ କମିଶନର ଏହାର ସଦସ୍ୟ ଆବାହକ ରହିଛନ୍ତି। ଏମାନଙ୍କ ବ୍ୟତୀତ ଆଇନ୍ ବିଭାଗର ଅତିରିକ୍ତ ଶାସନ ସଚିବ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ଓ ଗୃହ ବିଭାଗର ଜଣେ ଲେଖାଁଏ ଅଧିକାରୀ ମଧ୍ୟ ସଦସ୍ୟ ରହିଛନ୍ତି। ଟ୍ରାଫିକ ନିୟମ ଉଲ୍ଲଘଂନ ଅଭିଯୋଗରେ ବହୁ ଗାଡ଼ି ଚାଳକଙ୍କ ବିରୋଧରେ ଇ-ଚାଲାଣ ହୋଇଛି। ଏହାକୁ ଆରଟିଓ ଓ ପୁଲିସ କର୍ତ୍ତୃପକ୍ଷଙ୍କଠାରେ ସମାଧାନ କରାଯାଇ ନ ପାରିବାରୁ ମାମଲା କୋର୍ଟକୁ ଯାଇଛି। ହେଲେ ବର୍ଷ ବର୍ଷ ▶ପୃଷ୍ଠା-୭

### ନାରୀ ନିର୍ଯାତନାକୁ ନେଇ ସବୁ ଜିଲ୍ଲାରେ ଏସପିଙ୍କୁ ମହିଳା ବିଜେଡିର ଦାବିପତ୍ର

# ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଓଡ଼ିଶା ନିନ୍ଦିତ

■ **ଭୁବନେଶ୍ୱର, ୧୭।୯ (ସମିସ):** ରାଜ୍ୟରେ ମହିଳା ଉପରେ ନିର୍ଯାତନା ଉଦବେଗଜନକ ଭାବେ ବୃଦ୍ଧି ପାଉଥିବା ବେଳେ ବିଜେପି ମା’ ନାଁରେ ବୃକ୍ଷରୋପଣ କରୁଛି। ୧୪ମାସର ବିଜେପି ସରକାରରେ ମାଆମାନଙ୍କ ଓଠରୁ ହସ ଲିଭିଯାଇଛି। ରାଜ୍ୟରେ ଶିକ୍ଷାନୁଷ୍ଠାନ, କର୍ମକ୍ଷେତ୍ର, ରାସ୍ତାଘାଟ କେଉଁଠି ବି ମହିଳା ସୁରକ୍ଷିତ ନାହାନ୍ତି । ୧୪ ମାସରେ ୩୫୦୦ରୁ ଊର୍ଦ୍ଧ୍ୱ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ପ୍ରତ୍ୟେକ ପରିବାରର ମାନସିକ ଶାନ୍ତିକୁ ଦୋହଲାଇ ଦେଇଛି । ବୃଦ୍ଧି ପାଉଥିବା ନାରୀ ନିର୍ଯାତନା ସକାଶେ ଓଡ଼ିଶା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦିତ ହୋଇଥିବା ବିଜେଡି ଅଭିଯୋଗ କରିଛି। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡି ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ଆହ୍ୱାନରେ ମହିଳା ବିଜେଡି ରାଜ୍ୟବ୍ୟାପୀ ସମସ୍ତ ଜିଲ୍ଲା ଏସପି ସମ୍ମୁଖରେ ମହିଳା ବିଜେଡି ବିକ୍ଷୋଭ ପ୍ରଦର୍ଶନ ସହ ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛି ।

ରାଜ୍ୟର ସମସ୍ତ ୩୫ଗୋଟି ବିଜେଡି ସାଙ୍ଗଠନିକ ଜିଲ୍ଲାର ପଦାଧିକାରୀ ଏବଂ ସାଧାରଣ ମହିଳା ଏହି କାର୍ଯ୍ୟକ୍ରମରେ ଶହ ଶହ ସଂଖ୍ୟାରେ ସାମିଲ ହୋଇ, ମହିଳା ଅନ୍ୟାୟ, ଅତ୍ୟାଚାର ଏବଂ ହିଂସାକୁ ରୋକିବାରେ ବିଜେପି ସରକାରର ଉଦାସୀନତା ମନୋଭାବ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି । ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ବରଗଡ ଓ ନୂଆପଡା ଜିଲ୍ଲା ଏସପି ଶହ ଶହ ମହିଳା ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ବ୍ରହ୍ମପୁରରେ ଦକ୍ଷିଣାଞ୍ଚଳ ଆଇଜିଙ୍କ ଜରିଆରେ ଓ କୋରାପୁଟ, ଜଗତସିଂହପୁର, କେନ୍ଦୁଝର, କଟକ, ଢେଙ୍କାନାଳ, ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ, ମାଲକାନଗିରି, ଯାଜପୁର, କନ୍ଧମାଳ, ବାଲେଶ୍ୱର, ମୟୂରଭଞ୍ଜ, ବାରିପଦା, ରାଇରଙ୍ଗପୁର, ରାୟଗଡା, ଭଦ୍ରକ, ସୁନ୍ଦରଗଡ, ନବରଙ୍ଗପୁର, ▶ପୃଷ୍ଠା-୭




**ବିଜେପି ସରକାରର ଅପାରଗତା ଓ ସମ୍ବେଦନହୀନତାକୁ କଠୋର ନିନ୍ଦା**

**ରାଜ୍ୟରେ ନାରୀ ହିଂସା ବଢୁଥିବାବେଳେ ମା’ ନାମରେ ବୃକ୍ଷରୋପଣ**

# 'ସୁସ୍ଥ ନାରୀ, ସଶକ୍ତ ପରିବାର' ଅଭିଯାନ ଆରମ୍ଭ

ଯାଜପୁର, ୧୭।୯ (ସମିସ)



ଆଜି ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ 'ସୁସ୍ଥ ନାରୀ, ସଶକ୍ତ ପରିବାର' ରାଷ୍ଟ୍ରୀୟ ଅଭିଯାନ ଆରମ୍ଭ ହୋଇଛି। ଯାଜପୁର ଲୋକସଭା ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ଏହାକୁ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଠାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ୧୭ ତାରିଖରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ ଏହା ଚାଲିବ। ଏହି କାର୍ଯ୍ୟକ୍ରମରେ ସବୁ ମହିଳାଙ୍କ ପାଇଁ ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ହେବ। ଇଏନ୍‌ଟି, ଚକ୍ଷୁ, ରକ୍ତଚାପ, ମଧୁମେହ, ରକ୍ତ ପରୀକ୍ଷା, ମୁଖ-ଗହ୍ୱର, ସ୍ତନ ଏବଂ ଗ୍ରୀବା କର୍କଟ, ଗର୍ଭବତୀ ମହିଳା ମାନଙ୍କ ପାଇଁ ପ୍ରସବ ପୂର୍ବବର୍ତ୍ତୀ ସ୍ୱାସ୍ଥ୍ୟ ପରୀକ୍ଷା, ଟିକାକରଣ, ରକ୍ତହୀନତା ସ୍ତର ଯାଞ୍ଚ, ଟେଲିମାନସ ସେବା, ଯକ୍ଷ୍ମା ପରୀକ୍ଷା, ସିକିଲସେଲ, ଆନେମିଆ ଆଦି ରୋଗ ପାଇଁ ଚିକିତ୍ସା ସୁବିଧା ପ୍ରଦାନ କରାଯିବ। ଏହି ଅଭିଯାନ ସମୟରେ ସବ୍‌ସେଣ୍ଟର୍, ପିଏଚ୍‌ସି, ସିଏଚ୍‌ସି, ଡିଏଚ୍‌ଏଚ୍, ମେଡିକାଲ କଲେଜ୍ ପରି ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ବିଦ୍ୟାଳୟ ସ୍ତରରେ ମେଡିକାଲ ହେଲଥ ୟୁନିଟ୍, ମାଧ୍ୟମରେ ଛାତ୍ରୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଏହି ସବୁ ସେବା ପାଇବା ପାଇଁ ମହିଳା ଓ ଶିଶୁମାନେ ନିକଟସ୍ଥ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅଙ୍ଗନବାଡ଼ି କେନ୍ଦ୍ରରେ ଯୋଗାଯୋଗ କରିପାରିବେ। ଏହି ଉତ୍ସବରେ ଯୋଗଦେଇ ଜିଲ୍ଲାପାଳ ଅମ୍ବର କୁମାର କର ସ୍ୱାସ୍ଥ୍ୟ ଜନିତ ସମସ୍ୟାର ଅବଗତ ନିମନ୍ତେ ସ୍ୱାସ୍ଥ୍ୟ କ୍ୟାମ୍ପ, ସ୍କ୍ରିନିଂ କ୍ୟାମ୍ପ କରାଯାଇ ରୋଗରେ ପ୍ରଭାବିତ ସର୍ବାଧିକ ମହିଳାମାନଙ୍କ ବିଷୟରେ ତଥ୍ୟ ସଂଗ୍ରହ କରାଯାଇ ତଦନୁଯାୟୀ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ ବୋଲି କହିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ବିଜୟ କୁମାର ମିଶ୍ର, ମହାରାଜା ଯଯାତି କେଶରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଡିନ୍ ତଥା ଅଧ୍ୟକ୍ଷ ଡା. ସୀତାରାମ ମହାପାତ୍ର, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲା ପ୍ରକଳ୍ପ ପରିଚାଳକ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଅନ୍ୟାନ୍ୟ ଅଧିକାରୀ, ଡାକ୍ତର, କର୍ମଚାରୀ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ।

**ଦଶରଥପୁର:** ଦଶରଥପୁର ବ୍ଲକ ରାମବାଗ କମ୍ୟୁନିଟି ହେଲ୍ ସେଣ୍ଟର ପରିସରରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ମଙ୍ଗଳପୁର ତରଫରୁ 'ସୁସ୍ଥ ନାରୀ ସଶକ୍ତ ପରିବାର' ଅଭିଯାନ ବିଡ଼ିଓ ଆକାଶ ପଟ୍ଟନାୟକଙ୍କ ଦ୍ୱାରା ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସବୁ ମହିଳା ମାନଙ୍କ ପାଇଁ ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ ଏବଂ ବିଦ୍ୟାଳୟ ମାନଙ୍କରେ ମେଡିକାଲ ହେଲଥ ୟୁନିଟ୍ ମାଧ୍ୟମରେ ଛାତ୍ରୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି ବିଡିଓ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିରଜାପୁର ସରପଞ୍ଚ ନିରାକାର ସାହୁଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟାରେ ମହିଳାମାନେ ଯୋଗ ଦେଇଥିଲେ। କମ୍ୟୁନିଟି ହେଲ୍‌ଥ ଅଫିସର ରତ୍ନପ୍ରଭା ପରିଡ଼ା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**ବିଞ୍ଝାରପୁର:** ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ସୁସ୍ଥ ନାରୀ, ସଶକ୍ତ ପରିବାର ରାଷ୍ଟ୍ରୀୟ ଅଭିଯାନ ବିଡିଓ ହିତାଂଶୁ ଶେଖର ସାମଲଙ୍କ ଦ୍ୱାରା ବ୍ଲକସ୍ତରୀୟ ଶୁଭାରମ୍ଭ ହୋଇଯାଇଛି। ବିଦ୍ୟାଳୟ ସ୍ତରରେ ମେଡିକାଲ ହେଲଥ ୟୁନିଟ, ମାଧ୍ୟମରେ ଛାତ୍ରୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ଗୋଷ୍ଠୀ ମୁଖ୍ୟ ଚିକିତ୍ସା ଅଧିକାରୀ କ୍ଷିତୀଶ ନାୟକ, ଡା. ଲଳିତ କୁମାର ବେହେରା, ଡା. ଉମାକନ୍ତ ମାଲିକ, ସିଡିପିଓ ରକ୍ମଣୀ ସାହୁ, ସ୍ୱାସ୍ଥ୍ୟ ମିଶନ ଅନ୍ୟାନ୍ୟ ଅଧିକାରୀ, ଡାକ୍ତର ଓ କର୍ମଚାରୀ, ଉପସ୍ଥିତ ଥିଲେ।

## ଟାଟା ଷ୍ଟିଲ୍ କଳିଙ୍ଗନଗର ପରିସରରେ ଚାରାରୋପଣ



ଦାନଗଦୀ, ୧୭।୯ (ସମିସ): ପରିବେଶ ସଂରକ୍ଷଣ ଏବଂ ସାମାଜିକ କଲ୍ୟାଣ ଦିଗରେ ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ଟାଟା ଷ୍ଟିଲ୍ କଳିଙ୍ଗନଗର, ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନଆଇଏନଏଲ୍) ଏବଂ ଫେରୋ ଆଲଏଜ ପ୍ଲାଣ୍ଟ (ଏଫଏପି) ଯାଜପୁର ପକ୍ଷରୁ ବୁଧବାର ମିଳିତ ଭାବେ 'ଏକ ପେଡ଼ ମା କେ ନାମ୍-୨.୦' ଅଭିଯାନରେ ଚାରାରୋପଣ କରାଯାଇଛି। ଟାଟା ଷ୍ଟିଲ୍ କଳିଙ୍ଗନଗର ପ୍ଲାଣ୍ଟରେ ସବୁଜ ବଳୟ ପରିସର ମଧ୍ୟରେ ୫, ୦୦୦ରୁ ଅଧିକ ଚାରା ରୋପଣ କରାଯାଇଛି। ଟାଟା ଷ୍ଟିଲ୍ କଳିଙ୍ଗନଗରର ପରିବେଶ ବିଭାଗ ଦ୍ୱାରା ଆୟୋଜିତ ଏହି ଚାରାରୋପଣ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ଲାଣ୍ଟରେ ଜୈବ ବିବିଧତାକୁ ବୃଦ୍ଧି କରିବା ଏବଂ ଏକ ସବୁଜ ଶିଳ୍ପ ବୈଷୟିକ ପରିଶିଷ୍ଟର ଅଂଶଦାନ କରିବା। ଏଥିରେ ୫୦୦ରୁ ଅଧିକ କର୍ମଚାରୀ ଏବଂ ବ୍ୟବସାୟ ସହଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାର ଦାନଗଦି ବ୍ଲକ ଅନ୍ତର୍ଗତ ଧୂଳିଗଡ଼ ଏବଂ ପଙ୍କପାଳ ଗ୍ରାମରେ ପ୍ରାୟ ୧୦ ହଜାର ଚାରା ରୋପଣ କରାଯାଇଛି। ଟିଏସ୍‌କେ, ଏନଆଇଏନଏଲ୍ ଏବଂ ଏଫଏପି ଯାଜପୁରର ୫୦୦ରୁ ଅଧିକ କର୍ମଚାରୀ ଏବଂ ଭେଣ୍ଡର ପାର୍ଟନରମାନେ ଏହି ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି।

## 'ଆସ ଆମେ ସ୍କୁଲ ଯିବା' ସଚେତନତା ରାଲି



ମଙ୍ଗଳପୁର/କୟାଁଗୋଲା, ୧୭।୯ (ସମିସ): ଅଧାରୁ ପାଠ ଛାଡିବା, ଆଦୌ ନାମ ନ ଲେଖେଇବା, ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଆଜି ସାରା ରାଜ୍ୟରେ 'ଆସ ଆମେ ସ୍କୁଲ ଯିବା' ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ଥ ଦୁବକଣ ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିସୁନ ଟୁଡୁଙ୍କ ନେତୃତ୍ୱରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ 'ଆସ ଆମେ ସ୍କୁଲ ଯିବା' ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟପ୍ରକାଶ ନାୟକ, ସହକାରୀ ଶିକ୍ଷକ ସୁରେନ୍ଦ୍ର କୁମାର ପଣ୍ଡା, ଖଗେଶ୍ୱର ସାହୁ, ଉତ୍ପଳ କୁମାର ବିଶ୍ୱାଳ, ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ପ୍ରଧାନ, ସ୍ନେହାଞ୍ଜଳି ଯେନା, ସୁଜାତା ସାହୁ ଓ ପରିଚାଳନା କମିଟିର ସଭ୍ୟ ସଭ୍ୟା ମାନେ ସାମିଲ ହୋଇ ଗାଁ ଗାଁ ରେ ବୁଲି ଆସ ଆମେ ସ୍କୁଲ ଯିବା ନାରା ଦେବା ସହ ହାତରେ ପ୍ଲାଗ କାର୍ଡ ଧରି ସଚେତନତା କରିଥିଲେ।

## ନାରାୟଣପୁରରେ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ

ଜେନାପୁର, ୧୭।୯ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ବାଉଁଶଅଣ୍ଡା ଆଞ୍ଚଳିକ ସାଧନ କେନ୍ଦ୍ରର ଅଧୀନରେ ନାରାୟଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପନ୍ତୁରୀରେ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଅନୁସାରେ ଆରମ୍ଭ ହୋଇଥିବା 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ରଘୁନାଥ ଦେହୁରୀଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ଅନସ୍ଥିତ ହୋଇଥିଲା।

## ଆତ୍ମହତ୍ୟା ନିରୋଧୀ ସଚେତନତା କାର୍ଯ୍ୟକ୍ରମ

କୁଆଖିଆ, ୧୭।୯ (ସମିସ): ରସୁଲପୁର ବ୍ଲକ ଅଧୀନ ସାମନ୍ତରାପୁର ପଞ୍ଚାୟତର ଖଗେଶ୍ୱର ବିଦ୍ୟାୟନ ପରିସରରେ ରାଷ୍ଟ୍ରୀୟ ଅପରାଧ ଯାଞ୍ଚ ବ୍ୟୁରୋ, ଓଡ଼ିଶା ପକ୍ଷରୁ ଆତ୍ମହତ୍ୟା ମାନସିକତା ରୋକିବା ଓ ଅମୂଲ୍ୟ ଜୀବନ ସୁରକ୍ଷା ଦିଗରେ ସଚେତନତା କାର୍ଯ୍ୟକ୍ରମ ଶିକ୍ଷକ ମହେନ୍ଦ୍ର କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି। ବ୍ୟୁରୋର ଯାଜପୁର ଜିଲ୍ଲା କାର୍ଯ୍ୟକର୍ତ୍ତା ବୈଦ୍ୟେନ୍ଦ୍ରନାଥ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରସୁଲପୁର ବ୍ଲକ ସହକାରୀ ଶିକ୍ଷାଧିକାରୀ ପ୍ରଭଞ୍ଜନ ପତି, ମୁଖ୍ୟବକ୍ତା ଭାବରେ ସିଆର୍‌ସିସି ଜିତେନ୍ଦ୍ର କୁମାର ସାହୁ ଏବଂ ସମ୍ମାନିତ ଅତିଥି ରୂପେ ବ୍ୟୁରୋର ରାଜ୍ୟ ନିର୍ଦ୍ଦେଶକ ସୁଦାମ ଚରଣ ଦାସ, ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ରାମକୃଷ୍ଣ ମହାକୁଡ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶିକ୍ଷକ ଅଶୋକ କୁମାର ସାହୁ, ବିରେନ ମହାନ୍ତି, ଶୁକଦେବ ପାତ୍ର, କାର୍ତ୍ତିକ ଚନ୍ଦ୍ର ଭୂୟାଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ରାଜ୍ୟରେ ନାରୀ ନିର୍ଯାତନା ପ୍ରତିବାଦରେ ବିଜେଡିର ଆନ୍ଦୋଳନ

## ବିଜୁ ମହିଳା ଜନତା ଦଳ ପକ୍ଷରୁ ଦାବିପତ୍ର

ବ୍ୟାସନଗର/ପାଣିକୋଇଲି, ୧୭।୯ (ସମିସ): ରାଜ୍ୟରେ ନୂତନ ବିଜେପି ସରକାର ଆସିବା ପରେ ଦିନକୁ ଦିନ ନାରୀ ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଛି। ଏପରିକି ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଏକପ୍ରକାର ବିଗିଡ଼ି ଯାଇଥିବା ବେଳେ ଏହାକୁ ରୋକିବାକୁ ସରକାର ଏବଂ ଗୃହ ବିଭାଗ ଏକପ୍ରକାର ଅସହାୟତା ପ୍ରକାଶ କରୁଛନ୍ତି। ତେବେ ଏଭଳି ଘଟଣା ରାଜ୍ୟ ସାରା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଏହାକୁ ରୋକିବାକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବୁଧବାର ରାଜ୍ୟର ସମସ୍ତ ଜିଲ୍ଲାରେ ବିଜୁ ମହିଳା ଜନତା ଦଳ ତରଫରୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଯାଜପୁର ଜିଲ୍ଲା ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସବିତା ରାଉତଙ୍କ ନେତୃତ୍ୱରେ ଶତାଧିକ ମହିଳା ପାଣିକୋଇଲି ସ୍ଥିତ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିବା ସହିତ ମହିଳାଙ୍କ ସୁରକ୍ଷା ଏବଂ ସମ୍ମାନ ପାଇଁ ଦାବି କରିଥିଲେ।



ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ବିଧାୟିକା ସୁଜାତା ସାହୁ, ପୂର୍ବତନ ଯାଜପୁର ଲୋକସଭା ସାଂସଦ ତଥା ବିଜୁ ମହିଳା ଜନତା ଦଳର ସାଧାରଣ ସମ୍ପାଦିକା ଶର୍ମିଷ୍ଠା ସେଠୀ, ଯାଜପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀପ୍ରଭା ଯେନା, ଜିଲ୍ଲାର ସମସ୍ତ ବ୍ଲକ ଏବଂ ମ୍ୟୁନିସିପାଲିଟିର ଅଧ୍ୟକ୍ଷା, ଉପାଧ୍ୟକ୍ଷା, ସମସ୍ତ ପଞ୍ଚାୟତର ସରପଞ୍ଚ ଏବଂ ସମିତି ସଭ୍ୟ ମାନେ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ମହିଳା ଜନପ୍ରତିନିଧି ଓ ସହସ୍ରାଧିକ ମହିଳା ଯୋଗଦେଇଥିଲେ। ପ୍ରଥମେ ପାଣିକୋଇଲି ବଜାରରୁ ଏକ ଶୋଭାଯାତ୍ରା ବାହାରି ଏସ୍‌ପି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା।

## ସମାଜସେବୀଙ୍କ ବିୟୋଗରେ ଶୋକସଭା

ଯାଜପୁର, ୧୭।୯ (ସମିସ): ଯାଜପୁର ସହରର ସର୍ବପୁରାତନ ବିରଜାହାଟର ବିଶିଷ୍ଟ ବ୍ୟକ୍ତି, ତଥା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଏବଂ ପୂର୍ବତନ ସରପଞ୍ଚ ବିଷ୍ଣୁଚରଣ ବିହାରୀଙ୍କ ଏକାଦଶାହ ଉପଲକ୍ଷେ ପୂର୍ବତନ ସାଂସଦ ଅଞ୍ଚଳ ଦାସଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସଂସ୍କୃତବିତ୍ ପଣ୍ଡିତ ଭୂପତିଭୂଷଣ ମିଶ୍ର, ସମ୍ମାନିତ ଅତିଥି ଭାବରେ ବିଜେପି ନେତା ଗୌତମ ରାୟ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ରଞ୍ଜିତା ରାଉତ, ବିଜେଡି ନେତା ବଳଭଦ୍ର ଦାସ, ବିଜେପି ନେତା ଅସୀମ କର, ବିଜେପି ପୌରାଞ୍ଚଳ ମଣ୍ଡଳ ସଭାପତି ମୃତ୍ୟୁଞ୍ଜୟ ମିଶ୍ର, ବିଶିଷ୍ଟ ଲେଖକ ଅଧିକାରୀ ନବକିଶୋର ଦାସ, ଶିକ୍ଷାବିତ୍ ରୁଦ୍ରନାରାୟଣ ସାହୁ, ପୂର୍ଣ୍ଣାନନ୍ଦ ସ୍ମୃତିପାଠାଗାର ସଦସ୍ୟ ସୁବାସ ଚନ୍ଦ୍ର ମହାପାତ୍ର, ଦିଲ୍ଲୀପ କୁମାର ଦାସ, କୈଳାସ ଚନ୍ଦ୍ର ବିହାରୀ ଏବଂ ପୂର୍ବତନ ପିସିସି ସାଧାରଣ ସମ୍ପାଦକ ସନ୍ତୋଷ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ନିହାର ରଞ୍ଜନ ବଳ, ସୁଶାନ୍ତ କୁମାର ପଣ୍ଡା, ନିରଞ୍ଜନ ବିହାରୀ, ଅଶୋକ ଦାସ, ଅସୀମ ଦାସ, ନିହାର ସାହାଣୀ, ଧ୍ରୁବ ମହାରଣା, ରାମଚନ୍ଦ୍ର ଦେହୁରିଆ, କହ୍ନେଇ ଚରଣ ମହାନ୍ତି, ସାମ୍ବାଦିକ ଅଜୟ କୁମାର ରାଉତ, ସାମ୍ବାଦିକ ଅକ୍ଷୟ କୁମାର ମହାନ୍ତି, ଅଶୋକ କୁମାର ବିହାରୀ ପ୍ରମୁଖ ଉପସ୍ଥିତଥିଲେ। ସମାଜସେବୀ ହୃଷିକେଶ ପତି ଗୀତାପାଠ ସହ ସମସ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



### ● ସହକାରୀ ଯନ୍ତ୍ରୀଙ୍କୁ ଧମକ ଓ ଗାଳିଗୁଲଜ

## ବ୍ରହ୍ମବରଦା ଥାନାରେ ମାମଲା ରୁଜୁ

ବ୍ରହ୍ମବରଦା, ୧୭।୯ (ସମିସ): ବ୍ରହ୍ମବରଦା ଥାନା ମହେଶ୍ୱରପୁର ପଞ୍ଚାୟତରେ ବିକାଶ ମୂଳକ କାର୍ଯ୍ୟ ତଦାରଖ କରିବାକୁ ଆସିଥିବା ରସୁଲପୁର ବ୍ଲକର ସହକାରୀ ଯନ୍ତ୍ରୀଙ୍କୁ ଧମକ ଓ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ନେଇ ବ୍ରହ୍ମବରଦା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ବ୍ରହ୍ମବରଦା ପୁଲିସ ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ କରିଛି। ଅଭିଯୋଗ ଅନୁଯାୟୀ ଗତ ୧୩ ତାରିଖ ଶନିବାର ସକାଳ ୧୦ ଘଟିକାରେ ରସୁଲପୁର ବ୍ଲକ ସହକାରୀ ଯନ୍ତ୍ରୀ ନମିତା ପରିଡ଼ା ବ୍ରହ୍ମବରଦା ଥାନା ମହେଶ୍ୱରପୁର ପଞ୍ଚାୟତ ଚାନ୍ଦପୁର ଗ୍ରାମ ଗୋପାଳ ସାହି ଠାରୁ ଅନ୍ୟ ଏକ ସାହିକୁ କଂକ୍ରିଟ ରାସ୍ତା ନିର୍ମାଣ କାର୍ଯ୍ୟ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ତଦାରଖ କରୁଥିବା ସମୟରେ ଏହି ପଞ୍ଚାୟତର ୫/୬ ଜଣ ବ୍ୟକ୍ତି ଘଟଣାସ୍ଥଳରେ ପହଞ୍ଚି ଯନ୍ତ୍ରୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଧମକପୂର୍ଣ୍ଣ ଭାଷାରେ ପୂର୍ବରୁ ବକେୟାଥିବା ବିଲ୍‌ଗୁଡିକୁ ତୁରନ୍ତ କରିବା ପାଇଁ ଧମକ ଦେଇଥିବା ବେଳେ ତାଙ୍କୁ ଘେରଉ କରି ନେଇଥିଲେ। ଏନେଇ ସହକାରୀ ଯନ୍ତ୍ରୀ ନମିତା ପରିଡ଼ା ରସୁଲପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଓ ବ୍ରହ୍ମବରଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାକୁ ନେଇ ବ୍ରହ୍ମବରଦା ପୁଲିସ ୨୧/୨୫ରେ ମାମଲା ରୁଜ କରି ତଦନ୍ତ ଜାରି ରଖିଛି।

## ଅନୁକୂଳଚନ୍ଦ୍ରଙ୍କର ଆବିର୍ଭାବ ଦିବସ

ଧର୍ମଶାଳା, ୧୭।୯ (ସମିସ): ଧର୍ମଶାଳା ସତସଙ୍ଗ ବିହାର ଜାରକା ଆନୁକୂଲ୍ୟରେ ଠାକୁର ଶ୍ରୀ ଶ୍ରୀ ଅନୁକୁଳଚନ୍ଦ୍ରଙ୍କ ୧୩୮ ତମ ଆବିର୍ଭାବ ଉତ୍ସବ ପାଳିତ ହୋଇଯାଇଛି। ମା' ମାନଙ୍କ ଦ୍ୱାରା ମାତୃ ସମ୍ମିଳନୀ ଆୟୋଜନ କରାଯାଇ ଠାକୁରଙ୍କର ମୁଖ ନିଃସୃତ ପବିତ୍ର ନାରୀର ନୀତି ଗ୍ରନ୍ଥ ପାଠ କରାଯାଇଥିଲା। ରତିକ୍ ନାରାୟଣ ଚନ୍ଦ୍ର ମହାନ୍ତି ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ସତସଙ୍ଗ ବିହାରର ସଭପତି ରତିକ୍ ରାମଚନ୍ଦ୍ର ସାହୁ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବରେ ରିତିକ୍ ପ୍ରମୋଦ କୁମାର ଶତପଥୀ ଯୋଗଦେଇଥିଲେ। ଏଥିରେ ରତିକ ରମେଶ ଚନ୍ଦ୍ର ଜେନା, ରତିକ ଅଭିରାମ ଜେନା, ନାରଣ ଚନ୍ଦ୍ର ସାମଲ, ସମ୍ପାଦକ ଦୁର୍ଯ୍ୟୋଧନ ମହାନ୍ତି, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, କର୍ମୀ କୁଳମଣି ସାମଲ, କର୍ମୀ ଅଜୟ କୁମାର ନାଥ, ପ୍ରଦୀପ୍ତ କୁମାର ବରାଳ, ତଥା ଧର୍ମଶାଳା ଅଞ୍ଚଳର ସତସଙ୍ଗ ପ୍ରେମୀ ସହଯୋଗ କରିଥିଲେ।

## ତ୍ୟାଗ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ଦେହାନ୍ତରେ ଶୋକସଭା

ଯାଜପୁର, ୧୭।୯ (ସମିସ): ଯାଜପୁର ପୌରପାଳିକା ଅନ୍ତର୍ଗତ ଗୀତାଜାଗରଣ ପରିଷଦ ଆନୁକୂଲ୍ୟରେ ତ୍ୟାଗ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ଦେହାନ୍ତରେ ସଭାପତି ଆଇନଜୀବୀ ପ୍ରତିମା କରଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଅଛି। ପ୍ରାରମ୍ଭରେ ସମ୍ପାଦକ ଭାସ୍କର ଚନ୍ଦ୍ର ମହାନ୍ତି, ସ୍ୱାମୀଜୀଙ୍କ ଦେହାନ୍ତ ଖବର ପ୍ରକାଶ କରିଥିଲେ। ସ୍ୱାମୀଜୀଙ୍କ ଗୁଣାବଳୀ ଉପରେ ଉପସଭାପତି କ୍ଷୀରୋଦ ଚନ୍ଦ୍ର ପାଠୀ, ସହ ସମ୍ପାଦକ ବୃନ୍ଦାବନ ମିଶ୍ର, ଅବସରପ୍ରାପ୍ତ ପୁଲିସ୍ ପ୍ରଶାସକ ଗଦାଧର ରାଉତ, ସାଂସ୍କୃତିକ ସମ୍ପାଦକ ଗୁଣମଣୀ ପାଣିଗ୍ରାହି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେ ଗୀତା ଜାଗରଣ ପରିଷଦ ଯାଜପୁରର ବରିଷ୍ଠ ଉପଦେଷ୍ଟା ଥିଲେ। ଉକ୍ତ ଶୋକସଭାରେ ରବିନାରାୟଣ କର, ଅକ୍ଷୟ ମିଶ୍ର, କାଞ୍ଚନବାଳା ତ୍ରିପାଠୀ, ମଧୁସୂଦନ ମହାନ୍ତି, ଅଭିମନ୍ୟୁ ମିଶ୍ର, ଜନାର୍ଦ୍ଦନ ମିଶ୍ର, ଅନୁସୟା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସର୍ବତ୍ର ପୂଜାପାଇଲେ ଦେବଶିଳ୍ପୀ ବିଶ୍ୱକର୍ମା







ଧର୍ମଶାଳା, ୧୭।୯ (ସମିସ)

ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ଭାଦ୍ରବ ମାସ କନ୍ୟା ସଂକ୍ରାନ୍ତିରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୋଇଯାଇଛି। ବିଶେଷ କରି ଶିଳ୍ପାନୁଷ୍ଠାନ, ଗ୍ୟରେଜ ଓ ମଟର ଗାଡ଼ି ସଂଘ ପକ୍ଷରୁ ବିଭିନ୍ନ ସ୍ଥାନରେ ମଣ୍ଡପ କରାଯାଇ ବିଶ୍ୱକର୍ମାଙ୍କ ମୃଣ୍ମୟୀ ମୂର୍ତ୍ତୀ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥାଏ। ଏହି ଅବସରରେ ଜାରକା ବିଦ୍ୟୁତ କାର୍ଯ୍ୟାଳୟ, ଟ୍ୟାକ୍ସି ଚାଳକ ସଙ୍ଘ, ଛୋଟ ବଡ଼ ଶିଳ୍ପାନୁଷ୍ଠାନ ଓ ମଟର ଗ୍ୟାରେଜ ଗୁଡିକରେ ସୁସଜ୍ଜିତ ମଣ୍ଡପରେ ଠାକୁରଙ୍କ ମୃଣ୍ମୟୀ ମୂର୍ତ୍ତୀକୁ ପ୍ରତିଷ୍ଠା କରାଯାଇ ପୂଜାର୍ଚ୍ଚନା କରାଯାଇଛି। ସନ୍ଧ୍ୟାରେ ବିଭିନ୍ନ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି। ତିନିଦିନ ବ୍ୟାପି ଏହି ପୂଜା ଅନୁଷ୍ଠିତ ହେଉଥିବା ବେଳେ ବିଭିନ୍ନ ଦିବସରେ ପାର୍ଯ୍ୟାୟକ୍ରମେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ତେବେ ଜାରକା ବିଦ୍ୟୁତ ବିଭାଗ ପକ୍ଷରୁ ଜାରକା ସମେତ କୁଣ୍ଡପାଟଣା, ନେଉଳପୁର ଓ କବାଟବନ୍ଧ ସେକ୍ସନରେ ବିଶ୍ୱକର୍ମାଙ୍କ ପୂଜା ମହାଆଡମ୍ବର ସହକାରେ ଅନୁଷ୍ଠିତ ହୋଇଛି।

**ମଙ୍ଗଳପୁର:** ବୌଳାଙ୍ଗ ମଧୁପୁର ପ୍ରାଇମେରୀ ସବଷ୍ଟେସନରେ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ପୂଜାରେ କୁଳମଣି ସାହୁ ସଂକଳ୍ପ କରିଥିବା ବେଳେ ପୂଜକ ସରୋଜ କୁମାର ପଣ୍ଡା ପୂଜାର୍ଚ୍ଚନା କରିଥିଲେ।

ସେହିପରି ଲାଲବାଗ ପ୍ରାଇମେରୀ ସବଷ୍ଟେସନରେ ମଧ୍ୟ ଆଡମ୍ବର ସହକାରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି। ପୂଜାରେ ଦଶରଥପୁର ଏସ୍‌ଡିଓ ମନୋଜ କୁମାର ସ୍ୱାଇଁ, ମଙ୍ଗଳପୁର ସେକ୍ସନର କନିଷ୍ଠଯନ୍ତ୍ରୀ ସୌଭାଗ୍ୟ ରଞ୍ଜନ ବେହେରା, ଏସ୍‌ସିଇଓ ଚନ୍ଦନ କୈବର୍ତ୍ତ୍ୟ, ଲାଇନମ୍ୟାନ ଅମିରୁଦ୍ଦିନ ଖାନ, ରାକେଶ ମହାନ୍ତି, ରାଜେନ୍ଦ୍ର କୁମାର ପଣ୍ଡା, ପ୍ରଦ୍ୟୁମ୍ନ ପଲେଇ, ତ୍ରିଲୋଚନ ନାୟକ, ବିଜୟ ଦାସ, ରତ୍ନାକର ରାଉଳ, ଆଲୋକ କୁମାର ନାୟକ, ସବିନୟ ସାମଲ, ବିଜୟ ଦାସ ପ୍ରମୁଖଙ୍କ ସମେତ ବିଦ୍ୟୁତ ବିତରକ ଟାଟା ପାୱାର କମ୍ପାନୀର ସମସ୍ତ ଲାଇନ୍‌ମ୍ୟାନ ଓ ବିଭିନ୍ନ ବିଭାଗର କର୍ମଚାରୀ ମାନେ ଉପସ୍ଥିତ ଥିଲେ।

**ପାଣିକୋଇଲି:** ପବିତ୍ର ବିଶ୍ୱକର୍ମା ପୂଜା ଉପଲକ୍ଷେ ପାଣିକୋଇଲି ଅଞ୍ଚଳର ବିଭିନ୍ନ ପୂଜା ମଣ୍ଡପ, ସରକାରୀ ଓ ବେସରକାରୀ ଅନୁଷ୍ଠାନ, ଗ୍ୟାରେଜ ଆଦି ସ୍ଥାନରେ ବିଶ୍ୱକର୍ମା ପୂଜା ମହାସମାରୋହରେ ପାଳିତ ହୋଇଛି। ପାଣିକୋଇଲି ମା' ତାରିଣୀ ଟ୍ୟାକ୍ସି ଓ ପିକ୍‌ଅପ ଆସୋସିଏନ, ଟ୍ରକ୍ ମାଲିକ ସଂଘ, ଟ୍ରେକର ଓ ବସ୍‌ଷ୍ଟଣ୍ଡ, କୃପାଳୁ ରାଇସ ଇଣ୍ଡଷ୍ଟ୍ରିଜ, ଆଶୀର୍ବାଦ ଆଗ୍ରୋ ପ୍ରଡକ୍ଟ, ହରେକୃଷ୍ଣ ରାଇସ ପ୍ରସେସିଂଗ, ବିଶାଖା ଫ୍ଲୋର ମିଲ, କୃପାଳୁ ରିଫାଇନାରୀ, ବେହେରା ରୋଡ ୱେଜ, ବାସୁଦେବ ସମିଲ, ଶ୍ରୀଫୁଡ୍ସ, ଦୀପୁ ଆର୍ଟ, ଜଗନ୍ନାଥ କୋଲ ବିକ୍ରେଟସ, ପାଣିକୋଇଲି ଟେଲିଫୋନ ଏକ୍ସଚେଞ୍ଜ ସମତେ ବିଭିନ୍ନ ଗ୍ୟାରେଜରେ ବିଶ୍ୱକର୍ମା ପୂଜା ମହାସମାରୋହରେ ପାଳିତ ହୋଇଛି।

## ସାପ କାମୁଡ଼ାରେ ମହିଳା ଗୁରୁତର

ସୁକିନ୍ଦା, ୧୭।୯ (ସମିସ): ସୁକିନ୍ଦା ଥାନା ଅନ୍ତର୍ଗତ ମୂଳଖମ୍ବ ଗ୍ରାମରେ ସାପକାମୁଡ଼ାରେ ଜଣେ ମହିଳା ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ମୂଳଖମ୍ବ ଗ୍ରାମର ରାଜ ପାତ୍ରଙ୍କ ପତ୍ନୀ ରିନା ପାତ୍ର ଘରେ ଘରେ କାରବାର କରୁଥିବା ସମୟରେ ସର୍ପାଘାତର ଶିକାର ହୋଇଥିଲେ। ରିନାଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।



● ମଠରୁ ବାଉଁଶ ଚୋରି

# ରାଜସ୍ୱ ନିରୀକ୍ଷକଙ୍କ ସମ୍ପୃକ୍ତି ଅଭିଯୋଗ




ଯାଜପୁର,୧୭।୯ (ସମିସ): ପୁରାତନ ମଠରୁ ବାଉଁଶ ଚୋରି କରିନେଲେ ଦୁର୍ବୃତ୍ତ। ଚୋରି ଘଟଣାରେ ରାଜସ୍ୱ ନିରୀକ୍ଷକଙ୍କ ସମ୍ପୃକ୍ତି ଥିବା ନେଇ ଥାନାରେ ଅଭିଯୋଗ କଲେ ଗ୍ରାମବାସୀ। ଅଭିଯୋଗ ଅନୁଯାୟୀ ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ଫତେପୁର ପଞ୍ଚାୟତର ବଂଶୀପୁର ଗ୍ରାମର ପୁରାତନ ମଠ ସୀତାରାମ ମଠରୁ ଗତ ୧୪ ତାରିଖ ସକାଳେ ଏକ ଟ୍ରାକ୍ଟରରେ ପାଖାପାଖି ୬୦ ଖଣ୍ଡ ବାଉଁଶ ବେଆଇନ୍ ଚାଲାଣ ହେଉଥିବା ଦେଖି ଗ୍ରାମବାସୀ ଗାଡ଼ିଟିକୁ ଅଟକ ରଖିଥିଲେ। ତେବେ କୌଶଳ କ୍ରମେ ଗାଡ଼ି ଚାଳକ ବାଉଁଶ ତଳେ ଅନଲୋଡ କରି ଗାଡ଼ି ନେଇ ଫେରାର ହୋଇ ଯାଇଥିଲେ। ତେବେ ଏଭଳି ଘଟଣାରେ ରାଜସ୍ୱ ନିରୀକ୍ଷକ ଥାନାରେ ଅଭିଯୋଗ ନ କରିବା ଏବଂ ବାଉଁଶ ଚୋରିରେ ଏବଂ ବେଆଇନ ଚାଲାଣରେ ରାଜସ୍ୱ ନିରୀକ୍ଷକଙ୍କ ସମ୍ପୃକ୍ତ ଥିବା ଦର୍ଶାଇ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ସୂଚନା ଅଧିକାର କର୍ମୀ ସୀମାନ୍ତ କୁମାର ପାତ୍ର। ତେବେ ରାଜସ୍ୱ ନିରୀକ୍ଷକଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ସେ ଦାବି କରିଛନ୍ତି। ଅନ୍ୟପଟେ ରାଜସ୍ୱ ନିରୀକ୍ଷକ ଘଟଣା ବିଷୟରେ କିଛି ଜାଣି ନଥିବା ପ୍ରକାଶ କରିଛନ୍ତି।

# ଅସହ୍ୟ ହେଲାଣି କବାଟବନ୍ଧ ବଜାର ଟ୍ରାଫିକ ସମସ୍ୟା

କବାଟବନ୍ଧ,୧୭।୯ (ସମିସ):



ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ କବାଟବନ୍ଧ ବଜାରରେ ଟ୍ରାଫିକ ସମସ୍ୟା ଅସହ୍ୟ ହୋଇଛି। ଯାହା ଫଳରେ ଜନସାଧାରଣ ଦୈନିକ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ପକ୍ଷରୁ ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଯାହାକୁ ନେଇ ପ୍ରବଳ ଜନଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ଟ୍ରାଫିକ ସମସ୍ୟା ଅତି ସାଧାରଣ ହୋଇଗଲାଣି। ଦୈନିକ ଦୀର୍ଘ ସମୟ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାନଯିବାକୁ ନେଇ ଜନସାଧାରଣ ସନ୍ଦେହ ପ୍ରକଟ କରିଛନ୍ତି। ଜାରକା- ଏଣ୍ଡଲବା ନଦୀ ବନ୍ଧ ରାସ୍ତାର କବାଟବନ୍ଧ ଠାରେ ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଦୋକାନ ରହିଛି। ସ୍ଥାନୀୟ ଅଞ୍ଚଳରେ କବାଟବନ୍ଧ ଏକ ମୁଖ୍ୟ ବଜାର ହୋଇଥିବାରୁ ଦୈନିକ ଶହ ଶହ ଲୋକ ତଥା ଗ୍ରାହକ ଏବଂ ଅନ୍ୟାନ୍ୟ ବ୍ୟବସାୟୀଙ୍କ ଭିଡ଼ ଜମେ। ବଜାରକୁ ଆସୁଥିବା ଲୋକ ମାନେ ପ୍ରାୟତଃ ସାଇକେଲ ଏବଂ ମୋଟର ସାଇକେଲରେ ଆସି ରାସ୍ତା କ?ରେ ପାର୍କିଂ କରିଥାନ୍ତି। ଏହା ସହିତ କାର, ଅଟୋ, ଟ୍ରାକ୍ଟର, ବସ ସହିତ ଅନେକ ଗାଡ଼ି ଯିବା ଆସିବା କରନ୍ତି। ବିଶେଷ କରି ସନ୍ଧ୍ୟା ସମୟରେ ଏହା ବହୁ ଜାମ ହେଉଥିବା ଦେଖିବାକୁ ମିଳୁଛି। କୌଣସି ପର୍ବ ର୍ବାଣୀରେ ଏହି ବଜାର ଭିଡ଼ ଯଥେଷ୍ଟ ବୃଦ୍ଧି ପାଇଥାଏ। ଏହି ସମୟରେ ଜରୁରୀ କାଳୀନ ପରିସ୍ଥିତିରେ କୌଣସି ଆମ୍ବୁଲାନ୍ସ, ଅଗ୍ନିଶମ ବିଭାଗ ଗାଡ଼ି ମଧ୍ୟ ଅଟକି ରହୁଛି। ଏହି ରାସ୍ତା ଅଣଓସାରିଆ ହୋଇ ଥିବାରୁ ଏହି ସମସ୍ୟା ସୃଷ୍ଟି ହେଉଛି। ଦୀର୍ଘ ଦିନ ଧରି ରାସ୍ତା ସମ୍ପ୍ରସାରଣ ପାଇଁ ଶୁଣା ଯାଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେମିତି କୌଣସି ପ୍ରକ୍ରିୟା ଆରମ୍ଭ ହେଉ ନାହିଁ। ପ୍ରଶାସନ ପକ୍ଷରୁ ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି।

# କବାଟବନ୍ଧ ଅଞ୍ଚଳରେ ବିଶ୍ୱକର୍ମା ପୂଜା



କବାଟବନ୍ଧ,୧୭।୯ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ ଅଞ୍ଚଳର ବିଭିନ୍ନ ସ୍ଥାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୋଇଯାଇଛି। କବାଟବନ୍ଧ ବିଦ୍ୟୁତ ସବଷ୍ଟେସନ କନ୍ତପଡ଼ା କାର୍ଯ୍ୟାଳୟ ଠାରେ ମଧ୍ୟ ଏହା ବିଶେଷ ଭାବରେ ଅନୁଷ୍ଠିତ ହୋଇଛି। ବିଦ୍ୟୁତ ସେକ୍ସନର କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର କୁମାର ସାହୁ ଏବଂ ବାଣିଜ୍ୟ ବିଭାଗର କନିଷ୍ଠ ଯନ୍ତ୍ରୀ ସୌରଭ କୁମାର ଧଳଙ୍କ ତତ୍ତ୍ୱାବଧାନରେ ଶୁଭେନ୍ଦୁ ଶେଖର ପ୍ରଧାନ, କାହ୍ନୁ ଚରଣ ନାୟକ, ଅମର ଜେନା, ଦେବାଶିଷ ସାହୁ, ଶୁଭାଶିଷ ସାହୁ, ରବୀନ୍ଦ୍ର କୁମାର ସାହୁ, ସୁପରଭାଇଜର ରଞ୍ଜନ କୁମାର ଶତପଥୀଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହି ପ୍ରଭୁ ବିଶ୍ୱକର୍ମାଙ୍କର ପୂଜା ରୀତିନୀତି ଅନୁସାରେ ସମ୍ପନ୍ନ କରିଥିଲେ। ନାମ ସଂକୀର୍ତ୍ତନ ସହିତ ହୋମଯଜ୍ଞ, କରାଯାଇ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ସେହିପରି ସ୍ଥାନୀୟ ଅଞ୍ଚଳର ମର୍ଜିତାପୁର, ମଧୁସୂଦନପୁର, କବାଟବନ୍ଧ, ରାଇଛନ୍ଦା, ତାଳଜଙ୍ଗ, ରେଖିଦେଇପୁର, ଏଣ୍ଡଲବା, ଚକ୍ରଧରପୁର, ଅଞ୍ଜିରା, ସାହାଣୀଡ଼ିହ, ଜେନାପୁର, ବୃନ୍ଦାଦେଇପୁର, କମାଗଡ଼, ଅଣ୍ଟିଆ, ପୁରୁଣା ବଉଳମାଳ, ଗଡ଼ମଧୁପୁର, ମହିସରା, ସଂପାରୁ, ଆଦି ବିଭିନ୍ନ ପଞ୍ଚାୟତରେ ଏହି ପୂଜା ପାଳନ କରାଯାଇଥିଲା।

# ଜିଲ୍ଲାସ୍ତରୀୟ ୟାଟ୍‌ସର ୧୯ ତମ ସଂସ୍କରଣ

ଦାନଗଦି, ୧୭।୯(ସମିସ): ଡୁବୁରି ସ୍ଥିତ କପିଳେଶ୍ୱର ଉଚ୍ଚବିଦ୍ୟାଳୟରେ ଆୟୋଜିତ ଜିଲ୍ଲାସ୍ତରୀୟ ଯୁବ ଜ୍ୟୋତିର୍ବିଜ୍ଞାନ ଅନ୍ୱେଷଣ କାର୍ଯ୍ୟକ୍ରମ (ୟାଟ୍‌ସ)ର ୧୯ତମ ସଂସ୍କରଣରେ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଟାଟା ଷ୍ଟିଲ୍ ପକ୍ଷରୁ ପଠାଣୀ ସାମନ୍ତ ପ୍ଲାନେଟାରିୟମ୍ ଭୁବନେଶ୍ୱର ସହଯୋଗରେ ୟାଟ୍‌ସ ଅନୁଷ୍ଠିତ ହୋଇଯାଇଛି। ଶାଳିଜଙ୍ଗା ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ବଳଭଦ୍ର ସ୍ୱାଇଁଙ୍କ ମାର୍ଗଦର୍ଶନରେ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ନେଇ ସ୍କୁଲରେ ଏମ୍‌ସିକ୍ୟୁ ଅନୁଶୀଳନ ଓ ମୁକ୍ତ କୁଇଜ୍ ଆୟୋଜନ କରାଯାଇଥିଲା।




ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ କଳିଙ୍ଗନଗର ଅଞ୍ଚଳର ସାମ୍ବାଦିକ ଅବିନାଶ ମିଶ୍ର, ପଦ୍ମନାଭ ପହି, ତୁଷାର ସାହୁ ଓ ଶ୍ରୀକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ୟାଟ୍‌ସ ୨୦୨୫ ସଂସ୍କରଣର ବିଷୟବସ୍ତୁ ରହିଛି 'ଆଜିର ନକ୍ଷତ୍ରଦର୍ଶୀ କାଲିର ମହାକାଶଚାରୀ'। ଏଥିରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ମୁକ୍ତ କୁଇଜ୍ ଏବଂ ନବମ ଓ ଦଶମ ଶ୍ରେଣୀ ପିଲାମାନଙ୍କ ପାଇଁ ବହୁବିଧ ପସନ୍ଦ ପ୍ରଶ୍ନ (ଏମ୍‌ସିକ୍ୟୁ) ପରୀକ୍ଷାକୁ ସ୍କୁଲରେ ଓ ଅନଲାଇନ୍ ମାଧ୍ୟମରେ ଆୟୋଜନ କରାଯାଇଛି। ଓଡ଼ିଶାର ପ୍ରତି ଜିଲ୍ଲାରୁ ଚୟନ କରାଯାଉଥିବା ପ୍ରତିଯୋଗୀମାନଙ୍କୁ ୨୦୨୫ ଡିସେମ୍ବର ୧୩ରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ଗ୍ରାଣ୍ଡ ଫିନାଲେ ପାଇଁ ଆମନ୍ତ୍ରଣ କରାଯିବ। ସେହିଦିନ ବିଜେତାମାନଙ୍କ ନାମ ଘୋଷଣା କରାଯିବା ସହ ସେମାନଙ୍କୁ ପୁରସ୍କୃତ କରାଯିବ।

# ରାସନ କାର୍ଡ ଓ ଭତ୍ତା ବଣ୍ଟନ

ସୁକିନ୍ଦା,୧୭।୯ (ସମିସ): ସୁକିନ୍ଦା ଅଞ୍ଚଳର ୨୯୦ହିତାଧିକାରୀଙ୍କୁ ରାସନ କାର୍ଡ ଓ ୧୦ଜଣ ହିତାଧିକାରୀଙ୍କୁ ଭତ୍ତା ଓ ଜଣେ ଭିନ୍ନକ୍ଷମଙ୍କୁ ଟ୍ରାଏ ସାଇକଲ ବଣ୍ଟନ କରାଯାଇଛି। ସୁକିନ୍ଦା ପଞ୍ଚାୟତ ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଚିହ୍ନଟ ହିତାଧିକାରୀଙ୍କୁ ରାସନ କାର୍ଡ, ଭତ୍ତା ଓ ସାଇକଲ ବଣ୍ଟନ କରିଥିଲେ। ବିଡିଓ ପ୍ରଜ୍ଞା ପରମିତା ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ଅତିରିକ୍ତ ବିଡିଓ ରଞ୍ଜନ କୁମାର ବେହେରା, ଯୋଗାଣ ଅଧିକାରୀ ସୋଭାଗିଂ ରାୟ, ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲୀପ କୁମାର ପାଣିଗ୍ରାହୀ, ରମଣୀରଞ୍ଜନ ବଳସାମନ୍ତ, ପ୍ରତାପ କୁମାର ପଟ୍ଟନାୟକ, ଶେଖର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ୨୦ରେ ଚିତ୍ରକଳା ପ୍ରତିଯୋଗିତା ଓ ପ୍ରଦର୍ଶନୀ

ଯାଜପୁର,୧୭।୯ (ସମିସ): ଯାଜପୁର ଜିଲ୍ଲା ପ୍ରଶାସନ, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ନିର୍ଦ୍ଦେଶାଳୟର ସହଯୋଗରେ ଆସନ୍ତା ୨୦ ତାରିଖରେ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଯାଜପୁର ଟାଉନ ଠାରେ ଏକ ଦିନିକିଆ ଚିତ୍ରକଳା ପ୍ରତିଯୋଗିତା ତଥା ପ୍ରଦର୍ଶନୀ ଆୟୋଜନ ହେବାକୁ ଯାଉଛି। ଏହି ପ୍ରତିଯୋଗିତା ଓ ପ୍ରଦର୍ଶନୀରେ ଜିଲ୍ଲାର ପ୍ରଖ୍ୟାତ ଚିତ୍ରଶିଳ୍ପୀମାନେ "ବିକଶିତ ଭାରତ-୨୦୪୭' ବିଷୟବସ୍ତୁ ଉପରେ ସେମାନଙ୍କର କାରୁକାର୍ଯ୍ୟ ଏବଂ ଜୀବନ୍ତ ସୃଷ୍ଟି ଉପସ୍ଥାପନ କରିବେ। ପ୍ରତିଯୋଗିତା ତିନୋଟି ବର୍ଗରେ ଅନୁଷ୍ଠିତ ହେବ। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରୁ ମନୋନୀତ କଳାକୃତିଗୁଡ଼ିକୁ ୨୫ ସେପ୍ଟେମ୍ବରରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତାରେ ପ୍ରଦର୍ଶିତ ଏବଂ ମୂଲ୍ୟାଙ୍କନ କରାଯିବ। ଆଗ୍ରହୀ ଅଂଶଗ୍ରହଣକାରୀମାନେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିପାରିବେ।

## ବାଲ୍ୟବିବାହ ରୋକିବାକୁ ଶପଥପାଠ

ଯାଜପୁର,୧୭।୯ (ସମିସ): ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ମନ୍ଦିର ପ୍ରାଙ୍ଗଣରେ ବାଲ୍ୟବିବାହର ପରିସମାପ୍ତି ପାଇଁ ସଚେତନତା ସ୍ୱରୂପ ଶପଥପାଠ କରାଯାଇଛି। ମନ୍ଦିରର ସେବାୟତମାନଙ୍କ ସହ ଶ୍ରଦ୍ଧାଳୁ ଓ ସ୍ଥାନୀୟ ଅଞ୍ଚଳର କିଶୋରୀ ବାଳିକାମାନଙ୍କୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଗତ ଦୁଇ ବର୍ଷ ଧରି ରୁଚିକା ଦ୍ୱାରା ଯାଜପୁର ଜିଲ୍ଲା ପ୍ରଶାସନ ସହଯୋଗରେ ବାଲ୍ୟବିବାହକୁ ରୋକିବା ପାଇଁ ବିଭିନ୍ନ ପ୍ରକାର ସଚେତନତାମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛି। ସର୍ବପ୍ରଥମେ ଦେବୀଦ୍ୱାରସ୍ଥିତ ମିଶନ ଶକ୍ତି କାଫେରେ କିଶୋରୀ ବାଳିକାମାନଙ୍କୁ ନେଇ ସଭାର ଆୟୋଜନ କରାଯାଇ ବାଲ୍ୟବିବାହର ଅପକାରିତା ବିଷୟରେ ବାର୍ତ୍ତା ରଖାଯାଇଥିଲା। ବାଲ୍ୟବିବାହ ଭଳି କୁସଂସ୍କାର ପ୍ରଥାକୁ ବର୍ଜନ କରିବାକୁ ଉତ୍ସାହିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ପାର୍ବତୀ ସାହୁ, ହବ୍‌ର ଜିଲ୍ଲା ସଂଯୋଜକ ପ୍ରଭାତ କୁମାର ଘଡେଇ, ଆଇସିଡ଼ିଏସର ସିଡିପିଓ ବଜମ୍ ଆରା ବେଗମ୍, ରୁଚିକା ସମାଜ ସେବା ସଂଗଠନର ଜିଲ୍ଲା ସଂଯୋଜକ ଦେବ ପ୍ରସାଦ ପାଠକ ଏବଂ ଅନ୍ୟ କର୍ମକର୍ତ୍ତାଙ୍କ ମଧ୍ୟରୁ ଅରୁଣା ଦାସ, ଗୁରୁପ୍ରସାଦ ପାଠକ, ପ୍ରତାପ ନାୟକ, ସୁଷମା ପଣ୍ଡା, ଚକ୍ରଧର ପଣ୍ଡା, ଲତାନ୍ତ ମିଶ୍ର, ଓ ଆଜମି ପ୍ରେଜମି ସଂଗଠନର ଜିଲ୍ଲା ସଂଯୋଜିକା ଶୁଭସ୍ମିତା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

# ଶିଳ୍ପୀକାର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ସୁକିନ୍ଦା,୧୭।୯ (ସମିସ): ପବିତ୍ର ବିଶ୍ୱକର୍ମା ପୂଜା ଅବସରରେ ଡାଲମିଆଁ ସିମେଣ୍ଟ କମ୍ପାନୀ ପକ୍ଷରୁ ସୁକିନ୍ଦାରେ ଶିଳ୍ପୀକାର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର ଅଧିକୃତ ବିକ୍ରେତା ମାଷ୍ଟର ଷ୍ଟୋର ବ୍ୟବସାୟିକ ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁକିନ୍ଦା ତଥା ଆଖପାଖ ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ବରିଷ୍ଠ ଶିଳ୍ପୀକାର (ରାଜମିସ୍ତ୍ରି)ଙ୍କୁ କମ୍ପାନୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବିଶେଷ କରି ୮୦ ବର୍ଷ ବୟସରେ ଏବେବି ବିଭିନ୍ନ ନିର୍ମାଣ କାର୍ଯ୍ୟ ଜାରି ରଖିଥିବା ସୁକିନ୍ଦା ଅଞ୍ଚଳର ଦୁର୍ଯ୍ୟୋଧନ ସାହୁଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଛି।




## ଟୁଙ୍ଗିରେ ଭାଗବତ ପଢ଼ା ବନ୍ଦ

# ଧାର୍ମିକ ଦିଗଦର୍ଶନରୁ ମୁହଁ ଫେରାଉଛନ୍ତି ଯୁବପିଢ଼ି

ଯାଜପୁର,୧୭।୯ (ସମିସ): ହିନ୍ଦୁ ଧର୍ମରେ ଭାଗବତର ସ୍ଥାନ ସ୍ୱତନ୍ତ୍ର। ଭାଗବତର ପ୍ରଚାର ପ୍ରସାର କରି ଘରେ ଘରେ ଧାର୍ମିକ ବାତାବରଣ ସୃଷ୍ଟି ଲାଗି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ସରକାର ସମୟରେ ଲକ୍ଷାଧିକ ଟଙ୍କା ବ୍ୟୟରେ ପ୍ରତି ଗାଁରେ ଭାଗବତ ଟୁଙ୍ଗି ନିର୍ମାଣ କରିଛନ୍ତି। ଅତୀତର ଇତିହାସ ଓ ପରମ୍ପରା ବଜାୟ ରଖିବା ପାଇଁ ଘରେ ପୂଜା ବାରଣ ଯୋଗୁଁ ଏହା ଟୁଙ୍ଗିରେ ରଖାଯାଇ ପ୍ରତିଦିନ ସନ୍ଧ୍ୟାରେ ପାଠ ସହ ଆଲୋଚନା କରାଯିବା କଥା; କିନ୍ତୁ ତାହା ନ ହୋଇ ଭାଗବତ ଟୁଙ୍ଗି ଘରଗୁଡିକ ଏବେ ବନ୍ଦ ହୋଇରହିଛି। ଏବେ କେବଳ ସ୍ମୃତି ଓ ସଂଗୃହୀତ ତଥ୍ୟ ରହିଛି। ଟୁଙ୍ଗିର ପୁନରୁଦ୍ଧାର ଲାଗି ସରକାର ଉଦ୍ୟମ କଲେ ସମାଜରେ ଧାର୍ମିକ ପ୍ରବଚନ ମାଧ୍ୟମରେ ଆଧ୍ୟାତ୍ମିକ ଭାବନା ସୃଷ୍ଟି ହୁଅନ୍ତା। ନଚେତ ଆଗାମୀ ପିଢ଼ି ଲାଗି ଭାଗବତ ଟୁଙ୍ଗି ଏକ ଇତିହାସ ହୋଇ ରହିଯିବ। ସାମ୍ପ୍ରତିକ ସମୟରେ ବିଜ୍ଞାନ ଓ ଯାନ୍ତ୍ରିକ ବ୍ୟବହାର ଉପରେ ଯୁବପିଢି ଆଗ୍ରହ ପ୍ରକାଶ କରୁଥିବା ବେଳେ ଗ୍ରାମ୍ୟ ପରମ୍ପରା ଧୀରେଧୀରେ ଜନ ମାନସରୁ ଲୋପହେବାରେ ଲାଗିଛି। ଏହା ବଞ୍ଚିଲେ ସମାଜରେ ଏକତା ଓ ଭାଇଚାରା ବଞ୍ଚିବ ବୋଲି ଭାଗବତ ପ୍ରେମୀମାନେ ମତବ୍ୟକ୍ତ କରିଛନ୍ତି।

## ମିଳୁନି ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା, ନୟାନ୍ତ ହେଲେଣି କହ୍ନେଇ

ବେଲବାହାଲି,୧୭।୯ (ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ହରିଡ଼ାପାଳ ପଞ୍ଚାୟତ ଟୋଲଙ୍କପଡା ଗ୍ରାମର ୧ ନଂ ୱାର୍ଡ ବାସିନ୍ଦା କହ୍ନେଇ ଜେନା (୮୨)। ଦୀର୍ଘଦିନ ହେବ ପଞ୍ଚାୟତଠାରୁ ଆରମ୍ଭକରି ବ୍ଲକ ପର୍ଯ୍ୟନ୍ତ ଧାଇଁ ଧାଇଁ ଅଧିକାରୀଙ୍କୁ ସାକ୍ଷାତ କରି ବର୍ଦ୍ଧିତ ଭତ୍ତା ସମ୍ପର୍କରେ ଆଲୋଚନା କରି



ଫେରୁଥିଲେ ମଧ୍ୟ ତାଙ୍କୁ କେବଳ ମିଳିଛି ପ୍ରତିଶ୍ରୁତି। ତାଙ୍କୁ ଏବେ ମଧ୍ୟ ପୂର୍ବ ସରକାରଙ୍କ ଅମଳରେ ମିଳିଆସୁଥିବା ହଜାରେ ଟଙ୍କା ସହାୟତା ରାଶି ମିଳୁଛି। ତୁରନ୍ତ ତାଙ୍କୁ, ତାଙ୍କ ଯୋଗ୍ୟତା ଅନୁସାରେ, ବର୍ଦ୍ଧିତ ଭତ୍ତା ଯୋଗାଇ ଦେବାକୁ ପ୍ରଶାସନ ନିକଟରେ ଆକୁଳ ନିବେଦନ କରିଛନ୍ତି କହ୍ନେଇ।

## ପଟିଲୋ ଡାଇରିଆ ସ୍ଥିତି ପରଖିଲା ସ୍ୱାସ୍ଥ୍ୟ ଟିମ୍



ରାମଚନ୍ଦ୍ରପୁର,୧୭।୯ (ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଗଡବାନ୍ଧଗୋଡା ପଞ୍ଚାୟତ ପଟିଲୋ ଗାଁରେ ଦୁଇ ଦିନ ହେଲା ଡାଇରିଆ ଆତଙ୍କ ଲାଗି ରହିଛି। ଏଥିରେ ଦୁଇ ଜଣଙ୍କର ଜୀବନ ଗଲାଣି। ଏବେବି ଅନେକ ଆକ୍ରାନ୍ତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ଟିମ୍ ସହ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଏକ ଡାକ୍ତରୀ ଦଳ ଗାଁର ପହଞ୍ଚି ସ୍ଥିତି ପରଖିଛନ୍ତି। ପଟିଲୋ ମାଝୀସାହିର ପ୍ରଫୁଲ୍ଲ ମାଝୀ (୬୫) ଝାଡାବାନ୍ତିରେ ଆକ୍ରାନ୍ତ ହେବା ପରେ ପରିବାର ଲୋକ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ମୃତ୍ୟୁ ଘଟିଥିଲା। ସେହିପରି କଳାକାର ମାଝୀ (୭୦)ଙ୍କୁ ପରିବାର ଲୋକ ଆନନ୍ଦପୁର ଡାକ୍ତରଖାନା ନେବା ବାଟରେ ମୃତ୍ୟୁ ହୋଇଯାଇଛି। ଏବେବି ମାଝୀସାହିର ଅନେକ ଝାଡାବାନ୍ତିରେ ଆକ୍ରାନ୍ତ ଥିବା ସୂଚନା ମିଳିଛି। ସେପଟେ ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିଥିବା ଚିକିତ୍ସାଧିକାରୀ କହିଛନ୍ତି। ନଳକୂପ ଏବଂ କୂପରେ ବ୍ଲିଚିଂ ପକାଇ ପାଣି ବିଶୋଧନ କରାଯାଇଛି। ଲୋକେ ପାଣିକୁ ଫୁଟାଇ ପିଇବା ପିଇବା ସହ ବାହାରେ ମଳତ୍ୟାଗ ନକରିବାକୁ ପରାମର୍ଶ ଦିଆଯାଇଛି। ଏହି କାର୍ଯ୍ୟରେ ଆଶା, ଅଙ୍ଗନବାଡି ଏବଂ ସ୍ୱାସ୍ଥ୍ୟକର୍ମୀମାନେ ନିୟୋଜିତ ହୋଇଛନ୍ତି। ମାତ୍ର ଦୁଇ ଦିନରେ ଦୁଇ ଜଣଙ୍କ ମୃତ୍ୟୁ ହେବା ପରେ ଗାଁରେ ଭୟର ବାତାବରଣ ଖେଳିଯାଇଛି।

**ଦୁଇ ମୃତ, ଅନେକ ଆକ୍ରାନ୍ତ**

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ ଓ ଉତ୍ସାହ'

କେନ୍ଦୁଝର, ୧୭।୯ (ସମିସ)




ଶିଶୁଯତ୍ନ ଅନୁଷ୍ଠାନର ଅନ୍ତେବାସୀଙ୍କ ଲୁକ୍କାୟିତ ପ୍ରତିଭାକୁ ପରିସ୍ଫୁଟନ କରିବା ଲକ୍ଷ୍ୟ ନେଇ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, କେନ୍ଦୁଝର ତରଫରୁ ଜିଲ୍ଲାର ଶିଶୁ ଯତ୍ନ ଅନୁଷ୍ଠାନର ପିଲାଙ୍କୁ ନେଇ ସ୍ଥାନୀୟ ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ମହକ ଓ ଉତ୍ସାହ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୭ଟି ଶିଶୁଯତ୍ନ ଅନୁଷ୍ଠାନର ୧୭୦ ଜଣ ପ୍ରତିଯୋଗୀ ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିଥିଲେ। ଶିଶୁଙ୍କ ମଧ୍ୟରେ ଫୁଟବଲ, ଉଚ୍ଚଡିଆଁ, ଲମ୍ବଡିଆଁ, ଚେସ, କ୍ୟାରମ, ଦୌଡ଼, ବକ୍ତୃତା, ଦଳଗତ ନୃତ୍ୟ, ସଂଗୀତ, ଚିତ୍ରାଙ୍କନ, କୁଇଜ ଆଦି କନିଷ୍ଠ, ବରିଷ୍ଠ, ବାଳକ, ବାଳିକା ବର୍ଗରେ ଅନୁଷ୍ଠିତ ହୋଇଥିଲା। ପରେ ପରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ବିବେକାନନ୍ଦ ମହାନ୍ତ, ଜିଲ୍ଲା ଶ୍ରମ ଅଧିକାରୀ ଆକାଶ ବିଷୋୟୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ସହକାରୀ ଜିଲ୍ଲାପାଳ ସରୋଜ ମଲ୍ଲିକ, ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ବିଭୂତି ଭୂଷଣ ଦାଶ ଅତିଥି ଭାବେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ପ୍ରିୟଙ୍କା ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଚାଇଲଡ ହେଲ୍ପଲାଇନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ସତ୍ୟଜିତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

## ଦୁଇ ବାଇକ୍ ଧକ୍କା; ଜଣେ ଗୁରୁତର

ବେଲବାହାଲି, ୧୭।୯ (ସମିସ): ଘସିପୁରା ଥାନା ଟାଙ୍ଗର ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ଆହତ ଓ ଆଉ ଜଣେ ଗୁରୁତର ହୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଭଣ୍ଡାରଡିହା ପଞ୍ଚାୟତ ରାଇଘାଟି ଗ୍ରାମର ଡମ୍ବରୁ ହେମ୍ବ୍ରମ(୫୫) ନାରଙ୍ଗପୁର ବଜାରରୁ ନିଜ ଭାଉଜଙ୍କ ଶୁଦ୍ଧିକ୍ରିୟା ଜିନିଷ ଧରି ଫେରୁଥିଲେ। ଟାଙ୍ଗର ରାସ୍ତା ଉପରେ ସାମନା ପଟରୁ ଆସୁଥିବା ଗୋଟିଏ ବାଇକ ଚାଳକ ସହ ଧକ୍କା ହୋଇଥିଲା। ଏଥିରେ ଡମ୍ବରୁ ହେମ୍ବ୍ରମଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟ ଓ ପରେ ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା।

# ସମ୍ପାଦକୀୟ



ରକ୍ଷଣଶୀଳତା ଦ୍ୱାରା ହିଁ ନିଶାମୁକ୍ତ ସମାଜ ଗଠନ ସମ୍ଭବ।
-ଓସ୍କାର ୱାଇଲ୍ଡ

ସକାଳ THE SAKALA

## ସମସ୍ୟା ଓ ସମାଧାନ

ରାଜ୍ୟର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ କେନ୍ଦ୍ର ଅଛି, ଅଥଚ ଚିକିତ୍ସକ କି ସ୍ୱାସ୍ଥ୍ୟ ସହାୟକ ନାହାନ୍ତି। ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ପରିଲକ୍ଷିତ ଏହି ବିଫଳତାର ଯେ ସମାଧାନ ସୂତ୍ର ନାହିଁ, ଏକଥା ନୁହେଁ। ସରକାରୀ ମଞ୍ଜୁରୀପ୍ରାପ୍ତ ମେଡିକାଲ ଅଫିସରଙ୍କ ସଂଖ୍ୟା ୭,୮୦୬ ହୋଇଥିବା ବେଳେ ନିଯୁକ୍ତି ପାଇଛନ୍ତି ୨,୭୯୨ ଜଣ। ଅବଶିଷ୍ଟ ୫୮୩୪ ଡାକ୍ତରୀ ପଦ ଖାଲିପଡ଼ିଛି। ତେବେ ଜିଲ୍ଲା ସଦର ମହକୁମା ସ୍ଥିତି ଅପେକ୍ଷାକୃତ ଭଲ। ୯୪୬ ବିଶେଷଜ୍ଞ ଡାକ୍ତରୀ ପଦବୀରୁ ୧୭୯ ଆସନ ଖାଲିପଡ଼ିଛି। ଏହି ପରିସଂଖ୍ୟାନ ଦର୍ଶାଇବା ବେଳେ ଆମକୁ କହିବାକୁ ପଡୁଛି ଯେ ଅତି ଦୂରଦୂରାନ୍ତ ଅନଗ୍ରସର ଅଞ୍ଚଳରେ ଡାକ୍ତରଙ୍କ ଆବାସସ୍ଥଳ ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ଅଭାବ ଯୋଗୁଁ ନିଯୁକ୍ତି ପାଉଥିବା ଡାକ୍ତର ଯିବାକୁ ଅମଙ୍ଗ ହେଉଛନ୍ତି। ଏକ୍ଷେତ୍ରରେ ସେମାନେ ବିକଳ୍ପ ବ୍ୟବସ୍ଥାକୁ ଆଦରି ନେବାକୁ ବାଧ୍ୟବାଧକତା ସୃଷ୍ଟି ହୋଇଛି। ସେହିଭଳି ସେମାନଙ୍କୁ ନିର୍ଦ୍ଧାରିତ ୩ ବର୍ଷ ବ୍ୟବଧାନରେ ବଦଳି କରାନଯିବା ମଧ୍ୟ ଅନ୍ୟ ଏକ ଦିଗ। ଏକ୍ଷେତ୍ରରେ ମଧ୍ୟ ବାଛ ବିଚାର ଅନୁଭବ ହେଉଛି।

ଏଠାରେ ଏହି ପ୍ରସଙ୍ଗ ଉଲ୍ଲେଖ କରାଯିବାର ଉଦ୍ଦେଶ୍ୟ ହେଉଛି ରାଜ୍ୟରେ ନୂଆ ମେଡିକାଲ କଲେଜ ଖୋଲିଯିବା ପରେ ଡାକ୍ତର ଆଉ ଅଭାବ ନାହାନ୍ତି। ଏକ୍ଷେତ୍ରରେ ସରକାରଙ୍କ ପକ୍ଷରୁ ଯୋଜନାବଦ୍ଧ ଉଦ୍ୟମ ନାହିଁ। ଆମକୁ ଏଠାରେ କହିବାକୁ ପଡୁଛି ଯେ ଡାକ୍ତର ନିଯୁକ୍ତି ପାଇଁ କେବଳ ଓପିଏସସି ପରୀକ୍ଷା ଓ ଉତ୍ତୀର୍ଣ୍ଣଙ୍କ ଉପରେ ନିର୍ଭର କଲେ ବ୍ୟବସ୍ଥା ସୁଧୁରିବ ନାହିଁ। ସମୟ ବଦଳିଛି। ରାଜ୍ୟରୁ ପ୍ରତିବର୍ଷ ହାରାହାରି ସରକାରୀ ମେଡିକାଲ କଲେଜରୁ ୨ ହଜାର ପର୍ଯ୍ୟନ୍ତ ଏମବିବିଏସ ଡିଗ୍ରୀଧାରୀ ବାହାରୁଛନ୍ତି। ସେମାନଙ୍କ ଶିକ୍ଷାଦାନ ପାଇଁ ସରକାରଙ୍କୁ ବିପୁଳ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି। ତେଣୁ ଶିକ୍ଷାଦାନ ସହ ରାଜ୍ୟର ବୃହତ୍ତର ସ୍ୱାର୍ଥରକ୍ଷା ପାଇଁ ସରକାରୀ ସର୍ତ୍ତ ସଂଯୁକ୍ତ କରାଯାଇପାରିବ। ଏହି ଡିଗ୍ରୀଧାରୀଙ୍କୁ ଅନ୍ତତଃ ଦୁଇବର୍ଷ ପାଇଁ ଗ୍ରାମାଞ୍ଚଳରେ ଚୁକ୍ତିଭିତ୍ତିକ ସେବା ଦେବାର ବାଧ୍ୟବାଧକତା ରଖାଯାଇପାରେ। ଏହି ବାଧ୍ୟବାଧକତା ସହ ସେମାନଙ୍କ ରେଜିଷ୍ଟ୍ରେସନକୁ ସଂଶ୍ଳିଷ୍ଟ ରଖାଯିବାରେ କୌଣସି ଅସୁବିଧା ନାହିଁ। ସରକାରଙ୍କ ବିପୁଳ ବ୍ୟୟ ବିନିମୟରେ ରାଜ୍ୟବାସୀଙ୍କୁ ସେମାନେ ଏହି ସୁବିଧା ଓ ସେବା ଦେବାର ଔଚିତ୍ୟ ନେଇ ବିଚାର ବିମର୍ଶ କରିବାର ସମୟ ଏବେ ଉପସ୍ଥିତ। ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ମଧ୍ୟ ଅନୁରୂପ ଭାବେ ଜିଲ୍ଲା ସଦର ମହକୁମାରେ କାମ କରିବାକୁ ପଡ଼ିବ। ଏହି ଚୁକ୍ତିଭିତ୍ତିକ ନିଯୁକ୍ତି ବ୍ୟବସ୍ଥାକୁ ଦୁଇବର୍ଷରେ ସୀମିତ ରଖିବା ସହ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦିଆଗଲେ ସମୟକ୍ରମେ ଡାକ୍ତର ନିଅଣ୍ଟିଆ ସ୍ଥିତିରେ ସୁଧାର ଆସିପାରିବ।

ଅଗଷ୍ଟ ମାସରେ ମୁଖ୍ୟମନ୍ତ୍ରୀ ଖୁବ୍‌ଶୀଘ୍ର ୧୮୪୦ ଡାକ୍ତର ଓ ୫୦୦୦ ପାରା ମେଡିକାଲ ଷ୍ଟାଫ ନିଯୁକ୍ତି ଦିଆଯିବ ଘୋଷଣା କରିଛନ୍ତି। ଘୋଷଣା ଓ କାର୍ଯ୍ୟକାରିତାରେ ବ୍ୟବଧାନ ଯେତେ ସଂକୁଚିତ ହେବ ତୃଣମୂଳ ସ୍ତରରେ ତାହାର ସେତିକି ସକାରାତ୍ମକ ପ୍ରଭାବ ଅନୁଭୂତ ହେବ। ଆମକୁ ଏଠାରେ କହିବାକୁ ପଡୁଛି ଯେ କ୍ଷମତା ବଦଳିଲେ ବ୍ୟବସ୍ଥା ବଦଳେନି। ଏମିତି କିଛି ବ୍ୟବସ୍ଥା ଓ ଶୃଙ୍ଖଳାକୁ ବଦଳାଇବାକୁ ଯାଇ କ୍ଷମତା ଯେଉଁ ବିଭ୍ରାଟ ସୃଷ୍ଟି କରନ୍ତି ତାହାର ପ୍ରତିକୂଳ ସବୁସ୍ତରରେ ଅନୁଭୂତ ହୁଏ। ଅନ୍ତତଃ ସେଭଳି ମାନସିକତାରୁ କ୍ଷମତା ଦୂରେଇ ରହିବା ଭଲ।

## ଏସିଆ କପ ବିବାଦ

କ୍ରିକେଟ ଆମ ଦେଶର ଖେଳ ନ ହେଲେ ମଧ୍ୟ ତାହା ଏବେ ସବୁମହଲରେ ଆକର୍ଷଣର କେନ୍ଦ୍ରବିନ୍ଦୁ। ସଂପର୍କରେ ତିକ୍ତତା ଯୋଗୁଁ ଭାରତ ଓ ପାକିସ୍ତାନ ମଧ୍ୟରେ କ୍ରିକେଟ ସିରିଜ ଆୟୋଜନ ବନ୍ଦ ରହିଛି। ଏସବୁ ସତ୍ତ୍ୱେ ଆନ୍ତର୍ଜାତିକ ଓ ଆଞ୍ଚଳିକ ସ୍ତରରେ ଟୁର୍ଣ୍ଣାମେଣ୍ଟ ହେଉଛି ଓ ଆଗକୁ ହେବ। ଦ୍ୱିପାକ୍ଷିକ ସଂପର୍କରେ ଯେତେ ତିକ୍ତତା ସୃଷ୍ଟି ହେଲେ ମଧ୍ୟ ଦୁଇ ଦଳ ସେଥିରେ ଅଂଶଗ୍ରହଣ କରିବେ ଓ ପରସ୍ପର ସହ ମ୍ୟାଚ ଖେଳିବେ। ତେବେ ଗତ ଅପ୍ରେଲ ଓ ମେ'ରେ ପହଲଗାମ ନୃଶଂସ ଗଣହତ୍ୟା ଏବଂ ପରବର୍ତ୍ତୀ 'ଅପରେସନ ସିନ୍ଦୂର' ଘଟଣାକ୍ରମର ସ୍ଥିତିକୁ ବିଚାର କରି ପାକିସ୍ତାନ ସହ ମ୍ୟାଚ ନ ଖେଳିବା ସକାଶେ ଆମ ଦେଶରେ ଜନମତ ସୃଷ୍ଟି ହୋଇଥିଲା। ଏହି ବିବାଦୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଦୁବାଇରେ ଏସିଆ କପ ଆୟୋଜିତ କରାଯାଇଛି। ଏସବୁ ସତ୍ତ୍ୱେ ମ୍ୟାଚ ବିବାଦ ମୁକ୍ତ ହୋଇପାରିନାହିଁ। ଦୁଇଦଳର ଖେଳାଳି ପରସ୍ପର ସହ କରମର୍ଦ୍ଦନ କରି ନଥିବାର ପରିଲକ୍ଷିତ ହୋଇଛି। ଏକଥା ସତ ଯେ ରାଜନୀତିକ ସ୍ତରର ଅନାଗ୍ରହ ଯୋଗୁଁ ଏଭଳି ଏକ ଅଭାବନୀୟ ପରିସ୍ଥିତି ଉପୁଜି ଥିଲା।

ଏସିଆ କପର ପ୍ରାୟୋଜକ ଭାରତ। ବିଭିନ୍ନ ମହଲର ବାଦ ଓ ପ୍ରତିବାଦ ସତ୍ତ୍ୱେ ଟୁର୍ଣ୍ଣାମେଣ୍ଟରୁ ପାକିସ୍ତାନକୁ ବାଦଦେବା ଯେମିତି ସମ୍ଭବ ନୁହେଁ ସେମିତି ପରସ୍ପର ମଧ୍ୟରେ ମ୍ୟାଚକୁ ଏଡ଼ାଇ ଯିବା ଏତେ ସହଜ ନଥିଲା। କିନ୍ତୁ ଏକଥା ସତ ଯେ ଦୁବାଇରେ ଏହି ମ୍ୟାଚ ପ୍ରତି ସେଭଳି ଆକର୍ଷଣ ଥିବାର ପରିଲକ୍ଷିତ ହୋଇନାହିଁ। ଅବଶ୍ୟ ଭାରତର ୭ ଉଇକେଟରେ ଏହି ସହଜ ବିଜୟ କ୍ରିକେଟପ୍ରେମୀଙ୍କୁ ସନ୍ତୁଷ୍ଟ କରିଛି। ଟସ ପରେ ଓ ଏବଂ ତାହାର ପରବର୍ତ୍ତୀ ଘଟଣାରୁ ବିବାଦର ସୂତ୍ରପାତ ହୋଇଛି। ମ୍ୟାଚ ରେଫରୀ ଆଣ୍ଡି ପାଇକ୍ରଫ୍ଟଙ୍କ ଭୂମିକା ନେଇ ପାକିସ୍ତାନ କ୍ରିକେଟ ବୋର୍ଡ କେବଳ ଆପତ୍ତି ଉଠାଇନି, ତାଙ୍କୁ ଟୁର୍ଣ୍ଣାମେଣ୍ଟରୁ ବାଦ ନ ଦେଲେ ଦଳ ପରବର୍ତ୍ତୀ ମ୍ୟାଚ ନଖେଳିବାକୁ ନିଷ୍ପତ୍ତି ନେଇଛି। ଟସ୍ ପରେ ଦୁଇଦଳର ଅଧିନାୟକ ପରସ୍ପର କରମର୍ଦ୍ଦନ କରିଥା'ନ୍ତି। କିନ୍ତୁ କରମର୍ଦ୍ଦନ ନ କରିବାକୁ ପାକିସ୍ତାନ ଦଳ ଅଧିନାୟକ ସଲମାନ ଆଘାଙ୍କୁ ପରାମର୍ଶ ଦେଇଥିଲେ। ପୂର୍ବରୁ ସେ ଭାରତୀୟ ଅଧିନାୟକଙ୍କ ସହ ଏସଂପର୍କରେ ଆଲୋଚନା କରିଥିଲେ, ଯାହାକି ଏମସିସି ନିୟମର ବିରୋଧାଚରଣ। ଏହି ଅଭିଯୋଗ କରିଛନ୍ତି ପିସିବି ମୁଖ୍ୟ ମହସିନ୍ ନକ୍‌ଭି। ମ୍ୟାଚ ପରେ ମଧ୍ୟ ଭାରତୀୟ ଖେଳାଳି କରମର୍ଦ୍ଦନ ନ କରି ଡ୍ରେସିଂରୁମ୍‌କୁ ଫେରିଯିବା ସହ ଭିତରୁ କବାଟ ବନ୍ଦ କରିଥିଲେ। ପହଲଗାମରେ ଆତଙ୍କବାଦୀଙ୍କ ନୃଶଂସ ଆକ୍ରମଣରେ ୨୬ ନିରୀହ ଲୋକଙ୍କ ମୃତ୍ୟୁର ଏହା ଥିଲା ସେମାନଙ୍କ ପ୍ରତିବାଦ ଏବଂ ମ୍ୟାଚ ବିଜୟକୁ ସେମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି। ଆସନ୍ତା ରବିବାର ସୁପର ଫୋର ମ୍ୟାଚରେ ଦୁଇ ଦଳ ପରସ୍ପରକୁ ପୁଣି ଭେଟିବେ।

ପ୍ରୟୋଜକ ଓ ଅର୍ଥ ଉପାର୍ଜନ ବଡ଼ କଥା ନୁହେଁ। ତା'ଠାରୁ ଊର୍ଦ୍ଧ୍ୱରେ ଦେଶବାସୀଙ୍କ ଭାବାବେଗ ଓ ଆତ୍ମସମ୍ମାନ ତଥା ଦେଶର ମର୍ଯ୍ୟାଦା। କ୍ରିକେଟ ଖେଳ ସହ ସଂଶ୍ଳିଷ୍ଟ ଥିବା ଶିଷ୍ଟାଚାର ଓ ସଦଭାବନାର ମଧ୍ୟ ଗୁରୁତ୍ୱ ରହିଛି। ଭଦ୍ରଲୋକଙ୍କ ଖେଳ ରୂପେ ସ୍ୱତନ୍ତ୍ର ମର୍ଯ୍ୟାଦା ଥିବା କ୍ରିକେଟରେ ଏଭଳି ସୌଜନ୍ୟ ରକ୍ଷା ନ କରିବା ଅପେକ୍ଷା ମ୍ୟାଚ ନ ଖେଳିଥିଲେ ଭଲ ହୋଇଥା'ନ୍ତା। ମ୍ୟାଚ ପରବର୍ତ୍ତୀ ପରିସ୍ଥିତି ନେଇ ଆନ୍ତର୍ଜାତିକ ସ୍ତରରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି ହୋଇଛି ସେଥିପ୍ରତି କର୍ତ୍ତୃପକ୍ଷ ସଚେତନ ହେବା ଉଚିତ। ଆଇସିସି ପାକିସ୍ତାନର ଦାବିକୁ ଅଗ୍ରାହ୍ୟ କରି ବିବାଦର ଅବସାନ ଘଟାଇଛି। ପାଇକ୍ରଫ୍ଟ ମଧ୍ୟ ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇବେ। ତେବେ ଏସିଆ କପରେ ସୃଷ୍ଟି ହୋଇଥିବା ଏହି ଖରାପ ପରମ୍ପରାକୁ କ୍ରିକେଟ ଇତିହାସରୁ ଲିଭାଇ ଦେଇ ହେବନି। ଉତ୍ତର ପିଢ଼ି ମଧ୍ୟ ଆମକୁ ଏନେଇ ପ୍ରଶ୍ନ କରିବ।

# ବିଶ୍ୱାସ-ସଙ୍କଟରେ ଚତୁର୍ଥସ୍ତମ୍ଭ

ଡ. ଏମ୍ ଜି ପ୍ରସାଦ

ନିକଟରେ ନେପାଳରେ ଶାସକ ବିରୋଧୀ ବିଦ୍ରୋହ ପଛରେ ସାମାଜିକ ଗଣମାଧ୍ୟମର ପ୍ରଚ୍ଛନ୍ନ ଭୂମିକା ପୃଷ୍ଠଭୂମିରେ ପଡ଼ୋଶୀ ଭାରତ ସରକାର ସଜାଗ ଓ ସତର୍କ ହୋଇଛନ୍ତି। ସାମାଜିକ ଗଣମାଧ୍ୟମ ସମେତ ମୁଖ୍ୟସ୍ରୋତ ଗଣମାଧ୍ୟମରେ ମିଛ ଓ ବିଭ୍ରାନ୍ତିକର ଖବରକୁ ତନଖ କରିବା ଲାଗି ପ୍ରଚଳିତ ଆଇନରେ ସଂଶୋଧନ ଆଣି କଡ଼ା କଟକଣା ଲାଗୁ କରିବାକୁ ବିଚାରବିମର୍ଶ ଆରମ୍ଭ ହୋଇଛି। ସରକାରଙ୍କ ଏହି ଉଦ୍ୟମ ପଛରେ ଗଣମାଧ୍ୟମରେ ମିଥ୍ୟାଖବରର ନିୟନ୍ତ୍ରଣ ଲକ୍ଷ୍ୟ ତୁଳନାରେ ସରକାର ବିରୋଧୀ ଖବର ପ୍ରଚାର/ପ୍ରସାରକୁ ନିୟନ୍ତ୍ରଣ ଲକ୍ଷ୍ୟ ଅଧିକ ବୋଲି ଯେଉଁ ଚର୍ଚ୍ଚା ହେଉଛି ତାହାକୁ ସମ୍ପୂର୍ଣ୍ଣ ନିରାଧାର ବୋଲି କୁହାଯାଇପାରିବ ନାହିଁ। କାରଣ ନେପାଳ ଘଟଣାରେ ସାମାଜିକ ଗଣମାଧ୍ୟମର ମିଛ ଖବର ନୁହେଁ, ବରଂ ସରକାରୀ ସ୍ତରରେ ପ୍ରିୟାପ୍ରୀତିତୋଷଣ ଓ ଭ୍ରଷ୍ଟାଚାରର ଖବର ପ୍ରସାରଣ ହିଁ ଜନତା, ବିଶେଷକରି ଛାତ୍ରସମାଜକୁ ବିଦ୍ରୋହୀ କରିଥିଲା। ତେବେ ସାମାଜିକ ଗଣମାଧ୍ୟମ ମଧ୍ୟ ମିଛ ଓ ଅତିରଞ୍ଜିତ ଖବର ପ୍ରଚାରରୁ ଅଭିଯୋଗମୁକ୍ତ ହୋଇପାରୁ ନ ଥିବାରୁ ଭାରତ ସରକାରଙ୍କ କଡ଼ା କଟକଣା ନିଷ୍ପତ୍ତି ଅନେକ ଦୃଷ୍ଟିରୁ ସ୍ୱାଗତଯୋଗ୍ୟ। ଏହି ସାମଗ୍ରିକ କସରତରେ ଏକ 'କିନ୍ତୁ' ରହିଯାଉଛି, ଯାହା କଟକଣାର କାର୍ଯ୍ୟକାରିତା ଉପରେ କେତେକ ପ୍ରଶ୍ନବୋଧକ ସୃଷ୍ଟି କରୁଛି ଏବଂ ସାମାଜିକ ଗଣମାଧ୍ୟମର ବିଶ୍ୱସନୀୟତା/ଅବିଶ୍ୱସନୀୟତାକୁ ଦ୍ୱନ୍ଦ୍ୱର କୁହେଳି ଭିତରକୁ ଠେଲି ଦେଉଛି।

ଗଣମାଧ୍ୟମ ସହିତ ସ୍ୱାଧୀନ ମତ ପ୍ରକାଶର ଅଧିକାର ଓ ବ୍ୟକ୍ତି ସ୍ୱାଧୀନତା ପ୍ରସଙ୍ଗ ଅବିଚ୍ଛିନ୍ନ। ଆଜିର ପ୍ରଯୁକ୍ତି ବିଦ୍ୟା ବିକଶିତ ଯୁଗରେ ଗଣମାଧ୍ୟମର ପରିସର ଓ ଲକ୍ଷ୍ମଣରେଖା ନିର୍ଦ୍ଧାରଣ କରିବା କଷ୍ଟ। ଏହା ଅବଧାରଣୀୟ ଯେ ଗଣମାଧ୍ୟମ ଅନିୟନ୍ତ୍ରିତ ହେଲେ ଗଣତନ୍ତ୍ର ପ୍ରତି ବିପଦ; ଉଚ୍ଛୃଙ୍ଖଳ ହେଲେ ସରକାର, ସମାଜ, ରାଷ୍ଟ୍ର ଓ ସର୍ବସାଧାରଣଙ୍କ ପାଇଁ ବିପଦ। ଡିଜିଟାଲ ଗଣମାଧ୍ୟମ ନିମିଷକେ ବିଶ୍ୱର ପ୍ରତିଟି କୋଣରେ ଅବାଧରେ ପହଞ୍ଚିଯାଉଥିବାରୁ ବିଭ୍ରାନ୍ତିକର ତଥ୍ୟ, ସମ୍ବାଦ ଓ ମତ ପ୍ରସାରଣ ଜରିଆରେ ଜନମତକୁ ପ୍ରଭାବିତ କରି ରାଷ୍ଟ୍ରବିରୋଧୀ ବିକ୍ଷୋଭ, ଆନ୍ଦୋଳନ, ହିଂସା ସୃଷ୍ଟି କରିବା ସହଜ ହୋଇଯାଇଛି ଏବଂ ଏହାର ଅନେକ ଉଦାହରଣ ଏବେ ଭାରତ ସମେତ ବିଶ୍ୱର ପ୍ରାୟ ପ୍ରତ୍ୟେକ ରାଷ୍ଟ୍ର ସାମ୍ନା କରି ଆସୁଛନ୍ତି। ତେଣୁ ସାମାଜିକ ଗଣମାଧ୍ୟମକୁ ଜନସ୍ୱାର୍ଥ ଓ ରାଷ୍ଟ୍ରହିତ ପ୍ରତି ବିପଦର ଦୁହାଇ ଦେଇ ବିଶ୍ୱର ଅନେକ ପ୍ରଗତିଶୀଳ ରାଷ୍ଟ୍ର ନିୟନ୍ତ୍ରଣ କରିବାର ଉଦ୍ୟମ ଜାରି ରଖିଛନ୍ତି। ଅପରପକ୍ଷରେ ସାମାଜିକ ଗଣମାଧ୍ୟମର ମୂଳ ସଂସ୍ଥାମାନ ଏହାକୁ ବାକ୍ ସ୍ୱାଧୀନତାର କଣ୍ଠରୋଧ ବୋଲି ଅଭିଯୋଗ କରୁଛନ୍ତି। ତେଣୁ ବ୍ୟକ୍ତି ସ୍ୱାଧୀନତା, ସ୍ୱାଧୀନ ମତ ପ୍ରକାଶର ଅଧିକାର, ବ୍ୟକ୍ତିଗତ ଗୋପନୀୟତା ଏବଂ ଅପରପକ୍ଷରେ ରାଷ୍ଟ୍ରର ସାର୍ବଭୌମତା, ଅଖଣ୍ଡତା, ଏକତା, ପ୍ରତିରକ୍ଷା ଆଦିର ବିରୋଧାଭାସ ଭିତରେ ଏକ ପ୍ରଭାବଶାଳୀ ଆଇନ କାର୍ଯ୍ୟକାରୀ କରିବା ଦୁରୂହ ବ୍ୟାପାର।

ଉଚ୍ଛୃଙ୍ଖଳ ସାମାଜିକ ଗଣମାଧ୍ୟମକୁ ତା'ର ଲକ୍ଷ୍ମଣରେଖା ମଧ୍ୟରେ ରଖିବା ପାଇଁ ଭାରତରେ ଭାରତୀୟ ସୂଚନା ପ୍ରଯୁକ୍ତି ଆଇନର ଧାରା ୭୯ ଉଦ୍ଦିଷ୍ଟ। ଏହାର ସଂଶୋଧିତ ନିୟମ ଅନୁସାରେ ଅଭିଯୋଗ ପାଇବାର ୨୪ ଘଣ୍ଟା ମଧ୍ୟରେ ବେଆଇନ ବିଷୟବସ୍ତୁ ଓ ବାର୍ତ୍ତାକୁ ପ୍ରତ୍ୟାହାର କରିବାର ଅଧିକାର ମିଡିଆ ପ୍ଲାଟଫର୍ମର ରହିଛି। ସେହିଭଳି ୨୦୨୧ରେ ପ୍ରଣୀତ ଡିଜିଟାଲ ମିଡିଆ ନୀତି ମାର୍ଗଦର୍ଶିକା(କୋଡ୍ ଅଫ୍ ଏଥିକ୍ସ)ରେ ବିଭିନ୍ନ ପ୍ରତିକାର ଓ କଟକଣା ବ୍ୟବସ୍ଥା ରହିଛି। କିନ୍ତୁ ଯେଉଁ ପ୍ରଶ୍ନଟି ପ୍ରଭାବଶାଳୀ ଆଇନ ଓ କଟକଣାକୁ ନଗଣ୍ୟ କରିଦେଉଛି ତାହା ହେଉଛି ଗୋଟିଏ ଖବର ବା ଫଟୋ ବା ଭିଡିଓ ସତ କି ମିଛ ତାହା ଯାଞ୍ଚ କରିବା ପାଇଁ ବିଧିବଦ୍ଧ ବ୍ୟବସ୍ଥା କ'ଣ? ଆଜିକାଲି ପ୍ରାୟ ସମସ୍ତଙ୍କ ହାତରେ ସ୍ମାର୍ଟଫୋନ, ଯାହା ଇଣ୍ଟରନେଟ୍ ଦ୍ୱାରା ସଂଯୁକ୍ତ। ଯଦି କେହି କିଛି ସେଥିରେ ଲେଖିଦିଏ, ଫଟୋ କିମ୍ବା ଭିଡିଓ ଅପଲୋଡ୍ କରିଦିଏ ତେବେ ତାହାକୁ ତନଖ କରିବ କିଏ ଏବଂ କେତେବେଳେ? ପୁଣି ସାମ୍ପ୍ରତିକ କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ଡିଜିଟାଲ ଗଣମାଧ୍ୟମରେ ପ୍ରସ୍ତୁତ କୌଣସି ଘଟଣାକୁ ସତ କି ମିଛ ଜାଣିବା କେବଳ ଏହାର ବ୍ୟତିରେକ କାହାରି ନାହିଁ। ତେଣୁ ତଥ୍ୟର ସତ୍ୟାସତ୍ୟ ଯାଞ୍ଚ ହେବା ବେଳକୁ ତାହା ଅବିଳମ୍ବେ ବିଶ୍ୱର ଚତୁର୍ଦ୍ଦିଗରେ ପହଞ୍ଚିସାରିଥିବ ଏବଂ ଯାଦୁକରୀ ପ୍ରଭାବ ବିସ୍ତାର କରିସାରିଥିବ। ଡିଜିଟାଲ ଗଣମାଧ୍ୟମରେ ଏବେ ନିମିଷକେ ଲକ୍ଷଲକ୍ଷ ଅପଲୋଡ୍ ହେଉଛି। ସେଥିମଧ୍ୟରୁ ଠିକ୍ ଭୁଲ ବାଛିବା ଏକପ୍ରକାର ଅସମ୍ଭବ ବ୍ୟାପାର ଏବଂ ସମ୍ପୃକ୍ତ ସଂସ୍ଥା ମଧ୍ୟ ନାଚାର।

ସାମ୍ପ୍ରତିକ ଡିଜିଟାଲ ଯୁଗରେ ଅନ୍‌ଲାଇନ ସମ୍ବାଦ ସଂସ୍ଥାମାନଙ୍କୁ ବାଦ୍ ଦେଇ ଗଣମାଧ୍ୟମର ପରିକଳ୍ପନା କରାଯାଇପାରିବ ନାହିଁ। ଅଧିକନ୍ତୁ ପ୍ରସାରଣ ଓ ପ୍ରଚାର ଦୃଷ୍ଟିରୁ ଡିଜିଟାଲ ବା ସାମାଜିକ ଗଣମାଧ୍ୟମ ମୁଖ୍ୟସ୍ରୋତ ଗଣମାଧ୍ୟମ ପାଇଁ ଆହ୍ୱାନ ସୃଷ୍ଟି କରିଛି। ସାମ୍ପ୍ରତିକ କର୍ପୋରେଟ୍ ଆଶ୍ରିତ ଗଣମାଧ୍ୟମ ଯୁଗରେ ସାମାଜିକ ଗଣମାଧ୍ୟମ ମଧ୍ୟ ନିର୍ଭୀକ ଓ ଆଦୃତ ହେଉଛନ୍ତି। ଜଣେ ବ୍ୟକ୍ତି ମୁକ୍ତ ଭାବେ ନିଜର ବିଚାର ବ୍ୟକ୍ତ କରିପାରୁଛି। ତାହା ଠିକ୍ ହେଉ କି ଭୁଲ, ସକାରାତ୍ମକ ବା ନକାରାତ୍ମକ ତାହା ଭିନ୍ନ କଥା। ମୁକ୍ତ ମତ ପ୍ରକାଶର ଏହି ସୁଯୋଗ ଯୋଗୁଁ ସାମାଜିକ ଗଣମାଧ୍ୟମ ସଂସ୍ଥାମାନେ ମଧ୍ୟ ବିପୁଳ କ୍ଷମତା ଓ ପ୍ରଭାବର ଅଧିକାରୀ। ଏହାର ସୁଯୋଗ ନେଇ ବିକଶିତ ଉତ୍ତର ଗୋଲାର୍ଦ୍ଧ ବିକାଶଶୀଳ ଦକ୍ଷିଣ ଗୋଲାର୍ଦ୍ଧ ଉପରେ କର୍ତ୍ତୃତ୍ୱ ଜାହିର କରୁ ଅଛନ୍ତି। ଆବଶ୍ୟକ ପଡ଼ିଲେ ଦକ୍ଷିଣ ଗୋଲାର୍ଦ୍ଧରେ ଅରାଜକତା ସୃଷ୍ଟି କରୁଛି ଏବଂ ନିର୍ବାଚନକୁ ନିୟନ୍ତ୍ରଣ କରି ରାଜନୈତିକ ପଟ୍ଟ ପରିବର୍ତ୍ତନ ମଧ୍ୟ କରିପାରୁଛି। ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ଓ ନେତାମାନଙ୍କ ବିରୁଦ୍ଧରେ ଅପପ୍ରଚାର ଚଳାଇ ଜନତାଙ୍କ ଦୃଷ୍ଟିରେ ସେମାନଙ୍କୁ ନିନ୍ଦିତ କରିବା ପାଇଁ ଚେଷ୍ଟା ମଧ୍ୟ କରାଯାଉଛି, ଯାହାର ଉଦାହରଣ ବହୁତ। ଏଭଳି ଅନେକ ଘଟଣାକୁ ନେଇ ଭାରତ ସମେତ ବିଶ୍ୱର ସର୍ବୋଚ୍ଚ ନ୍ୟାୟାଳୟମାନେ ଉଦ୍‌ବେଗ ପ୍ରକାଶ କରି ସାମାଜିକ ଗଣମାଧ୍ୟମର ସ୍ୱାଧୀନତା ଉପରେ ନିୟନ୍ତ୍ରଣ ଆଣିବାକୁ ସମ୍ପୃକ୍ତ ରାଷ୍ଟ୍ରର ସରକାରମାନଙ୍କୁ ପରାମର୍ଶ ଦେଇଛନ୍ତି। କଦାଚିତ୍ ଗଣମାଧ୍ୟମ ସଂସ୍ଥାର ଉଚ୍ଛୃଙ୍ଖଳତା ଦୃଷ୍ଟିରୁ ସ୍ୱାଭାବିକ ଭାବେ ସାମଗ୍ରିକ ଗଣମାଧ୍ୟମ ବିଶ୍ୱସନୀୟତାର ସଙ୍କଟରେ ପଡ଼ିଯାଇଛି।

ଏବେ ଏହାର ଅପରପାର୍ଶ୍ୱକୁ ଦେଖିବା। ଶାସନ ଓ ପ୍ରଶାସନ ଅନେକ ସମୟରେ ନିଜର ଅପାରଗତା ଘୋଡ଼ାଇବାକୁ ଗଣମାଧ୍ୟମ ଉପରେ ଚାପ ପକାଏ ଏବଂ ସୂଚନା ପ୍ରକାଶ ନ କରିବାକୁ କଟକଣା ଲଗାଇଥାଏ। ଏ କ୍ଷେତ୍ରରେ ଶାସକର ପ୍ରଥମ ଭୟ ହେଲା ତ୍ରୁଟି-ବିଚ୍ୟୁତି ପ୍ରକାଶ ପାଇଲେ ଶାସନ ଦଳ ନୈତିକତା ହରାଇ ଜନତାଙ୍କ ଦୃଷ୍ଟିରେ ନିନ୍ଦିତ ହେବ, କ୍ଷମତାରୁ ଅପସାରି ଯିବ। ଅପ୍ରିୟ ସତ୍ୟ ହେଲା ଗଣତାନ୍ତ୍ରିକ ବ୍ୟବସ୍ଥାରେ ଶାସକ ଓ ଶାସନ ନିର୍ଦ୍ଦିଷ୍ଟ ପରିସ୍ଥିତି ଓ ପରିବେଶରେ କିପରି କାମ କରୁଛି ତାହା ଜାଣିବାର ମୌଳିକ ଅଧିକାର ଲୋକଙ୍କର ରହିଛି। ଗଣମାଧ୍ୟମ ବ୍ୟତିରେକ ଜନତାଙ୍କ ଏହି ଆବଶ୍ୟକତା ଆଉ କେହି ପୂରଣ କରିପାରିବାର ବିକଳ୍ପ ଏ ପର୍ଯ୍ୟନ୍ତ ସୃଷ୍ଟି ହୋଇନାହିଁ।

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଦୁର୍ନୀତିମୁକ୍ତ ସମାଜ ଗଠନ ଲକ୍ଷ୍ୟ ହାସଲରେ ମୁକ୍ତ ଗଣମାଧ୍ୟମ ଅପରିହାର୍ଯ୍ୟ। ଅପରପକ୍ଷରେ ଅଭିବ୍ୟକ୍ତିର ସ୍ୱାଧୀନତା ଆଳରେ ଅନ୍ୟଙ୍କୁ ଅପମାନିତ ଓ ଅପଦସ୍ତ କରିବା, ରାଷ୍ଟ୍ରବିରୋଧୀ ତତ୍ତ୍ୱକୁ ପ୍ରଶ୍ରୟ ଦେବା କିମ୍ବା ଉତ୍ସାହିତ କରିବା ଅଗ୍ରହଣୀୟ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଚତୁର୍ଥସ୍ତମ୍ଭର ଦାୟିତ୍ୱ ନିର୍ବାହ କରୁଥିବା ଗଣମାଧ୍ୟମ ଦାୟିତ୍ୱହୀନ ଓ ସଂଯମହୀନ ହେଲେ ବିଶ୍ୱସନୀୟତା ହରାଏ ଏବଂ ଏହାର ମହତ୍ ଲକ୍ଷ୍ୟ ସାଧିତ ହୁଏ ନାହିଁ। ଗଣମାଧ୍ୟମ, ବିଶେଷକରି ସାମାଜିକ ଗଣମାଧ୍ୟମରେ ସ୍ୱାଧୀନତା ନାମରେ ମାତ୍ରାଧିକ ଉଚ୍ଛୃଙ୍ଖଳତା ଓ ଦାୟିତ୍ୱହୀନତା ଶାସନ, ପ୍ରଶାସନ ଓ ବିଧିବ୍ୟବସ୍ଥାର ପରିପନ୍ଥୀ। ସଚେତନତା ନାମରେ ଏହା ଅରାଜକତା ଓ ସ୍ୱେଚ୍ଛାଚାରିତା ସୃଷ୍ଟି କରିପାରେ। ସେହିଭଳି ସରକାର ନିଜର ସୁରକ୍ଷା ଏବଂ ବିଫଳତା ଲୁଚାଇବା ପାଇଁ ପ୍ରତିଶୋଧ ପରାୟଣ ହୋଇ ଗଣମାଧ୍ୟମ ଉପରେ କଠୋର ଆଇନ ଲାଗୁ କରିବାରୁ ଦୂରେଇ ରହିବା ଆବଶ୍ୟକ। ସେଥିପାଇଁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଅଭିବ୍ୟକ୍ତିର ସ୍ୱାଧୀନତା ଓ ନିୟନ୍ତ୍ରଣ ମଧ୍ୟରେ ସନ୍ତୁଳନର ଆବଶ୍ୟକତା ରହିଛି। ଆଇନର ଶାସନ ଥିବା ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଗଣମାଧ୍ୟମକୁ ତାହାର ସଜାଗପ୍ରହରୀ ଦାୟିତ୍ୱ ଯଥାର୍ଥ ଭାବେ ନିର୍ବାହ କରିବା ନିଜ ଲାଗି ସ୍ୱାଧୀନତାର ଅଧିକାର ହାସଲ କରିବା ପ୍ରଥମ ଓ ମୌଳିକ ଆବଶ୍ୟକତା। ସହଯୋଗ, ସୁସଂହତ, ସଂଯମ ଓ ସୌହାର୍ଦ୍ଦ୍ୟର ଲକ୍ଷ୍ମଣରେଖା ମଧ୍ୟରେ ଆତ୍ମନିୟନ୍ତ୍ରଣ ଜରିଆରେ ଉଭୟ ପକ୍ଷ ଦାୟିତ୍ୱସମ୍ପନ୍ନ ଭାବେ କାମ କଲେ ଦେଶର କଲ୍ୟାଣ ସାଧିତ ହେବ। ଏଥିପାଇଁ କିନ୍ତୁ ସରକାର ଉଦାର ଓ ସମାଲୋଚନା-ସହିଷ୍ଣୁ ହେବା ବିଧେୟ।

(ପ୍ରାକ୍ତନ ପ୍ରାଧ୍ୟାପକ)

# ହାତମୁଠାରେ ଜଙ୍ଗଲ

ଡ. ପ୍ରସନ୍ନ କୁମାର ଗନ୍ତାୟତ

ସାମ୍ପ୍ରତି ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନର ମୁକାବିଲା ସହିତ ବ୍ୟାପକ ବନୀକରଣ ବା ସବୁଜ ବଳୟ ସୃଷ୍ଟି ସମଗ୍ର ବିଶ୍ୱ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ଚାହିଦା ପୂରଣ ପାଇଁ ବିକାଶ ଅପରିହାର୍ଯ୍ୟ ହୋଇପଡ଼ିଥିବା ବେଳେ ଏଥିପାଇଁ ସବୁଜ ବଳୟ ବଳି ପଡ଼ୁଛି। ଅପରପକ୍ଷରେ ବନୀକରଣ ପାଇଁ ପର୍ଯ୍ୟାପ୍ତ ସ୍ଥାନର ଅଭାବ ଆଉ ଏକ ସମସ୍ୟା ସୃଷ୍ଟି କରିଛି। ଏହି ପୃଷ୍ଠଭୂମିରେ ଜାପାନରୁ ଜନ୍ମିତ ଏବଂ ସାମ୍ପ୍ରତି ଅନେକ ଦେଶରେ ଆଦୃତ 'ମିୟାୱାକି ବୃକ୍ଷରୋପଣ ପଦ୍ଧତି' ଏକ ଅଭିନବ ଓ ଶ୍ରେଷ୍ଠ ବିକଳ୍ପ। ଜାପାନର ଉଦ୍ଭିଦ ବିଜ୍ଞାନୀ ଅକିରା ମିୟାୱାକିଙ୍କ ନାମରେ ନାମିତ ଏକ ପଦ୍ଧତି ଜୈବ ବିବିଧତା, ସ୍ୱଦେଶୀ ବୃକ୍ଷର ସୁରକ୍ଷା, ବାସସ୍ଥାନର ସୃଷ୍ଟି, ପରିବେଶର ଉନ୍ନତି, ଜଙ୍ଗଲ ଆବରଣରେ ବୃଦ୍ଧି ଇତ୍ୟାଦି ପାଇଁ ସର୍ବାଧିକ ଉପଯୋଗୀ। ଏକ ଛୋଟ ପରିମିତ ଅଞ୍ଚଳରେ, ଏପରିକି ୫୦ ବର୍ଗଫୁଟ ଜମିରେ ଚାରାରୋପଣ କରି ସବୁଜ ଆବରଣକୁ ଘନ କରିବା ମିୟାୱାକି ବୃକ୍ଷରୋପଣର ମୌଳିକ କୌଶଳ।

ଭାରତର ବିଭିନ୍ନ ଅଞ୍ଚଳରେ, ବିଶେଷକରି କେରଳରେ ମିୟାୱାକି ପଦ୍ଧତି ବେଶ୍ ସଫଳତାର ସହ କାର୍ଯ୍ୟକାରୀ ହୋଇଛି ଏବଂ ଲୋକପ୍ରିୟତା ମଧ୍ୟ ବୃଦ୍ଧି ପାଉଛି। କମ୍ ଖର୍ଚ୍ଚରେ ଦକ୍ଷ ଓ ପରିବେଶ ଅନୁକୂଳ ଏହି ପଦ୍ଧତି ଦ୍ୱାରା ପ୍ରକୃତିର ସନ୍ତୁଳନ ରକ୍ଷା, ଜୈବ ବିବିଧତାର ପୁନରୁଦ୍ଧାର ଏବଂ ସର୍ବୋପରି ପରିବେଶୀୟ ଅବକ୍ଷୟରୁ ଅଞ୍ଚଳକୁ ସୁରକ୍ଷା ପ୍ରଦାନ କରାଯାଇପାରୁଛି। ଭାରତର ପ୍ରଥମ ମିୟାୱାକି ସହରାଞ୍ଚଳ ଜଙ୍ଗଲ କେରଳର ତିରୁବନନ୍ତପୁରମରେ ଆରମ୍ଭ କରାଯାଇଥିଲା। ସବୁଠାରୁ ବଡ଼ ମିୟାୱାକି ଜଙ୍ଗଲ ଏବଂ ପରିବେଶଗତ ପୁନରୁଦ୍ଧାର ପ୍ରୟାସ ଗୁଜରାଟର କଚ୍ଛରେ ଅବସ୍ଥିତ। ସ୍ଥାନ ଅଭାବୀ ମୁମ୍ବାଇ ମଧ୍ୟ ସବୁଜ ଆବରଣ ପୁନଃସ୍ଥାପନ କରିବା ପାଇଁ ବିଭିନ୍ନ ଛୋଟ ଛୋଟ ଖାଲି ଜମିରେ ମିୟାୱାକି ଜଙ୍ଗଲ ପଦ୍ଧତି କାର୍ଯ୍ୟକାରୀ କରୁଛି।

କ୍ଷୟପ୍ରାପ୍ତ ଜମିରେ ଶୀଘ୍ର ଜଙ୍ଗଲ ଆଚ୍ଛାଦନ ସୃଷ୍ଟି କରିବା ପାଇଁ ସବୁଠାରୁ ପ୍ରଭାବଶାଳୀ ବୃକ୍ଷରୋପଣ ପଦ୍ଧତି ମଧ୍ୟରୁ ଏହା ସର୍ବୋତ୍ତମ ଭାବେ ଆଦୃତ ହେବାର ଅନେକ କାରଣ ପଛରେ ରହିଛି ଏହା ପ୍ରାକୃତିକ ପୁନଃବନୀକରଣର ନୀତି ଉପରେ ଆଧାରିତ। ଅର୍ଥାତ୍ ସ୍ଥାନୀୟ ଚାରାରୋପଣ ଓ କୃଷି ପଦ୍ଧତି ବ୍ୟବହାର କରି ପରିବେଶ ଅନୁକୂଳ ଜଙ୍ଗଲର ଘନତ୍ୱ ସୃଷ୍ଟି କରେ। ପ୍ରଦୂଷଣ, ବନ୍ୟା ଓ ଭୂସ୍ଖଳନକୁ ଯଥାସମ୍ଭବ ପ୍ରତିରୋଧ କରିପାରେ। ଯେତେଶୀଘ୍ର ସହରରେ ମିୟାୱାକି ବନ ପ୍ରକଳ୍ପଗୁଡ଼ିକ ପରିବେଶଗତ ସ୍ଥିରତା ଏବଂ ପୁନରୁଦ୍ଧାର ପ୍ରତି ପ୍ରତିଶ୍ରୁତିବଦ୍ଧତାର ପ୍ରମାଣ। ଏହି ଜାପାନୀୟ ପଦ୍ଧତିରେ ଉଦ୍ଭିଦ ୧୦ଗୁଣ ଦ୍ରୁତଗତିରେ ବୃଦ୍ଧି ପାଏ ଏବଂ ଘନତ୍ୱ ସାଧାରଣ ଅପେକ୍ଷା ୩୦ଗୁଣ ଅଧିକ ହୁଏ। ଚେନ୍ନାଇ, ପୁନେ, ବେଙ୍ଗାଲୁରୁ ଏବଂ ଓଡ଼ିଶାରେ ମଧ୍ୟ ଏହି ପଦ୍ଧତିକୁ କେତେକ ସ୍ଥାନରେ ଆପଣାଇବା ଦେଖାଯାଉଛି।

ଏହି ପଦ୍ଧତିରେ ପ୍ରଥମେ ଜମିରୁ ଅନାବନା ଲତା, ଗୁଳ୍ମ, ଘାସ ଆଦି ସଫା କରାଯାଏ। ଏଥିପାଇଁ ହାତ ଉପକରଣ କିମ୍ବା ଷ୍ଟମ୍ପ ଗ୍ରାଇଣ୍ଡର କିମ୍ବା ଏକ୍ସକାଭେଟର ଭଳି ଯାନ୍ତ୍ରିକ ଉପକରଣ ବ୍ୟବହାର କରାଯାଇପାରେ। ନିମ୍ବ, ତେନ୍ତୁଳି, ଆମ୍ବ, ସପେଟା, ଭାରତୀୟ କଳା ବେରି ଆଦି ଦେଶୀ କିସମର ଚାରାଗୁଡ଼ିକୁ ଗ୍ରୋବ୍ୟାଗ ସହ ସଂଗ୍ରହ କରାଯାଏ। ତା'ପରେ ଚାରାଗୁଡ଼ିକୁ ସୀମାବଦ୍ଧ ଜଙ୍ଗଲ ଜମିରେ ରୋପଣ କରାଯାଏ। ସେଗୁଡ଼ିକ ପ୍ରତିରୋପଣ ଯୋଗ୍ୟ ହେବା ବେଳେ ମାଟି ପ୍ରସ୍ତୁତ ପ୍ରକ୍ରିୟା ଆରମ୍ଭ ହୁଏ। ପ୍ରଥମେ ରୋପଣ ସ୍ଥାନ ଜମିକୁ ଏକ ମିଟର ଗଭୀର ପର୍ଯ୍ୟନ୍ତ ଖୋଳିବାକୁ ହୁଏ ଏବଂ ଅଧ ମିଟର ଗଭୀରତା ପର୍ଯ୍ୟନ୍ତ ମାଟି କାଢ଼ିବାକୁ ହୁଏ। ମୃତ୍ତିକାର ଉର୍ବରତା ବଢ଼ାଇବା ପାଇଁ ଶୁଖିଲା ଗୋବର, କୋକପିଟ୍, ବାଦାମ ଚୋପା, ଲାଭ ଦାୟକ ସୂକ୍ଷ୍ମ ଜୀବ ଏବଂ କଟା ପତ୍ର ଆଦି ଭର୍ତ୍ତି କରାଯାଏ। ଏହା ଚାରାର ମୂଳକୁ ସହଜରେ ମାଟିର ଗଭୀରକୁ ଯିବାକୁ ଦିଏ। ଏହି ସମସ୍ତ ପୋଷକ ସାମଗ୍ରୀ ଏବଂ ଜଳ ସଂରକ୍ଷଣକାରୀ ତତ୍ତ୍ୱ ସହିତ ମାଟି ମିଶିଗଲା ପରେ ଚାରାଗୁଡ଼ିକୁ ଗାତରେ ରଖାଯାଏ। ମାଟିର ସୁରକ୍ଷା ପାଇଁ ପ୍ରତ୍ୟକ୍ଷ ସୂର୍ଯ୍ୟକିରଣରୁ ସୁରକ୍ଷା ଦିଆଯାଏ ଏବଂ ମାଟିର ଆର୍ଦ୍ରତା ହ୍ରାସ ନ ହେବା ପାଇଁ ପତ୍ରର କମ୍ପୋଷ୍ଟର ସୃଷ୍ଟି କରାଯାଏ। ଚାରାଗୁଡ଼ିକୁ କଠିନ କାଠ ବାଡ଼ି ପୋତି ସେଥିରେ ବନ୍ଧାଯାଏ, ଯଦ୍ୱାରା ଚାରାଗୁଡ଼ିକ ସହାୟତା ପାଇ ସିଧା ବଢ଼ିଥାଏ। ଶେଷରେ ଚାରାଗୁଡ଼ିକୁ ନିୟମିତ ଯାଞ୍ଚ କରାଯାଇ ଜଳସେଚନ ପ୍ରଣାଳୀ ପ୍ରତି ଧ୍ୟାନ ଦିଆଯାଏ। ଯଦି ତୃଣକ ଥାଏ, ସେସବୁକୁ ଚିହ୍ନଟ କରି ଅପସାରଣ କରାଯାଏ ଏବଂ ତାହା ମଧ୍ୟରେ କୌଣସି ସଂକ୍ରମଣକୁ ଚିହ୍ନଟ କରି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଏ। ଯଦ୍ୱାରା ସମସ୍ତ ଚାରା ବଞ୍ଚିବାର ସମ୍ଭାବନାକୁ ବୃଦ୍ଧି ପାଏ। ଜଙ୍ଗଲ ଶୀଘ୍ର ପ୍ରତିଷ୍ଠିତ ହୁଏ ଏବଂ ଆତ୍ମନିର୍ଭରଶୀଳ ହୋଇଥାଏ। ଯାହା ପ୍ରଥମ ତିନି ବର୍ଷ ପରେ ରକ୍ଷଣାବେକ୍ଷଣ ମୁକ୍ତ ହୋଇଥାଏ।

ସବୁଜ ଆଚ୍ଛାଦନ ବୃଦ୍ଧି ଏବଂ ପୁନଃବନୀକରଣ ପ୍ରୟାସ ପାଇଁ ମିୟାୱାକି ପଦ୍ଧତି ଏକ ଉତ୍କୃଷ୍ଟ ପନ୍ଥା। ଏଥିରେ ଏକ ଅନୁର୍ବର ଜମିକୁ ଅଧିକ ଜୈବିକ ବିବିଧ ଜଙ୍ଗଲରେ ପରିଣତ କରାଯାଇପାରେ। ଚାରାଗୁଡ଼ିକୁ ପରସ୍ପର ନିକଟରେ ଲଗାଯାଇଥାଏ, ଯାହାଦ୍ୱାରା ସେଗୁଡ଼ିକ ଉପରୁ ସୂର୍ଯ୍ୟକିରଣ ପାଇଥାଏ ଏବଂ ଆଉ ପାର୍ଶ୍ୱଆଡ଼କୁ ନ ବଢ଼ି କେବଳ ଉପରକୁ ବଢ଼ି ଘନ ଛାଇ ସ୍ତର ସୃଷ୍ଟି କରେ। ଏକ ସୀମିତ ଅଞ୍ଚଳ କମ୍ ସମୟ ମଧ୍ୟରେ ଅଧିକ ସବୁଜିମା ସୃଷ୍ଟି କରିବାରେ ମିୟାୱାକି ପଦ୍ଧତିକୁ ଏବେ ସ୍ଥାନୀୟ ଭାବେ ହାତମୁଠାରେ ଜଙ୍ଗଲ କୁହାଯାଉଛି ଏବଂ ଆଦୃତ ହେଲାଣି।

ଅଧକ୍ଷ(ସେବା ନିବୃତ୍ତ)
ରାୟଗଡ଼ା, ମୋ: ୮୨୪୯୪୨୫୫୫୧

# କାରୁଣ୍ୟ ବିଗଳିତ କାଳିନ୍ଦୀ ଚରଣ

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଓଡ଼ିଶା ଗଡ଼ଜାତର ନିବିଡ଼ ଅରଣ୍ୟାନୀ ମଧ୍ୟରେ ନିରୀହ ସରଳ ଅବୋଧ କୃଷ୍ଣସାର ମୃଗଶିଶୁଟିଏ ମାତୃସ୍ତନରୁ ଅମୃତପାନ କରୁଛି ନିର୍ଭୟ ଭାବରେ। ଏପରି ମମତାପ୍ଲୁତ ମୁହୂର୍ତ୍ତରେ କେଉଁ ହୃଦୟହୀନ ନିର୍ମମ ରାକ୍ଷସର ପ୍ରଚଣ୍ଡ ଗୁଳି ବିସ୍ଫୋରଣରେ ହୋଇଗଲା ବିପର୍ଯ୍ୟସ୍ତ, ନିସ୍ତବ୍ଧ? କ୍ଷୀରଦାନରେ ପରିତୃପ୍ତ ହରିଣୀର ଶରୀର ହୋଇଗଲା ରକ୍ତ ଜର୍ଜର? କ୍ଷଣିକ ମଧ୍ୟରେ ଟଳିପଡ଼ିଲା ନିସ୍ପନ୍ଦ ଶରୀରଟି ତା'ର। କି ଦୋଷ କରିଥିଲା ସ୍ନେହମୟୀ ମୃଗାବତାର ମାତୃ ପ୍ରତିମାଟି? କ'ଣ ସେ ଘଟିଗଲା, ତାହା ବୁଝିପାରିବାର ସାମାନ୍ୟ ଶକ୍ତି ସଂଚାର ହୋଇ ନଥିବା ତା'ର ଟିକି ଶିଶୁ କନ୍ୟାଟି କେଉଁ ଜନ୍ମରେ କି ଅପରାଧ କରିଥିଲା? ଏପରି ନିଷ୍ଠୁର ଭାବରେ ନିରୀହ ପ୍ରାଣୀ ଉପରେ ଗୁଳି ନିକ୍ଷେପ କରିବାର ଅଧିକାର କିଏ ବା କାହାକୁ ଦେଲା? ଏହି ଚିତ୍ର ଯେତେବେଳେ ପ୍ରାଣବନ୍ତ ହୋଇ ଉଠିଛି କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ମଂସର ବିଳାପ' ଗଳ୍ପରେ, ସେତେବେଳେ ଅତ୍ୟସାମାନ୍ୟ କୋମଳତାର ଅଧିକାରୀ ପାଠକର ଆପାଦମସ୍ତକ କାର୍ତ୍ତିକ ମାସରେ ଶୀତାର୍ତ୍ତ ରାତି ପରି ଥରି ଉଠେ।

ଯେଉଁ ଜମିଦାରଙ୍କ ଦ୍ୱାରା ଧୂଳିସାତ ହୋଇଗଲା ନିଜର ନିଷ୍ପାପ ଶୈଶବ, ସେହି ଘାତକଙ୍କୁ ଆକୁଳ ନୟନରେ ଚାହିଁଲା ମୃଗଶିଶୁଟି। ପାଠକ ଶୁଣିଲା ତାଙ୍କ ହୃଦୟରେ ଯେତେବେଳେ ଉଚ୍ଚାରିତ ହେଲା -'ଆହାଃ!' କିନ୍ତୁ ଏଇଠି ଅଟକି ଯାଇନି କାରୁଣ୍ୟ-ବିଗଳିତ କାଳିନ୍ଦୀଚରଣଙ୍କ କଲମ। ମୃଗଶିଶୁଟିକୁ ପାଳିତା କନ୍ୟା ପରି ନିଜ ଉଆସରେ ଆଶ୍ରୟ ଦେଇଥିବା ଜମିଦାର ଯେ ପୁଣି ଘନିଷ୍ଠ ବନ୍ଧୁ ଇଂରେଜ ସାହେବଙ୍କ ପାଇଁ ନୃଶଂସ ଭାବରେ ହତ୍ୟା କରି ପାରିବ ତାହା ଭାବିବା ବେଳେ ଶରୀରରେ ଶିହରଣ ଖେଳିଯାଏ। ଆଉ ପାଠକର ମାନସିକତା କେଉଁ ସ୍ତରକୁ ଯାଇଥିବ ତାହା କଳ୍ପନାତୀତ। 'ମଂସର ବିଳାପ' ଗଳ୍ପ ପାଠ କରିବା ପରେ କେତେ ପାଠକ, ଛାତ୍ରଛାତ୍ରୀ ହୋଇଯାଇଛନ୍ତି ଶାକାହାରୀ ତାହାର ହିସାବ ରଖିବା ହୁଏତ ସମ୍ଭବ ହେବ ନାହିଁ। କିନ୍ତୁ ଯାହା ଭିତରେ ସାମାନ୍ୟ ବି ରହିଛି ସ୍ନେହ, ମମତା ସେମାନେ ମୁକ୍ତ ହୋଇଛନ୍ତି ଏହି ଦୁଷ୍କର୍ମରୁ। ଆଜିର ମାତୃପ୍ରତିମ, ଭଗିନୀ ସଦୃଶା, କନ୍ୟା ପ୍ରତି, ଶିଶୁ କନ୍ୟା ଅର୍ଥାତ ମାତୃଜାତିର ପ୍ରତି ଆସୁରିକ ଅତ୍ୟାଚାରର ଏକ ପ୍ରତୀକାତ୍ମକ ପ୍ରତିବାଦ ହେଉଛି 'ମଂସର ବିଳାପ'।

କାଳଜୟୀ ସାହିତ୍ୟ ସ୍ରଷ୍ଟା କାଳିନ୍ଦୀ ଚରଣଙ୍କ ରଚିତ 'ପଙ୍କ', 'ବିଦଗ୍ଧ ଓ ରେଳଗାଡ଼ି' ସେହିପରି ମାନବିକ ଆବେଦନରେ ମର୍ମଦାହୀ। 'ମାଟିର ମଣିଷ' ପରି ଗାନ୍ଧୀ ବିଚାରଧାରା ସମ୍ପନ୍ନ ଉପନ୍ୟାସ ସେ ହିଁ ସୃଷ୍ଟି କରି ପାରନ୍ତି। ଉପନ୍ୟାସର ନାୟକ ବରଜୁ ସାନଭାଇ ଛକଡ଼ି ନିମନ୍ତେ ଯେଉଁ ତ୍ୟାଗ ସ୍ୱୀକାର କରିଛି ତାହା କି ବିରଳ! ଅହିଂସା ଆଜିର ଯୁଗରେ ଅଚଳ ବୋଲି କହିବା ଏକ ଫ୍ୟାସନ ହୋଇଗଲାଣି ବୋଲି ଗାନ୍ଧିଜୀ ତାଙ୍କ ସମୟରେ ଯାହା କହିଥିଲେ। ଆଜି ସେହି ଫ୍ୟାସନ ଅଧିକ ଉଗ୍ର ରୂପ ନେଲାଣି। ଯେଉଁ ଆଦର୍ଶ, ପାରିବାରିକ ଶାନ୍ତି ବଜାୟ ରଖିପାରେ ତାହା ସମାଜ କିମ୍ବା ଦେଶ ପାଇଁ କ'ଣ ଅନୁସରଣୀୟ ନୁହେଁ?

ରେଭେନ୍ସା କଲେଜରେ ଅଧ୍ୟୟନ କାଳରେ କାଳିନ୍ଦୀ ଚରଣଙ୍କ ପ୍ରତିଭାର ଅଭ୍ୟୁଦୟ। 'ସବୁଜ ଗୋଷ୍ଠୀ'ର ସାହିତ୍ୟିକ ପରିମଣ୍ଡଳ ଓଡ଼ିଆ ସାହିତ୍ୟର ଏକ ସ୍ୱର୍ଣ୍ଣୋଜ୍ୱଳ ଅଧ୍ୟାୟ। ଏହାପରେ କାଳିନ୍ଦୀ ଚରଣ କବିତା ସହିତ ଉପନ୍ୟାସ, ଗଳ୍ପ, ନାଟକ, ଜୀବନୀ, ପ୍ରବନ୍ଧ ଲେଖିଛନ୍ତି। 'ଅଙ୍ଗେ ଯାହା ନିଭାଇଛି'ରେ ଉଚ୍ଚକୋଟୀର ଆତ୍ମଜୀବନୀର ସ୍ରଷ୍ଟା ସେ। ଆଜିର ମଣିଷ, ଲୁହାର ମଣିଷ, ମୁକ୍ତାଗଡ଼ର କ୍ଷୁଧା, ଅମରଚିତା, ମନେନାହିଁ ମହାଦୀପ, ସାଗରିକା ଆଦି କେତେ ପୁସ୍ତକ ତାଙ୍କର ଓଡ଼ିଆ ସାହିତ୍ୟକୁ କରିଛି ସମୃଦ୍ଧିଶାଳୀ। ରବୀନ୍ଦ୍ରନାଥଙ୍କ ଶ୍ରେଷ୍ଠ ଗଳ୍ପମାଳା ବି ଅନୁବାଦ କରିଛନ୍ତି ସେ। କେଉଁ ଦିଗରେ ବା ତାଙ୍କ ପ୍ରତିଭା ରଶ୍ମି ବିକିରିତ ହୋଇନାହିଁ! ତେବେ ପ୍ରତିଭା-ପାଟ ଯାହା ଯେମି ପରିପୂର୍ଣ୍ଣତା ଲାଭକରେ ସେହି ମାନବୀୟ ବେଦନା ଓ ସମ୍ବେଦନା ହେଉଛି କାଳିନ୍ଦୀ ଚରଣଙ୍କ ସାହିତ୍ୟର ସର୍ବୋତ୍ତମ ଐଶ୍ୱର୍ଯ୍ୟ। ଯେଉଁଠି କାରୁଣ୍ୟର ହୃଦୟସ୍ପର୍ଶୀ ବ୍ୟଞ୍ଜନା, ତାହା ହିଁ ହୋଇପାରେ କାଳଜୟୀ। କାଳିନ୍ଦୀ ଚରଣ ସବୁଜ ଧାରାର ସ୍ରଷ୍ଟା। ପୁଣି ପ୍ରଗତିବାଦୀ ସାହିତ୍ୟର ଶିଳ୍ପୀ ଭାବରେ 'ଆଗାମୀ'ପୃଥିବୀର ସ୍ୱପ୍ନ ସେ ଦେଖିପାରନ୍ତି, ଯେଉଁଠି ପ୍ରତିଟି ମଣିଷର ବଞ୍ଚି ରହିବାର ଅଧିକାର ହେଉଛି ଶ୍ରେଷ୍ଠ ଆହ୍ୱାନ। 'ପୁରୀ ମନ୍ଦିର' କବିତା ଯାହାଙ୍କ ମାନବବାଦୀ ଚେତନାର ପରିଚାୟକ ସେ ଭାରତୀୟ ସାହିତ୍ୟ ଜଗତର ଯେ ଏକ ସର୍ବୋତ୍ତମ କିରଣ - ଏହା କିଏ ଅବା ଅନୁଭବ କରିବା ରହିଯାଇଛି ବାକି? ଯେଉଁମାନଙ୍କ ସକାଶେ ଅଛି ବାକି, ସେମାନଙ୍କ ପାଇଁ ରହିଛି କାଳିନ୍ଦୀ ଚରଣ ଗ୍ରନ୍ଥାବଳୀ ଜୀବନ୍ତ ସାକ୍ଷୀ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉକ୍ତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଗୃହରେ କଠୋର ଆଭିମୁଖ୍ୟ ଗ୍ରହଣ କରିବ ଦଳ: ନବୀନ



ଭୁବନେଶ୍ୱର,୧୭।୯ (ସମିସ): ଗତ ସାଢ଼େ ତିନି ମାସ ମଧ୍ୟରେ ମହିଳା ସୁରକ୍ଷା, ସାର ଯୋଗାଣ ଓ ଚାଷୀଙ୍କ ସ୍ୱାର୍ଥ ରକ୍ଷା, ରାଜ୍ୟ ସ୍ୱାର୍ଥର ସୁରକ୍ଷା ଆଦି ବିଭିନ୍ନ କ୍ଷେତ୍ରରେ ଡବଲ ଇଞ୍ଜିନ ସରକାରର ଅପାରଗତା ଓ ଉଦାସୀନତା ଜଳ ଜଳ ହୋଇ ଦିଶୁଛି । ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଷୁଡି ଯାଇଛି । ମିଛ ପ୍ରଚାର ବ୍ୟତୀତ ସରକାର

■ ମହିଳା ସୁରକ୍ଷା ପ୍ରସଙ୍ଗ, ସାର ଅଭାବ, ପଞ୍ଚାୟତ ବ୍ୟବସ୍ଥାରେ ଅଫିସରଙ୍କ କ୍ଷମତା ବୃଦ୍ଧି ହେବ ମୁଖ୍ୟ ପ୍ରସଙ୍ଗ
■ ମିଛ ପ୍ରଚାର ବ୍ୟତୀତ ସବୁ କ୍ଷେତ୍ରରେ ବିଫଳ ରାଜ୍ୟ ସରକାର

ସବୁ କ୍ଷେତ୍ରରେ ବିଫଳ ହୋଇଛି । ଏସବୁ ପ୍ରସଙ୍ଗକୁ ନେଇ ବିଜେଡି ଗୃହରେ ନିଜ ସ୍ୱର ଶାଣିତ କରିବ ବୋଲି କହିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏହାସହ ଚାଷୀ, ମହିଳା, ପଞ୍ଚାୟତି ରାଜ ବ୍ୟବସ୍ଥା ତଥା ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ବିଜୁ ଜନତା ଦଳ ବିଧାନସଭାରେ କଠୋର ଆଭିମୁଖ୍ୟ ନେଇ କାମ କରିବ ବୋଲି ବିରୋଧୀ ଦଳ ନେତା ବିଧାୟକଙ୍କୁ ପରାମର୍ଶ ଦେଇ କହିଛନ୍ତି । ବୁଧବାର ସନ୍ଧ୍ୟାରେ ବିଜେଡିର ବିଧାୟକ ଦଳ ବୈଠକରେ ଉପରୋକ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ବୈଠକରେ ଉଦ୍‌ବୋଧନ ଦେଇ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ବିଧାନ ସଭାର ମୌସୁମୀ ଅଧିବେସନ ସଂକ୍ଷିପ୍ତ ହେଲେ ମଧ୍ୟ ରାଜନୈତିକ ଦୃଷ୍ଟିରୁ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ । ଗତ ସାଢ଼େ ୩ ମାସ ମଧ୍ୟରେ ମହିଳା ସୁରକ୍ଷା, ସାର ଯୋଗାଣ ଓ ଚାଷୀଙ୍କ ସ୍ୱାର୍ଥ ରକ୍ଷା, ରାଜ୍ୟ ସ୍ୱାର୍ଥର ସୁରକ୍ଷା ଆଦି ବିଭିନ୍ନ କ୍ଷେତ୍ରରେ ଦବଲ ଇଞ୍ଜିନ ସରକାରର ଅପାରଗତା ଓ ଉଦାସୀନତା ଜଳ ଜଳ ହୋଇ ଦିଶୁଛି । ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଷୁଡି ଯାଇଛି । ମହିଳାମାନଙ୍କ ଉପରେ ଅତ୍ୟାଚାର ଜନିତ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ପ୍ରତିଦିନ ବଢି ଚାଲିଛି । ଏ ରାଜ୍ୟରେ ଏବେ କେହି ନିରାପଦ ନୁହନ୍ତି ବୋଲି ନବୀନ କହିଥିଲେ । ସେହିପରି ସାର ଯୋଗାଣ କ୍ଷେତ୍ରରେ ସୃଷ୍ଟି ହୋଇଥିବା ମାନବକୃତ ସଙ୍କଟ ଯୋଗୁଁ ଚାଷୀମାନେ ହଇରାଣ ହେଉଛନ୍ତି । ପଞ୍ଚାୟତି ରାଜ ବ୍ୟବସ୍ଥାରେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ସମ୍ପୂର୍ଣ୍ଣ ନଷ୍ଟ କରିବା ପାଇଁ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି । ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଅପ୍ରାସଙ୍ଗିକ କରିବା ପାଇଁ ରାଜ୍ୟ ସରକାର ଅଫିସରମାନଙ୍କ ଆର୍ଥିକ କ୍ଷମତା ବୃଦ୍ଧି ପାଇଁ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାକୁ ଦୃଢ଼ ବିରୋଧ କରାଯିବ । ଏତଦ୍ ବ୍ୟତୀତ ଓଡ଼ିଆ ଅସ୍ମିତାର ପ୍ରତୀକ ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରାରେ ହୋଇଥିବା ବିଶୃଙ୍ଖଳା ଓ ଦଳାଚକଟା ଘଟଣାରେ ମଧ୍ୟ ସରକାରଙ୍କୁ ଜବାବ ଦାବୀ କରାଯିବ ବୋଲି ସେ କହିଥିଲେ । ବିଧାୟକ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ ବିରୋଧୀ ଦଳ ନେତାଙ୍କ ପରାମର୍ଶ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

■ ସରକାରଙ୍କୁ ଘେରିବାକୁ କଂଗ୍ରେସ ପ୍ରସ୍ତୁତ

# ଅନାସ୍ଥା ଅସ୍ତ୍ର ଧରି ଗୃହ ପ୍ରବେଶ କରିବ ଦଳ

ଭୁବନେଶ୍ୱର,୧୭।୯ (ସମିସ): ଚଳିତ ବିଧାନସଭା ଅଧିବେଶନରେ ରାଜ୍ୟ ସରକାରଙ୍କୁ ଘେରିବା ପାଇଁ କଂଗ୍ରେସ ବଡ଼ ରଣନୀତି ପ୍ରସ୍ତୁତ କରିଛି । ହାତରେ ଲମ୍ବାତାଲିକା ସହ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଭଳି ବଡ଼ ଅସ୍ତ୍ର ପ୍ରୟୋଗ କରିବାକୁ ମଧ୍ୟ ଦଳ ନିଷ୍ପତ୍ତି ନେଇଛି । ଅଧିବେଶନ ଆରମ୍ଭ



■ ସାର ପ୍ରସଙ୍ଗରେ ଦଳ କରିବ ଶାଣିତ ଆକ୍ରମଣ
■ ମହିଳା ହିଂସା, ଛାତ୍ର ନିର୍ବାଚନ ଭଳି ପ୍ରସଙ୍ଗ ବି ଉଠାଇବ

ପୂର୍ବରୁ ବୁଧବାର କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ଅଧ୍ୟକ୍ଷତାରେ ବିଧାୟକ ଦଳ ବୈଠକ ବସିଥିବା ବେଳେ ଏଥିରେ ପିସିସି ସଭାପତି ଭକ୍ତ ଚରଣ ଦାସ ମଧ୍ୟ ଉପସ୍ଥିତ ରହି ଏହି ରଣନୀତି ପ୍ରସ୍ତୁତ କରିଛନ୍ତି । ବୈଠକ ପରେ ବିଧାୟକ ଦଳ ନେତା କହିଛନ୍ତି ଯେ ରାଜ୍ୟରେ ବର୍ତ୍ତମାନ ସରକାରୀ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି । ମହିଳା ହିଂସାଠାରୁ ଆରମ୍ଭ କରି ଚାଷୀମାନେ ସାର ଅଭାବରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥିପାଇଁ ରାଜ୍ୟରେ ଏ ସରକାରର ରହିବାର ନୈତିକ ଅଧିକାର ନାହିଁ । ତେଣୁ କଂଗ୍ରେସ ଦଳ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ନିଷ୍ପତ୍ତି ନେଇଛି । ଏହାସହିତ ସରକାରଙ୍କୁ ଘେରିବା ପାଇଁ ବିଭିନ୍ନ ପ୍ରସଙ୍ଗ ଦଳ ପାଖରେ ରହିଛି । ବର୍ତ୍ତମାନ ରାଜ୍ୟରେ ଦାଦନ ସମସ୍ୟା ଉତ୍କଟ ହୋଇଛି । ନିଯୁକ୍ତି ଓ ରୋଜଗାର ପାଇଁ ଯୁବକମାନେ ବାହାର ରାଜ୍ୟକୁ ପଳାୟନ କରିବାକୁ ବାଧ୍ୟ ହେଉଛନ୍ତି । ଏହାସହିତ ରାଜ୍ୟରେ ସରକାରକୁ ଆସିଲେ ଛାତ୍ର ନିର୍ବାଚନ ହେବ ବୋଲି ସରକାର କହିଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଆରମ୍ଭ କରି ନାହାନ୍ତି । କେଉଁଥିପାଇଁ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ହୋଇ ରହିଛି ବୋଲି ସରକାରଙ୍କ ଦଳ ଜବାବ ମାଗିବ ବୋଲି ଶ୍ରୀ କାଡାମ୍ କହିଛନ୍ତି ।

ଏହା ବ୍ୟତୀତ ନିକଟରେ ରାଜ୍ୟରେ ଏସ୍‌ସି-ଏସ୍‌ଟି ମାମଲାରେ ଏସ୍‌ଆଇ ମାନଙ୍କୁ ତଦନ୍ତ ଭାର ଦିଆଯିବା ନିଷ୍ପତ୍ତି ବିରୋଧରେ ମଧ୍ୟ ଦଳ ସ୍ୱର ଶାଣିତ କରିବ ବୋଲି ସେ କହିଛନ୍ତି । ଏହାଦ୍ୱାରା ଏସ୍‌ସି-ଏସ୍‌ଟି ମାନଙ୍କ ଉପରେ ଅତ୍ୟାଚର ବଢ଼ିବ ବୋଲି ସେ କହିଛନ୍ତି । ସେହିପରି ମହିଳା ସୁରକ୍ଷା ମଧ୍ୟ ନିମ୍ନଗାମୀ ହେଉଛି । ରାଜଧାନୀ ଛାତି ଉପରୁ ମହିଳା କନଷ୍ଟେବଲଙ୍କୁ ନେଇ ହତ୍ୟା କରାଯାଉଛି, ସରକାର କିପରି ଚେଇଁ ଶୋଇଛନ୍ତି ତାହାର ଜବାବ ମଗାଯିବ ବୋଲି ସେ କହିଛନ୍ତି । ସାର ଅଭାବରେ ରାଜ୍ୟର ଚାଷୀମାନେ କ୍ଷେତ ବଦଳରେ ରାଜରାସ୍ତାରେ ଲଢ଼େଇ କରୁଛନ୍ତି, କାହିଁକି ରାଜ୍ୟର ଚାଷୀଙ୍କୁ ସାର ଉପଲବ୍ଧ କରାଯାଇ ପାରୁନାହିଁ ତାହାର ମଧ୍ୟ ସରକାର ଜବାବ ଦେବେ ବୋଲି ଶ୍ରୀ କାଡାମ୍ କହିଛନ୍ତି । ଏଭଳି ପ୍ରସଙ୍ଗକୁ ନେଇ କଂଗ୍ରେସର ସମସ୍ତ ବିଧାୟକ ସରକାରଙ୍କୁ ଶାଣିତ ଆକ୍ରମଣ କରିବା ସହ ଦଳ ଉତ୍ତର ଦାବି କରିବ ବୋଲି ଶ୍ରୀ କାଡାମ କହିଛନ୍ତି । ଆଜିର ଏହି ବୈଠକରେ କଂଗ୍ରେସର ସମସ୍ତ ବିଧାୟକ ଉପସ୍ଥିତ ରହି ଏକ ହୋଇ ଲଢ଼େଇ କରିବାକୁ ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି ।

# ବସ୍‌ରେ ମାଗଣା ଯିବେ ଛାତ୍ରଛାତ୍ରୀ

ଆଇକାର୍ଡ ଓ ୟୁନିଫର୍ମ ବାଧ୍ୟତାମୂଳକ

ଭୁବନେଶ୍ୱର, ୧୭।୯ (ସମିସ): ସ୍କୁଲ୍ ପିଲାଙ୍କ ପାଇଁ ବସ୍ ସେବା ମାଗଣା ହେବ । ବିଦ୍ୟାଳୟକୁ ସରକାରୀ ବସ୍‌ରେ ମାଗଣା ଯିବାଆସିବା କରିପାରିବେ । ବିଦ୍ୟାଳୟର ଆଇ-କାର୍ଡ ସହିତ ୟୁନିଫର୍ମରେ ଥିଲେ ଆଉ ଭଡ଼ା ଦେବାକୁ ପଡ଼ିବ ନାହିଁ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏହି ପ୍ରସ୍ତାବକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି । ରାଜ୍ୟରେ ମୁଖ୍ୟମନ୍ତ୍ରୀ ବସ୍ ସେବା (ଏମ୍‌ବିଏସ୍) ଯୋଜନା ଆରମ୍ଭ କରି ଛାତ୍ରଛାତ୍ରୀଙ୍କୁ ଏହି ସୁବିଧା ପ୍ରଦାନ କରାଯିବ । ବିଦ୍ୟାଳୟରୁ ଛାତ୍ରଛାତ୍ରୀଙ୍କ ଡ୍ରପ୍ ଆଉଟ୍ ହାର ହ୍ରାସ କରିବା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି । ସ୍କୁଲ୍ ଠାରୁ ବିଦ୍ୟାଳୟର ଦୂରତା ପାଇଁ ଅଧାରୁ ପାଠପଢ଼ା ଛାଡୁଥିବା ଛାତ୍ରଛାତ୍ରୀମାନେ ପଢ଼ା ଜାରି ରଖିପାରିବେ ।

## ଅବଶିଷ୍ଟାଂଶ

### ଦେଶର ଅଧା ଭୋଟରଙ୍କୁ...

ହୋଇଥିବା ଏସଆଇଆର ଭୋଟର ତାଲିକାରେ ସାମିଲ ରହିଛି । ତେବେ ୧୯୮୭ ପରେ ଜନ୍ମ ଗ୍ରହଣ କରିଥିବା ଭୋଟରମାନଙ୍କୁ ସେମାନଙ୍କ ପିତାମାତାଙ୍କର ଜନ୍ମ/ସ୍ଥାନ ପ୍ରମାଣପତ୍ର ଦେବାକୁ ପଡ଼ିବ ।

କମିସନଙ୍କର ଜାଣେ ଅଧିକାରୀ କହିଛନ୍ତି ଯେ ପ୍ରତ୍ୟେକ ରାଜ୍ୟରେ ଗତଥର ଅଲଗା ଅଲଗା ସମୟରେ ଏସ୍‌ଆଇଆର ହୋଇଥିଲା । ଅଧିକାଂଶ ରାଜ୍ୟରେ ଏହି ପ୍ରକ୍ରିୟା ୨୦୦୨ରୁ ୨୦୦୪ ଭିତରେ ହୋଇଥିଲା । ଯେଉଁ ଲୋକଙ୍କ ନାମ ସେ ସମୟରେ ଭୋଟର ତାଲିକାରେ ଥିଲା, ସେମାନଙ୍କୁ କୌଣସି ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିବନାହିଁ । ଉଦାହରଣ ସ୍ୱରୂପ ବିହାରରେ ୨୦୦୩ରେ ଏସଆଇଆର ହୋଇଥିଲା । ଏଠାକାର ପ୍ରାୟ ୫ କୋଟି ଭୋଟର ପୂର୍ବରୁ ଏହି ତାଲିକାରେ ଅଛନ୍ତି । ତେଣୁ ଏମାନଙ୍କୁ କୌଣସି ଅତିରିକ୍ତ ପ୍ରମାଣପତ୍ର ଦେବାକୁ ପଡ଼ିବନାହିଁ । ଆଉ ୩ କୋଟି ନୂଆ ଭୋଟରଙ୍କୁ ନିର୍ଦ୍ଧାରିତ ୧୧ ପ୍ରମାଣପତ୍ର ମଧ୍ୟରୁ ଗୋଟିଏ ଦେବାକୁ ହେବ । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଆଧାର କାର୍ଡକୁ ମଧ୍ୟ ପ୍ରମାଣପତ୍ର ଭାବେ ଧରାଯାଇଛି । ନୂଆ ବ୍ୟବସ୍ଥାରେ ଯେଉଁ ଲୋକ ନୂଆ ଭୋଟର ହେବାକୁ ଚାହୁଁଛନ୍ତି କିମ୍ବା ଅନ୍ୟ ରାଜ୍ୟରୁ ଆସିଛନ୍ତି ତାଙ୍କୁ ଘୋଷଣାପତ୍ର ଦେବାକୁ ହେବ । ଭାରତରେ କେବେ ଜନ୍ମ ହୋଇଥିଲେ ବୋଲି ପ୍ରମାଣ ଦେବାକୁ ହେବ । ୧୯୮୭ ଜୁଲାଇ ୧ ପୂର୍ବରୁ ଜନ୍ମ ହୋଇଥିବା ବ୍ୟକ୍ତିଙ୍କୁ ନିଜର ପ୍ରମାଣପତ୍ର ଏବଂ ୧୯୮୭ ଜୁଲାଇ ୧ରୁ ୨୦୦୪ ଡିସେମ୍ବର ୨ ମଧ୍ୟରେ ଜନ୍ମିତ ବ୍ୟକ୍ତିଙ୍କୁ ମାତାପିତାଙ୍କ ଜନ୍ମତାରିଖ କିମ୍ବା ଜନ୍ମସ୍ଥାନ ପ୍ରମାଣପତ୍ର ଦେଖାଇବାକୁ ପଡ଼ିବ । ୨୦୦୪ ଡିସେମ୍ବର ୨ ପରେ ଜନ୍ମିତ ବ୍ୟକ୍ତିଙ୍କ ଲାଗି ଏହି ସର୍ତ୍ତ କଡ଼ାକଡ଼ି କରିଦିଆଯାଇଛି । ମାତାପିତାଙ୍କ ମଧ୍ୟରୁ ଜଣେ ଭାରତୀୟ ନାଗରିକ ବୋଲି ତାଙ୍କୁ ପ୍ରମାଣିତ କରିବାକୁ ପଡ଼ିବ । ବେଆଇନ ପ୍ରବାସୀ ହୋଇ ନ ଥିବା ମଧ୍ୟ ସ୍ପଷ୍ଟ କରିବେ ।

### ଇଭିଏମ୍‌ରେ ଲାଗିବ...

ନିୟମ ୪୯ବି ଅଧୀନରେ ଇଭିଏମ ବାଲାଟ ପେପରର ଡିଜାଇନ ଏବଂ ପ୍ରିଣ୍ଟିଂ ସମ୍ବନ୍ଧିତ ଥିବା ମାର୍ଗଦର୍ଶିକାରେ ସଂଶୋଧନ କରାଯାଇଛି । ସ୍ୱଚ୍ଛତା ବଢ଼ାଇବା ପାଇଁ ଏହି ପଦକ୍ଷେପ ନିଆଯାଇଛି । କମିସନ ଏଥିରେ ଚାରୋଟି ବଡ଼ ପରିବର୍ତ୍ତନ କରିଛନ୍ତି । ପ୍ରାର୍ଥୀଙ୍କ ମୁହଁ ଫଟୋର ତିନି ଚତୁର୍ଥାଂଶରେ ରହିବ । ପ୍ରାର୍ଥୀ/ ନୋଟାର କ୍ରମିକ ସଂଖ୍ୟାର ଫଣ୍ଟ ଅନର୍ଜାତୀୟ ଶୈଳୀରେ ରହିବ । ଫଣ୍ଟର ଆକାର ୩୦ ହେବ ଏବଂ ଏହା ବୋଲ୍ଡ ତଥା ଗାଢ଼ ରଖାଯିବ । ଇସିଙ୍କ ସୂଚନା ଅନୁଯାୟୀ ଇଭିଏମର ବାଲଟ ପେପର ୭୦ ଜିଏସଏମ ପେପରରେ ଛପାଯିବ । ବିଧାନସଭା ନିର୍ବାଚନ ପାଇଁ ସ୍ୱତନ୍ତ୍ର ଆରଜିବି ଥିବା ଗୋଲାପୀ ରଙ୍ଗରେ କାଗଜ ବ୍ୟବହାର କରାଯିବ ।

### ରାଜଧାନୀରେ ହତ୍ୟା;...

ଯୋଗାଯୋଗ ହୋଇନପାରିବାରୁ ତାଙ୍କ ମାଆ ସୁକାନ୍ତି ସାହୁ ୭ ତାରିଖ ଦିନ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ନିଖୋଜ ମାମଲା ରୁଜୁ କରିଥିଲା । ଶୁଭମିତ୍ରାଙ୍କ କଲ୍ ଡିଟେଲ୍‌ସ ରେକର୍ଡ (ସିଡିଆର) ଯାଞ୍ଚ କରିବା ପରେ ଦୀପକ ଉପରେ ସନ୍ଦେହ ହୋଇଥିଲା । ଗତ ଶୁକ୍ରବାର ଦୀପକକୁ ଜେରା କରାଯାଇଥିଲା । ରବିବାର ପୁଲିସ ଦୀପକକୁ ପଚରାଉଚରା କରିବା ପରେ ସୋମବାର ତା'ର ମିଛଧରା ପରୀକ୍ଷା କରାଯାଇଥିଲା । ସେ ଶୁଭମିତ୍ରାଙ୍କୁ ୟୁନିଟ୍ ୬ ଅଞ୍ଚଳରେ ହତ୍ୟାକରି ଘଟଗାଁ ଜଙ୍ଗଲରେ ପୋତି ଦେଇଥିବା ସ୍ୱୀକାର କରିଥିଲା । ବୁଧବାର କମିସନରେଟ ପୁଲିସର ଏକ ଟିମ୍ ଦୀପକକୁ ଧରି ୟୁନିଟ୍ ୬ ସ୍ଥିତ ହତ୍ୟାକାଣ୍ଡ ସ୍ଥଳ ଓ ସେଠାରୁ ଅଭିଯୁକ୍ତକୁ

**କେତୋଟି ଅବୋଧ ପ୍ରଶ୍ନ**

୧. ଅପହରଣ ପରିବର୍ତ୍ତେ ନିଖୋଜ ମାମଲା ରୁଜୁ ହେଲା କାହିଁକି ?
୨. ତଦନ୍ତରେ ପୁଲିସର ଅବହେଳା ପଛରେ କେଉଁ ରହସ୍ୟ ରହିଛି?
୩. ଦୀପକ ରାଉତଙ୍କୁ ସୁରକ୍ଷା ଦେବାରେ କମିଶନରେଟ ପୁଲିସର ଭୂମିକା?

ନେଇ ଘଟଗାଁ ଅଭିମୁଖେ ଯାଇଥିଲା । ଘଟଗାଁ ଥାନା ପୁଲିସ ସହାୟତାରେ ଓ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମାଟି ତଳୁ ଶୁଭମିତ୍ରାଙ୍କ ମୃତଦେହ ଜବତ କରିଥିଲା ।

ଦୀପକ କିଛିମାସ ପୂର୍ବରୁ ଶୁଭମିତ୍ରାଙ୍କ ଠାରୁ ୧୦ ଲକ୍ଷ ଟଙ୍କା ନେଇଥିଲା । ଏହି ଟଙ୍କା ନେଣଦେଣକୁ ନେଇ ହୋଇଥିବା ବଚସାରୁ ହିଁ ଦୀପକ ତାଙ୍କୁ ହତ୍ୟା କରିଥିବା ପୁଲିସ କମିସନର ଡଃ ସୁରେଶ ଦେବଦତ୍ତ ସିଂ କହିଛନ୍ତି । ଅନ୍ୟପକ୍ଷରେ ଶୁଭମିତ୍ରାଙ୍କୁ ହତ୍ୟା କରି ତାଙ୍କ ମୃତ୍ୟୁ ପରେ ବୀମା କମ୍ପାନୀରୁ ମିଳିବାକୁଥିବା କୋଟିଏ ଟଙ୍କା ହାତେଇବାକୁ ଦୀପକ ଏହି ଯୋଜନା କରିଥିବା ସ୍ୱାଭାବିକ ସନ୍ଦେହ କରାଯାଉଛି । ଦୀପକ ପୂର୍ବରୁ ମଧ୍ୟ ବିବାହ କରିଥିଲେ ଓ ଏକ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଇଥିଲା । ପତ୍ନୀ ସରକାରୀ କର୍ମଚାରୀ ଥିବାରୁ ବ୍ୟବସ୍ଥାନୁସାରେ ଦୀପକଙ୍କୁ କୋଟିଏ ଟଙ୍କା ବୀମାରାଶି ମିଳିଥିଲା । ପୁଲିସ କର୍ମଚାରୀଙ୍କ ଆକସ୍ମିକ ମୃତ୍ୟୁ ହେଲେ ତାଙ୍କ ନିକଟ ସମ୍ପର୍କୀୟଙ୍କୁ କୋଟିଏ ଟଙ୍କା ମିଳିବାର ବ୍ୟବସ୍ଥା ଥିବାରୁ ଶୁଭମିତ୍ରାଙ୍କୁ ହତ୍ୟା କରାଯାଇଥିବା ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି । ଏହା ସହ ପ୍ରଥମ ପତ୍ନୀଙ୍କ ମୃତ୍ୟୁକୁ ନେଇ ନାନା ପ୍ରଶ୍ନ ଉଠିଛି । ବୀମା ଟଙ୍କା ପାଇଁ ତାଙ୍କୁ ମଧ୍ୟ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି ।

### ଗୃହ ବିଭାଗର...

ମାଟିତଳୁ ମିଳିଛି । ଏହି ଘଟଣା ଗୃହ ବିଭାଗ ଓ ରାଜ୍ୟ ପୁଲିସର କାର୍ଯ୍ୟଦକ୍ଷତା ଓ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଯଦି ପୁଲିସ ବିଭାଗ ତାଙ୍କ ନିଜର ଜଣେ ମହିଳା କର୍ମଚାରୀଙ୍କୁ ୧୦ ଦିନ ଧରି ଖୋଜି ପାଉନାହିଁ ତେବେ ସାଧାରଣ ନାଗରିକଙ୍କ ଅବସ୍ଥା କିପରି ଥିବ ତାହା ସହଜରେ ଅନୁମେୟ । ଶୁଭମିତ୍ରାଙ୍କ ବାପା ଅଭିଯୁକ୍ତଙ୍କ ବିଷୟରେ ପୂର୍ବରୁ ପୁଲିସକୁ ଅବଗତ କରାଇଥିବା ନେଇ ଗଣମାଧ୍ୟମରେ ରିପୋର୍ଟ ହୋଇଛି । ଏହା ସତ୍ତ୍ୱେ ତଦନ୍ତ ବାଟବଣା ହେଲା । ଶେଷରେ ମହିଳା କନେଷ୍ଟବଳ ଆଖି ବୁଜିଲେ । ମହିଳାଙ୍କ ସୁରକ୍ଷା ନେଇ ଗୃହ ବିଭାଗ ଓ ପୁଲିସ ଯଦି ତାଙ୍କ କାର୍ଯ୍ୟଶୈଳୀରେ ତୁରନ୍ତ କୌଣସି ପରିବର୍ତ୍ତନ ନ ଆଣନ୍ତି ତେବେ ଆଗକୁ ଆହୁରି ଅନେକ ଶୁଭମିତ୍ରାଙ୍କୁ ପରିବାର ଲୋକେ ହରାଇବେ ବୋଲି ନବୀନ କହିଛନ୍ତି । ପୂର୍ବରୁ ଗୋପାଳପୁର ଓ ବାଲିହରଚଣ୍ଡୀ ଭଳି ପର୍ଯ୍ୟଟନ ସ୍ଥଳୀରେ ଗଣଦୁଷ୍କର୍ମ ଭଳି ଦୁର୍ଭାଗ୍ୟଜନକ ଘଟଣା ଘଟିଛି । ଏବେ ପୁଲିସ ବିଭାଗର ଜଣେ ମହିଳା କନେଷ୍ଟବଳ ନିଖୋଜ ହେବାର ୧୦ ଦିନ ପରେ ତାଙ୍କ ମୃତ ଦେହ ମିଳିଛି । ତେଣୁ ଗୃହ ବିଭାଗ ତୁରନ୍ତ କୁମ୍ଭକର୍ଣ୍ଣ ନିଦ୍ରାରୁ ଉଠିବା ନିତ୍ୟାନ୍ତ ଆବଶ୍ୟକ ବୋଲି ନବୀନ କହିଛନ୍ତି ।

### ରିଆତି ଜରିମାନାରେ...

ପ୍ରକାରର ନିୟମ ଉଲ୍ଲଂଘନ ପାଇଁ ରିହାତି ଘୋଷଣା କରାଯାଇଛି । ସାଧାରଣ ଉଲ୍ଲଂଘନ, ଡ୍ରାଇଭିଂ ନିୟମ ଭଙ୍ଗ, ବିନା ଟିକଟରେ ଯାତ୍ରା, ଅଧିକାରୀଙ୍କ ଆଦେଶକୁ ପାଳନ ନକରିବା ସୂଚନା ଦେବାକୁ ମନା କରିବା ଆଦି ଉଲ୍ଲଂଘନ ପାଇଁ ୫୦୦ରୁ ୨୦୦୦ ଟଙ୍କା ଯାଏ ଜରିମାନା ବ୍ୟବସ୍ଥା ଥିଲା ସେଥିରେ ୫୦ ପ୍ରତିଶତ ହ୍ରାସ କରାଯାଇଛି । ସେହିପରି ମାନସିକ ଓ ଶାରିରୀକ ସୁସ୍ଥତା ନଥାଇ ଗାଡ଼ି ଚଳାଇବା ଏବଂ ଶବ୍ଦ ଓ ବାୟୁ ପ୍ରଦୂଷଣ କରୁଥିବା ଗାଡ଼ି ଗୁଡ଼ିକ ପାଇଁ ଏକକାଳୀନ ଦେୟ ପଇଠରେ ୫୦ ପ୍ରତିଶତ ହ୍ରାସ ଘୋଷଣା କରାଯାଇଛି । ବିନା ପଞ୍ଜିକରଣରେ ଗାଡ଼ି ଚଳାଇବା ଆଦି ନିୟମ ଉଲ୍ଲଂଘନ ଲାଗି ୨୦୦୦ରୁ ୫୦୦୦ ଟଙ୍କା ଜରିମାନା ଥିଲା । ଏବେ ଏହାକୁ ୨୦୦୦ ଟଙ୍କା ଦେଇ ମାମଲା ବନ୍ଦ କରିହେବ ବୋଲି କୁହାଯାଇଛି । ସେହିପରି ଓଭରସାଇଜ ଗାଡି ପାଇଁ ୫ ହଜାର ଟଙ୍କା ସର୍ବାଧିକ ଜରିମାନା ସ୍ଥିର କରାଯାଇଥିବା ବେଳେ ଅନ୍ୟ ସବୁ ମାମଲାରେ ୧୦୦ ଟଙ୍କା ଜରିମାନା ନିର୍ଦ୍ଧାରଣ କରାଯାଇଛି ।

### ଅଦାଲତରୁ ପ୍ରତ୍ୟାହାର...

ଧରି ଏଭଳି ମାମଲାର ବିଚାର ହୋଇପାରୁ ନାହିଁ । ଏଭଳି ସ୍ଥିତିରେ ଅଦାଲତ ଉପରୁ ଚାପ ହ୍ରାସ କରିବା ସହିତ କିଭଳି ଟ୍ରାଫିକ ନିୟମ ଉଲ୍ଲଘଂନକାରୀଙ୍କ ଠାରୁ ଜୋରିମାନା ବାବଦ ଅର୍ଥ ଆଦାୟ କରାଯାଇ ପାରିବ ସେନେଇ ରାଜ୍ୟ ସରକାର ଏହି ପଦକ୍ଷେପ ନେଇଛନ୍ତି । ଏଥିରେ ୨୦୨୫ ଜୁଲାଇ ଶେଷ ସୁଦ୍ଧା ଯେତେସବୁ ମାମଲା ରହିଛି ସେଗୁଡିକୁ ପ୍ରତ୍ୟାହାର କରାଯିବ ଓ ସେ ସଂକ୍ରାନ୍ତରେ ଆଇନଗତ ଦିଗ ଉପରେ ଆଲୋଚନା କରି ଏହି କମିଟି ନିର୍ଦ୍ଦିଷ୍ଟ ପ୍ରସ୍ତାବ ଦେବାକୁ ବାଣିଜ୍ୟ ପରିବହନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି ।

### ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ...

କେନ୍ଦ୍ରାପଡା, ଦେବଗଡ, ସମ୍ବଲପୁର, ଅନୁଗୁଳ, କଳାହାଣ୍ଡି, ଝାରସୁଗୁଡା, ବଲାଙ୍ଗିର, ବୌଦ୍ଧ ଜିଲ୍ଲାର ଏସ୍ପିଙ୍କ ଜରିଆରେ ପୁଲିସ ଡିଜିଙ୍କୁ ଦଳର ଜିଲ୍ଲା ସାଙ୍ଗଠନିକ ପଦାଧିକାରୀଙ୍କ ନେତୃତ୍ୱରେ ଶହ ଶହ ମହିଳା ଦାବିପତ୍ର ପ୍ରଦାନ କରିଛନ୍ତି । ରାଜ୍ୟରେ ପ୍ରତିଦିନ ମହିଳା ବିରୋଧୀ ଲୋମହର୍ଷଣକାରୀ ଘଟଣାମାନ ଘଟିବାରେ ଲାଗିଛି । ସରକାରଙ୍କ ବ୍ୟବସ୍ଥାଗତ ବିଫଳତା ଯୋଗୁଁ ସମ୍ପ୍ରତି ଓଡ଼ିଶାର ମହିଳାଙ୍କ ପ୍ରତି ହେଉଥିବା ନିର୍ମମ ଆକ୍ରମଣ, ଦୁଷ୍କର୍ମ, ଗଣଦୁଷ୍କର୍ମ, ଯୌନ ଉତ୍ପୀଡ଼ନ ଏବଂ ବିଭିନ୍ନ ପ୍ରକାରର ହିଂସା ଘଟୁଛି । ରାଜ୍ୟରେ ଦୁଇ ଜଣ ମହିଳା ବାଚସ୍ପତି ଓ ଉପମୁଖ୍ୟମନ୍ତ୍ରୀ ଆସନରେ ଥାଇ ମଧ୍ୟ ମହିଳାଙ୍କ ପ୍ରତି ହେଉଥିବା ନିର୍ଯାତନା ବାବଦରେ ପଦଟିଏ ନ କହିବା ଦୁର୍ଭାଗ୍ୟଜନକ ବୋଲି ମହିଳା ବିଜେଡି କହିଛି ।

■ ବାର୍ କାଉନ୍‌ସିଲ୍‌ର ନିଷ୍ପତ୍ତି

# ଆଇନଜୀବୀ ପେସାରୁ ଅର୍ଚ୍ଚନା ନାଗ ନିଲମ୍ବିତ

କଟକ, ୧୭।୯ (ସମିସ): ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପୂର୍ବକ ରାଜ୍ୟ ଆଇନଜୀବୀ ପରିଷଦ (ବାର କାଉନସିଲ) ପକ୍ଷରୁ ବହୁଚର୍ଚ୍ଚିତ ଅର୍ଚ୍ଚନା ନାଗଙ୍କ ଓକିଲାତି ଲାଇସେନ୍ସ ସସପେଣ୍ଡ କରାଯାଇଛି । ଫଳରେ ଅର୍ଚ୍ଚନା ବିଧିବଦ୍ଧ ଭାବେ ଆଇନଜୀବୀ ପେସାରୁ ନିଲମ୍ବିତ ହୋଇଛନ୍ତି । ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ (ବାର କାଉନସିଲ)ର ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ନେଇ କାଉନସିଲ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଜଣାଇଛନ୍ତି । ବିବରଣୀରୁ ପ୍ରକାଶ ଯେ ଅର୍ଚ୍ଚନା ନାଗ ତାଙ୍କ ବିରୋଧରେ ଥିବା ଫୌଜଦାରୀ ମାମଲା ସମ୍ପର୍କିତ ତଥ୍ୟ ଉଦ୍ଦେଶ୍ୟ ପ୍ରଣୋଦିତ ଭାବରେ ଗୋପନ ରଖି ଆଇନଜୀବୀ ପଞ୍ଜୀକରଣ ଫର୍ମ ଦାଖଲ କରିଥିଲେ । ସେହି ଆଧାରରେ ନିଜକୁ ଆଇନଜୀବୀ ହିସାବରେ ପଞ୍ଜୀକରଣ କରାଇଥିଲେ । ତାଙ୍କ ବିରୋଧରେ କୌଣସି ଫୌଜଦାରୀ ମାମଲା ନାହିଁ କିମ୍ବା ସେ କୌଣସି ବ୍ୟବସାୟ ବୃତ୍ତିରେ ସଂପୃକ୍ତ ନାହାନ୍ତି ବୋଲି ସେ ଉଲ୍ଲେଖ କରିଥିଲେ । ବାସ୍ତବରେ ତାଙ୍କ ନାମରେ ବିଭିନ୍ନ ଦଫା ସମ୍ବଳିତ ଫୌଜଦାରୀ ମାମଲା ରୁଜୁ ହୋଇ ବିଚାରାଧୀନ ଥିବା ଜଣାପଡିଥିଲା । ସେ ଦୁଇଟି କମ୍ପାନୀର ନିର୍ଦ୍ଦେଶକ ମଧ୍ୟ ଅଛନ୍ତି । ମିଥ୍ୟା ତଥ୍ୟ ପ୍ରଦାନ କରିଥିବାରୁ ଭାରତୀୟ ଅଧିବକ୍ତା ନିୟମ ୧୯୬୧ର ଏହା ବିରୁଦ୍ଧାଚରଣ କରିଛି । ସମସ୍ତ ବିଷୟକୁ ଗୁରୁତର ସହିତ ଗ୍ରହଣ କରି ଅର୍ଚ୍ଚନା ନାଗଙ୍କୁ ଆଇନଜୀବୀ ପେସାରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଫଇସଲା ପର୍ଯ୍ୟନ୍ତ ନିଲମ୍ବନ କରାଯିବା ପାଇଁ ବାର କାଉନସିଲ ସାଧାରଣ ବୈଠକରେ ନିଷ୍ପତ୍ତି ଗୃହୀତ ହୋଇଛି ।

**WALK-IN INTERVIEW**
**NAVODITYA HIGHER SECONDARY SCHOOL, KHARIAR ROAD**
**NAVODITYA PUBLIC SCHOOL, NUAPADA**
REQUIRES:- TGT's in English, SST, COMPSC, SCIENCE, MATHEMATICS, Odia, Hindi, PGT's in English, MATH, IT, HISTORY, GEOGRAPHY, COMMERCE, Phy. Education
QUALIFICATION:- M.A/M.Sc/M.Tech/B.Tech/B.A/ B.Sc with B.Ed having 60% Aggregate
EXPERIENCE:- 3-5 YEARS, PROFICIENCY IN ENGLISH
PLACE OF POSTING:- KHARIAR ROAD, NUAPADA
SALARY: - TGT:-20000/- PGT: - 30000/-
Interested candidates may attend a walk-in interview with their application CV and certificates on the date and time mentioned below.

| DATE | PLACE | TIME |
|---|---|---|
| 22/09/2025 | Bhubaneswar – Hotel Seetal Vani Vihar Square | 10:00 AM – 4:00 PM |
| 24/09/2025 | Khariar Road – Navoditya Campus - A | 10:00 AM – 4:00 PM |

They may send their updated resume to WhatsApp @ 7327977582 in advance. No. TA / DA will be given for attending the interview.
Contact : Mr. Abhisek Singh - 9556309956

**TPCODL**
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar, Bhubaneswar, Odisha 751007
**NOTICE INVITING TENDER: NIT No: TPCODL/2025-26/NIT/09**
Bids are invited from eligible bidders for the following tenders:

| Sl. No | Tender Enquiry No. | Tender Description |
|---|---|---|
| 1 | TPCODL/CCG/2025-26/1000005943 | SITC of DC Switches under TPCODL |
| 2 | TPCODL/CCG/2025-26/1000005945 | SITC of 2 Socket CPU Servers for TPCODL & TPNODL |
| 3 | TPCODL/P&S/2025-26/1000005988 | Management of Customer Care at TPCODL for 2 Years |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website https://www.tpcentralodisha.com. All tenders will be available on TPCODL website. Future communication / corrigendum to tender documents, if any, shall be available on TPCODL website. IT is suggested to track aforesaid website for said NIT details.

**AFFIDAVIT**
I, Ashok Modi S/o Sagarmal Modi, Resident of Modi's Dental Care, Shankar Cinema Road, PO/PS/Dist-Angul, Odisha, PIN-759122, declare by this affidavit No.4377,dtd 09.12.2024 that now onwards I shall be known as **ASHOK KUMAR MODI** for all future purposes.

**AFFIDAVIT**
I, Voona Venkta Ramana, S/o- Voona Thavitayya resident of ward no.8, Brahmin Street, Po./Ps.-Gunupur, Dist.- Rayagada, Pin- 765022, Odisha, declare by this affidavit no. 1646, dtd. 11.09.2025 that now onwards I shall be known as **VOONA VANKATA RAMANA** for all Future purposes.

**AFFIDAVIT (For Minor)**
By virtue of an affidavit before the Executive Magistrate, Badasahi, Mayurbhanj. I Satyaranjan kalia, At/Po-Singhtia, Ps-Badasahi, Dist-Mayurbhanj, Pin- 757026, Odisha. declare by this affidavit no 293/ 07.08.2025. I have changed my daughter's name from Jasnarani Kalia to Jyotsnarani Kalia. Henceforth, She shall be known as Jyotsnarani Kalia for all future purposes.
Sd/- Satyaranjan kalia

**AFFIDAVIT**
By virtue of an affidavit Sl. No. 2405, dtd. 17-09-2025 in the Court of the Executive Magistrate, Phulbani, Dist.-Kandhamal, I, Tiphan Digal, have changed my name from Tofan Digal to Tiphan Digal. Henceforth I shall be known as Tiphan Digal for all purposes.
Sd/- Tiphan Digal

**AFFIDAVIT**
By virtue of an affidavit Sl. No. 1263, dtd. 29.04.2023 in the court of the Executive Magistrate (K), Phulbani, I, Sumitra Bishoi, have changed my minor daughter's name from Peree Mahalik to Archita Mahalik. Henceforth she will be known as Archita Mahalik for all purposes.
Sd/- Sumitra Bishoi

**NOTICE (For Minor)**
By virtue of an affidavit sworn before Executive Magistrate, Mohana Dated 03.09.2025, I Suchitra Behera, address : Upar Sahi, Kattama, PO- Kattama, VTC- Kattama, Sub- Dist- Adva, Dist- Gajapati, Odisha- 761217, declare that I have changed the name of my Daughter old name is Apsani Batra to New Name Sweety Batra. Henceforth, She shall be known as New Name Sweety Batra for all purposes.
Sd/- Suchitra Behera

**NOTICE**
By virtue of an affidavit sworn before Notary Public, Bhubaneswar dated 16.9.2025 I, Anupama Pradhan, W/o-Lokanath Pradhan resident of Village- Kusuma, Po.-Barttana, Ps.- Khaira, Dist.-Balasore- 756115 declare that, I have changed the name of my daughter from **PARNITA PRADHAN** to **PARNITA PRADHAN**. Henceforth, she will be known as **PARNITA PRADHAN** for all purposes.
Anupama Pradhan

**AFFIDAVIT**
I, Bhagyashree Sahoo, aged about 25 years, W/o-Parsuram Sahu, resident of At- Sulia, PO- Kalan, Ps-Kuakhia, Dist- Jajpur, PIN-755008, Odisha declared by this affidavit,sworn before Executive Magistrate, Bhubaneswar, vide CF No. 2, dtd- 16/09/2025, that now onwards I shall be known as **BHAGYASHREE SAHOO** instead of Bhagyashree Sahu for all future purposes.

**AFFIDAVIT**
I, Bana Sahu, S/o- Pallaru Sahu resident of Village-Turcha, Po.- Kathaumal, Ps.- Gaisilet, Dist.- Bargarh, Odisha- 768037, declare by this affidavit dtd. 15.09.2025 that, I have changed my minor daughter's name from **Rasgola Sahu** to **Purnima Sahu**. now onwards she shall be known as **Purnima Sahu** for all future purposes.

**AFFIDAVIT**
I, Sabita Behera, aged about 50 years, W/o-Pramod Kumar Behera, resident of At-HIG S/25, Maitree Vihar, Phase-ii, Near Tech Mahindra, Lemon Tree Hotel, Chandrasekharpur, Bhubaneswar, Pin-751023, Odisha declare by this affidavit no. 1928, dtd-17.09.2025, that now onwards I shall be known as **SABITA PRADHAN** for all future purposes.

**ହଜିଛି**
ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ସମୂହଭାବେ ଅବଗତ କରାଇ ଦିଆଯାଉଛି କି, **ମୁଁ, ସୁଧା ଅଗ୍ରୱାଲ,** ବୟସ-୪୬ ବର୍ଷ, ସ୍ୱାମୀ: ରାଜେଶ କୁମାର ଅଗ୍ରୱାଲ, ଫ୍ଲାଟ୍ ନଂ.: ୪୦୫, କ୍ରିଏଟିଭ୍ ଏନକ୍ଲେଭ୍, ଶାସ୍ତ୍ରୀନଗର, ଭୁବନେଶ୍ୱର - ୭୫୧୦୦୧ କ୍ରୟ କରିଥିବା ଜମି ଯାହାର ପ୍ଲଟ୍ ନଂ.: ୧୧୧୭/୩୦୪୬, ଖାତା ନଂ.: ୫୪୪/୭୫୮, ମୌଜା: ଭୀମପୁର, ୟୁନିଟ୍-୨୨, ଭୁବନେଶ୍ୱରର ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ.: ୧୦୯୨୦/୨୦୦୬ କେଉଁଠାରେ ହଜିଯାଇଛି । ମୋର ସର୍ବୋତ୍ତମ ଚେଷ୍ଟା ସତ୍ତ୍ୱେ ମଧ୍ୟ ଏହା ମିଳିପାରୁ ନାହିଁ
**ଯୋଗାଯୋଗ ନଂ.: ୮୬୩୭୨୯୨୦୪୭**

**AFFIDAVIT**
I RADHASHYAM AGARWAL S/O PREMCHAND AGARWAL FLAT NO- 308, BHAGABAN TOWER, PO- BUDHESWARI COLONY, PS- LAXMI SAGAR, BHUBANESWAR - 751006, ODISHA DECLARE BY THIS AFFIDAVIT NO- 31698, DATE-15.09.2025, THAT NOW ONWORDS, I SHALL BE KNOWN AS **RADHESHYAM AGARWAL** FORALL FUTURE PURPOSES.

**AFFIDAVIT**
By virtue of an Affidavit No-6210 before the Executive Magistrate, Chandbali dtd: 16-09-2025, **Laxmi Priya Nayak**, 54 yrs, W/o- Ex-Army, Saroja Kanta Nayak, resident of At/Po- Gopalpur, PS- Chandbali, Dist-Bhadrak, Odisha, declare that **Laxmi Priya Nayak** (Actual Name as per Aadhaar No. 4636 8912 4508) and **Laxmi Priya Devi** as per the Army Document (ECHS), W/o- Ex-Army **Saroja Kanta Nayak**, is one and same person. Henceforth, I will be known as **Laxmi Priya Nayak** for all purposes.

**AFFIDAVIT**
I, Ranju Kumari Modi W/o Ashok Kumar Modi, Resident of Modi's Dental Care, Shankar Cinema Road, PO/PS/Dist-Angul, Odisha, PIN-759122, declare by this affidavit No.4378,dtd 09.12.2024 that now onwards I shall be known as **RANJU MODI** for all future purposes.

**AFFIDAVIT**
ତାରିଖ- ୦୮/୦୯/୨୦୨୫ରେ ଭୁବନେଶ୍ୱରର ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ଶପଥ ଗ୍ରହଣ କରାଯାଇଥିବା ଏକ ସତ୍ୟପାଠ (ସିଏଫ୍ ନଂ.୧୯) ଆଧାରରେ । ମୁଁ, ମହମ୍ମଦ ନିଜାମୁଦ୍ଦିନ୍ ଅହମଦ, ବୟସ ପ୍ରାୟ ୫୩ ବର୍ଷ, ପୁଅ ସ୍ୱର୍ଗତ ଅବଦୁସତାର ଖାନ, ପ୍ଲଟ୍ ନମ୍ବର ୪୬୮୯/୫୨୭୫,ଆଦିମାତା କଲୋନୀ, ଥାନା- ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ପିନ- ୭୫୧୦୧୭, ଓଡ଼ିଶାର ସ୍ଥାୟୀ ବାସିନ୍ଦା ଅଟେ । ମୁଁ ସମସ୍ତଙ୍କ ଅବଗତି ନିମନ୍ତେ ଘୋଷଣା କରୁଛି କି ମୋର ନାମ ଏମ୍‌ଡ଼ି ନିଜାମୁଦ୍ଦିନ୍ ଅହମଦରୁ ମହମ୍ମଦ ନିଜାମୁଦ୍ଦିନ୍ ଅହମଦକୁ ପରିବର୍ତ୍ତନ କରିଛି । ଏଣିକି, ମୁଁ ମହମ୍ମଦ ନିଜାମୁଦ୍ଦିନ୍ ଅହମଦ ଭାବରେ ପରିଚିତ ହେବି । ମହମ୍ମଦ ନିଜାମୁଦ୍ଦିନ୍ ଭବିଷ୍ୟତର ସମସ୍ତ ଉଦ୍ଦେଶ୍ୟ ପାଇଁ ଗ୍ରହଣୀୟ ହେବ ।

### ୫ ଦିନ ପରେ ବି ଅପହୃତା ନାବାଳିକାର ଟେର ପାଉନି ପୁଲିସ

# ରାଧାନାଥପୁର ଆଡିଆରେ ପହଞ୍ଚିଲେ ପୂର୍ବାଞ୍ଚଳ ଡିଆଇଜି

ଭଦ୍ରକ/ବାସୁଦେବପୁର,୧୭ ।୯ (ସମିସ):

ଜଣେ ନାବାଳିକା ଅପହରଣକୁ ୫ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ କୌଣସି ଟେର୍ ପାଉନାହିଁ। ପୁଲିସ ପୁଲିସ ଅପହରଣର ଖିଅ ଖୋଜିବାରେ ବ୍ୟସ୍ତ। ସ୍ୱତନ୍ତ୍ର ଟିମ ଗଠନ ପରେ ବି କାମ ଦେଉ ନାହିଁ। ଫେଲ ମାରିଲା କି ପୁଲିସର ଅପରେସନ ଅନ୍ୱେଷଣ। ଭଦ୍ରକ ଜିଲ୍ଲା ବାସୁଦେବପୁର ପୌରପାଳିକାର ରାଧାନାଥପୁର

- **ଅପହରଣର ଖିଅ ଖୋଜୁଛି ପୁଲିସ**
- **ବିଧାନସଭାରେ ଉଠିବ ଅପହରଣ ପ୍ରସଙ୍ଗ**

ଆଡିଆରେ ଅପହରଣ ମାମଲାର ତଦନ୍ତ କରିବାକୁ ପହଞ୍ଚଲେ ପୂର୍ବାଞ୍ଚଳ ଡିଆଇଜି ପିନାକ୍ ମିଶ୍ର। ତାଙ୍କ ସହିତ ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ, ଭଦ୍ରକ ସଦର ଏସଡିପିଓ ବିଚିତ୍ରାନନ୍ଦ ସେଠୀ ଓ ୪ଟି ଥାନାର ଆଇଆଇସି ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ବାସୁଦେବପୁର ପୌରପାଳିକାର ରାଧାନାଥପୁର ଆଡିଆ ଗାଁରେ ଗତ ଶନିବାର ସନ୍ଧ୍ୟାରେ ଶୌଚ କରିବାକୁ ଯାଇ ଥିବା ବେଳେ ୯ ବର୍ଷର ନାବାଳିକା ଅପହରଣ ହୋଇଥିଲା। ବାଇକ୍‌ରେ ଆସି ଅନ୍ଧାରରେ ଟେକି ନେଲେ ଦୁର୍ବୃତ୍ତ। ଖବର ପାଇ ଚୂଡାମଣି



ସାମୁଦ୍ରିକ ଥାନାର ଲିଖିତ ଅଭିଯୋଗ କରିଥିଲେ । ସଦାନନ୍ଦ ମଳିକଙ୍କ ଘର ଅତୁଆଁ ପଞ୍ଚାୟତର; ହେଲେ ଶଶୁର ଘର ବାସୁଦେବପୁର ପୌରପାଳିକାର ୧ନମ୍ବର ୱାର୍ଡ଼ର ରାଧାନାଥପୁରର ଏକ ଘର କରି ରହିଛନ୍ତି। ସଦାନନ୍ଦ ପ୍ରତିଟି କାମରେ ଶଶୁର ଘର ଉପରେ ନିର୍ଭର କରିଥାନ୍ତି । ନାବାଳିକା ଶିଶୁ କନ୍ୟା ଅପହରଣ ହେବା ୫ ଦିନ ବିତିଲା। ଚୂଡାମଣି ସାମୁଦ୍ରିକ ଥାନାର ହୋଇଛି ଅଭିଯୋଗ। ହେଲେ ଏ ଯାଏ ଚୂଡାମଣି ପୁଲିସ ହାତଖାଲି। ନାବାଳିକାର ଅପହରଣକୁ ନେଇ ଗ୍ରାମବାସୀ ଭୟଭୀତ ହୋଇ ପଡିଛନ୍ତି। ନାବାଳିକାକୁ କିଏ ଓ କାହିଁକି ଅପହରଣ କଲା ସେ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି । ସନ୍ଧ୍ୟା ହେଲେ କୌଣସି ଝିଅ ପିଲାମାନଙ୍କୁ ବାହାରକୁ ଛାଡିବାକୁ ଉଚିତ ମଣୁନାହାନ୍ତି ଅଭିଭାବକ। ଏପରିକି ସନ୍ଧ୍ୟାରେ ଆଖପାଖ ଅଞ୍ଚଳକୁ ଗ୍ରୁପ୍ ଟ୍ୟୁସନ ହେବାକୁ ଯାଉଥିବା ନାବାଳିକାଙ୍କୁ ଘରୁ ବାହାରକୁ ଛାଡୁ ନାହାନ୍ତି। ଅପହୃତ ନାବାଳିକା ଜୀବିତ ନା ମୃତ ତାକୁ ନେଇ ଗୁଣିଆ ଓ ଠାକୁରାଣୀଙ୍କ ଠାରୁ ବୁଝିବା ଆରମ୍ଭ ହୋଇଛି। ଅନ୍ୟ ପକ୍ଷରେ ୧୮ ମାସ ତଳର ଏକ ପରିତ୍ୟକ୍ତ ବାଇକକୁ ନେଇ ଅପହରଣର ଲିଙ୍କ୍ ଥାଇପାରେ କହିଛନ୍ତି ଅପହୃତ ନାବାଳିକାର ଅଜା ସୁରଥ ମଳିକ। ଏବେବି ବାଇକଟି ସୁରଥ ମଳିକ ଘର ଆଗରେ ପଡି ରହିଛି । ପୁଲିସ ବିଭିନ୍ନ ଦିଗରୁ ବିଶ୍ଳେଷଣ କରି ସୁରାକ ପାଇବାକୁ ଛାନ୍‌ଭିନ୍ ଆରମ୍ଭ କରିଛି । ପୂର୍ବାଞ୍ଚଳ ଡିଆଇଜି ଘଟଣାସ୍ଥଳରେ ପହଞ୍ଚି ତଦନ୍ତକୁ ଗୁରୁତ୍ୱ ଦେଇଛନ୍ତି। ଜିଲ୍ଲାର ଆଉ କିଛି ଦକ୍ଷ ଅଫିସରଙ୍କୁ ଉକ୍ତ ଅପହରଣ ଅପରେସନରେ ସାମିଲ କରିବାକୁ ପରାମର୍ଶ ଦେଇଛନ୍ତି। ଦିନକ ପରେ ବିଧାନସଭାର ଅଧିବେଶନ ଆରମ୍ଭ ହେଉଛି। ମହିଳା ସୁରକ୍ଷାକୁ ନେଇ ବିଜେଡି ଓ କଂଗ୍ରେସ ସରକାରଙ୍କୁ ଘେରିବାକୁ ଟାର୍ଗେଟ କରିଛନ୍ତି । ରାଧାନାଥପୁର ଆଡିଆ ନାବାଳିକା ଅପହରଣ ପ୍ରସଙ୍ଗ ବିଧାନସଭାର ଉଠିପାରେ ବୋଲି ଆଲୋଚନା ହେଉଛି। ତେବେପୂର୍ବାଞ୍ଚଳ ଡିଆଇଜି ଶ୍ରୀ ମିଶ୍ର କହିଛନ୍ତି ଯେ, ତଦନ୍ତ ଚାଲିଛି ଖୁବ୍ ଶୀଘ୍ର ନାବାଳିକାକୁ ଉଦ୍ଧାର ହେବ।



ବାବାମଣିଙ୍କ ମନ୍ଦିରରେ ଜୟଦୁର୍ଗାଙ୍କ ଷୋଡଶ ଦିବସୀୟ ପୂଜାରେ ମା'ଙ୍କ ବିମଳା ବେଶ।

## କଣ୍ଟି ଏସକେପ ପଥର ପ୍ୟାକିଂ ମରାମତି ଦାବି



ବାରିକପୁର,୧୭ ।୯ (ସମିସ): ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ବୈତରଣୀ ନଦୀରେ ଚଳିତ ବର୍ଷ ଏଯାବତ ତିନୋଟି ବନ୍ୟା ଆସିଛି। ତନ୍ମଧ୍ୟରୁ ଶେଷ ୨ଟି ବନ୍ୟାରେ ଚର୍ଚ୍ଚିତ କଣ୍ଟି ଏସକେପ ପଥର ପ୍ୟାକି କିଛି ମାତ୍ରାରେ ନଷ୍ଟ ହୋଇଛି। ପାଖାପାଖି ୨୪ ଘଣ୍ଟାରୁ ଅଧିକ ସମୟ ଧରି ଏସକେପ ଉପରେ ବନ୍ୟା ଜଳ ପ୍ରବାହିତ ହେବା ଯୋଗୁଁ ପୁରୁଣା ପଥର ଗୁଡିକ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ଏସକେପର ଉପର ମୁଣ୍ଡ ନଦୀ ପାଶ୍ୱର୍ରେ ପଥର ପ୍ୟାକି ଉପରେ ହୋଇଥିବା ଗ୍ରାଉଟିଙ୍ଗ କେତେକାଂଶରେ ନଷ୍ଟ ହୋଇଛି। ଏଥିଯୋଗୁଁ ଘୋଳିଆ ମଧ୍ୟ ପଡ଼ିଥିବା କୁହାଯାଇଛି। ସେହିଭଳି ତଳପଟ ଖୋଳା ନାଳ ପାର୍ଶ୍ୱକୁ ହୋଇଥିବା ପ୍ୟାକିଂ ଉପରେ ତାର ଜାଲି ମଧ୍ୟ ଛିଣ୍ଡି ଯାଇଥିବା ଜଣାପଡିଛି। ଏସକେପକୁ ଲାଗି ସ୍ଥାନେ ସ୍ଥାନେ ପଥର ମଧ୍ୟ ଦବି ଯାଇଛି। କେତେକ ପଥର ନାଳକୁ ମଧ୍ୟ ଭାସି ଯାଇଛି। ଉକ୍ତ ନିର୍ମାଣ କାର୍ଯ୍ୟକୁ ପ୍ରାୟ ୧୨ବର୍ଷ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ଏହାରି ଭିତରେ ଏସକେପର କୌଣସି ମରାମତି କାର୍ଯ୍ୟ ହୋଇନାହିଁ। ଯଦିଓ ଆସନ୍ତା ବର୍ଷ ଏସକେପର ନବୀକରଣ କାର୍ଯ୍ୟ ହେବ ବୋଲି କୁହାଯାଇଛି; କିନ୍ତୁ ଆଗକୁ ବର୍ଷା ଓ ବନ୍ୟା ସମୟ ଥିବାରୁ ଏହାର ମରାମତି ଅପରିହାର୍ଯ୍ୟ ହୋଇପଡିଛି। ବିଶେଷ କରି ଏସକେପର ରଘୁନାଥପୁର ପାର୍ଶ୍ୱରେ ଅଧିକ ପରିମାଣରେ ପଥର ପ୍ୟାକିଂ ଦବି ଥିବା ଯୋଗୁଁ ଏହାକୁ ତୁରନ୍ତ ମରାମତି ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି। ନଚେତ୍ ବଡ ବନ୍ୟା ଆସିଲେ ଏଥିଯୋଗୁଁ ପରିସ୍ଥିତି ଅସମ୍ଭାଳ ହେବ ବୋଲି ସ୍ଥାନୀୟ ବାସିନ୍ଦା ମତ ଦେଇଛନ୍ତି।

## ଆଦାନୀ ଧାମରା ପୋର୍ଟକୁ ମିଳିଲା ପ୍ରଦୂଷଣ ନିୟନ୍ତ୍ରଣ ପୁରସ୍କାର



ଭଦ୍ରକ,୧୭ ।୯ (ସମିସ): ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ୪୨ତମ ପ୍ରତିଷ୍ଠା ଦିବସ ଅବସରରେ ଧାମରା ପୋର୍ଟ କମ୍ପାନୀ ଲିମିଟେଡ୍‌କୁ ଶିଳ୍ପ ବର୍ଗରେ ମର୍ଯ୍ୟାଦାଜନକ ପ୍ରଦୂଷଣ ନିୟନ୍ତ୍ରଣ ପ୍ରଂଶସା ପୁରସ୍କାର ପ୍ରଦାନ କରାଯାଇଛି। ରାଜ୍ୟପାଳ ଡ. ହରିବାବୁ କମ୍ଭମପତି ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ବନ୍ୟ ଓ ପରିବେଶ ବିଭାଗର ଅତିରିକ୍ତ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜ୍ୟ ପ୍ରଦୂଷଣ ନିୟବଣ ବୋର୍ଡ ସଚିବ ସଦସ୍ୟ ଉମା ନନ୍ଦୁରି ଏବଂ ପିସିସିଏଫ୍ ସୁରେଶ ପନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ପରିବେଶରେ ସ୍ଥିରତା ଏବଂ ପ୍ରଦୂଷଣ ନିୟବଣ ପ୍ରତି ନିରନ୍ତର ପ୍ରୟାସକୁ ଦୃଷ୍ଟିରେ ରଖି ଡିପିସିଏଲ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପ୍ରଦୂଷଣ ନିୟବଣ ଦିଗରେ କମ୍ପାନୀର ଅଭିନବ ପଦକ୍ଷେପ ଓ ସ୍ଥାୟୀତ୍ୱମୂଳକ କାର୍ଯ୍ୟପ୍ରଣାଳୀ ଯୋଗୁ ଶିଳ୍ପ ବର୍ଗରେ ଉଚ୍ଚ ପ୍ରଂଶସିତ ହୋଇପାରିଛି। କମ୍ପାନୀ ତରଫରୁ ଡିପିସିଏଲ୍ କର୍ପୋରେଟ ବ୍ୟାପାର ମୁଖ୍ୟ ଆଶିଷ ଦାସ, ପରିବେଶ ମୁଖ୍ୟ ସନ୍ତୋଷ ନାୟକ ଟ୍ରଫି ଓ ମାନପତ୍ର ଗ୍ରହଣ କରିଥିଲେ। ଏହି ମର୍ଯ୍ୟାଦାଜନକ ପୁରସ୍କାର ପାଇ ଆମେ ନିଜକୁ ଗୌରବାନ୍ୱିତ ଅନୁଭବ କରୁଛୁ। ପ୍ରଦୂଷଣ ନିୟବଣ କରିବାରେ କମ୍ପାନୀର ବଳିଷ୍ଠ ପଦକ୍ଷେପ ଓ ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରିବାରେ ଆମର ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛି ବୋଲି ପୁରସ୍କାର ଗ୍ରହଣ ଅବସରରେ ଡିପିସିଏଲ୍ ଅଧିକାରୀମାନେ କହିଥିଲେ।

## ସୁକନ୍ୟା ସମୃଦ୍ଧି ଖାତା ଖୋଲା ଅଭିଯାନ

ଭଦ୍ରକ,୧୭ ।୯ (ସମିସ): ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ସୁକନ୍ୟା ସମୃଦ୍ଧି ସଚେତନତା ଓ ଖାତା ଖୋଲା ଅଭିଯାନ ଏବଂ ଚାରାରୋପଣ କାର୍ଯ୍ୟକ୍ରମ ବୁଧବାର ଦଧିବାମନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପିଲାମାନଙ୍କୁ ସଂଚୟର ମୂଲ୍ୟ ବୁଝେଇବା ପାଇଁ ବୃକ୍ଷ ଗୁଡ଼ିକୁ ସଂଚୟ ବୃକ୍ଷ ନାମରେ ନାମିତ କରାଯାଇଥିଲା। ପରେ ସୁକନ୍ୟା ସମୃଦ୍ଧି ସଚେତନତା ଶିବିର ଆୟୋଜନ କରାଯାଇଥିଲା। ସଭାରେ ସଭାପତିତ୍ୱ କରିଥିଲେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ। ଅତିଥି ଭାବରେ ଅତିରିକ୍ତ ଶିକ୍ଷାଧିକାରୀ, ଗୋଷ୍ଠି ଶିକ୍ଷା ଅଧିକାରୀ, ଜିଲ୍ଲା ଅର୍ଥକ ସେବା ଓ ସଞ୍ଚୟ ଅଧିକାରୀ, ପଦ୍ମନ୍ କୁମାର ରାୟ, ପୂର୍ବତନ ଆର୍ଥକ ସେବା ଓ ସଞ୍ଚୟ ଅଧିକାରୀ, ଦଧିବାମନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗ ଦେଇଥିଲେ। ସୁକନ୍ୟା ସମୃଦ୍ଧି ସଚେତନତା ଶିବିର ରେ ଅତିରିକ୍ତ ଜିଲ୍ଲାପାଳ ଯୋଗ ଦେଇଥିବା ଅଭିଭାବକଙ୍କୁ ଏହି ଯୋଜନାରେ ଶିଶୁ କନ୍ୟାକୁ ଯୋଡ଼ି ସଞ୍ଚୟ କରିବା ପାଇଁ ଅନୁପ୍ରାଣିତ କରିଥିଲେ। ସଭା କାର୍ଯ୍ୟ ଶେଷ ପରେ ସୁକନ୍ୟା ସମୃଦ୍ଧି ଯୋଜନାରେ ଖାତା ଖୋଲା ବ୍ୟବସ୍ଥା କରାଯାଇଥିଲା। ଏଥିରେ ଡାକ ବିଭାଗ ସହାୟତା କରିଥିଲା। ବିଦ୍ୟାଳୟଗୁଡିକରେ କନ୍ୟାମାନଙ୍କ ଉଦ୍ଦେଶ୍ୟରେ ସହଜରେ ଆକାଉଣ୍ଟ ଖୋଲିବାର ସୁବିଧା ଯୋଗାଇ ଦେବା ଏହି ଅଭିଯାନର ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ।

# ଭଣ୍ଡାରିପୋଖରୀରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଉତ୍ସବ





ବାରିକପୁର,୧୭ ।୯ (ସମିସ): ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ବୁଧବାର ଦେବ ଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଉତ୍ସବ ଭାବଭକ୍ତିର ସହିତ ପାଳିତ ହୋଇଛି। ବ୍ଲକ ସଦରମହକୁମା ସହିତ ପ୍ରମୁଖ ଗ୍ରାମ୍ୟ ବଜାର ମଞ୍ଜୁରୀରୋଡଠାରେ ଅଟୋ ଚାଳକ ସଂଘ ପକ୍ଷରୁ ବିଶ୍ୱକର୍ମାଙ୍କ ପୂଜା ବେଶ ଧୂମଧାମରେ ଆୟୋଜନ ହୋଇଛି। ବାରିକପୁର ଟାକ୍ସି ଚାଳକ ସଂଘ ପକ୍ଷରୁ ମଧ୍ୟ ପୂଜା ଆୟୋଜନ ହୋଇଥିଲା। ଭଣ୍ଡାରିପୋଖରୀ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟଠାରେ କନିଷ୍ଠ ଯନ୍ତ୍ରୀ ସଂଗ୍ରାମ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଦେବଶିଳ୍ପୀଙ୍କ ମୃଣ୍ମୟ ମୂର୍ତ୍ତିକୁ ବୈଦିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ପୂଜକ ସୀତାକାନ୍ତ ମିଶ୍ରଙ୍କ ହସ୍ତରେ ପୂଜା କାର୍ଯ୍ୟ ସମ୍ପାଦିତ ହୋଇଥିବା ବେଳେ ବିଭାଗୀୟ ଅଧିକାରୀ ଭାଗିରଥି ସାହୁ ସଂକଳ୍ପ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଦିବସ ଭରି କାର୍ଯ୍ୟକ୍ରମକୁ ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ। ସେହିପରି ସରକାରୀ ଶିଳ୍ପ ତାଲିମ କେନ୍ଦ୍ର, କହରାପୋଖରୀ ଅଗ୍ନିଶମ କାର୍ଯ୍ୟାଳୟ, ଧାମନଗର ଛକ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ସମେତ ବିଭିନ୍ନ ସ୍ଥାନରେ ଡ୍ରାଇଭର ସଂଘ, ଗାଡି ମାଲିକ ସଂଘ, ଯାନ୍ତ୍ରିକ ବ୍ୟବସାୟ ପ୍ରତିଷ୍ଠାନରେ ମଧ୍ୟ ବିଶ୍ୱକର୍ମା ପୂଜା ଉତ୍ସବ ଅନୁଷ୍ଠିତ ହୋଇଛି।

**ଭଣ୍ଡାରିପୋଖରୀ:** ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ଦେବଶିଳ୍ପୀ ବିଶ୍ୱକର୍ମା ପୂଜା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭଣ୍ଡାରିପୋଖରୀ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନରେ ଅଧ୍ୟକ୍ଷ ଦୀପକ କୁମାର ମୁଦୁଲିଙ୍କ ପୌରହିତ୍ୟରେ ଅନୁଷ୍ଠିତ ପୂଜାରେ ସହକାରୀ ପ୍ରଶିକ୍ଷଣ ଅଧିକାରୀ ସୂର୍ଯ୍ୟକାନ୍ତ ସାମଲ ସଙ୍କଳ୍ପ କରିଥିଲେ। ପ୍ରତିଷ୍ଠାନର ସହକାରୀ ପ୍ରଶିକ୍ଷଣ ଅଧିକାରୀ ଦୁଲାରାମ ସୋରେନଙ୍କ ସଂଯୋଜନାରେ ଅନୁଷ୍ଠିତ ପୂଜାରେ ପ୍ରଶିକ୍ଷଣ ଅଧିକାରୀ ପ୍ରହ୍ଲାଦ କୁମାର ଜେନା, ତାପସ କୁମାର ଜେନା, ତମସାରାଣୀ ବେହେରା, ସଂଯୁକ୍ତା ନାୟକ, ବିକାଶ ରଞ୍ଜନ ପାଣିଗ୍ରାହୀ, ଦୁଷ୍ମନ୍ତ ପାଣିଗ୍ରାହୀଙ୍କ ସମେତ ସମସ୍ତ କର୍ମଚାରୀ, ଛାତ୍ରଛାତ୍ରୀ ପୂଜାରେ ଅଂଶଗ୍ରହଣ କରିଥିଲେ। ସେହିପରି ଖାଡୁଆ ଗ୍ୟାରେଜ, ବିଦ୍ୟୁତ କାର୍ଯ୍ୟାଳୟ, ସତ୍ୟଭାମା ଫେବ୍ରିକେସନ, ମା ମଙ୍ଗଳା ଚାଳକ ସଂଘ ଆଦି ସମସ୍ତ ନିର୍ମାଣ ପ୍ରତିଷ୍ଠାନ, ଯାନବାହନ ଓ ଯନ୍ତ୍ରପାତି ବିକେତା ପକ୍ଷରୁ ବିଶ୍ୱକର୍ମା ପୂଜା ପାଳନ କରାଯାଇଛି।

## ନୂତନ ବାଇକ୍‌ର ବଜାର ପ୍ରବେଶ

ଭଦ୍ରକ,୧୭ ।୯ (ସମିସ): ଭଦ୍ରକ ଡାହାଣି ଗଡିଆ ସ୍ଥିତ ଅନ୍ୟତମ ଅଗ୍ରଣୀ ବାଇକ ବିକ୍ରେତା କେନ୍ଦ୍ର ଜ୍ୟୋସ୍ନା ଅଟୋ ମୋବାଇଲ ପକ୍ଷରୁ ଏକ ନୂତନ ବୁଲେଟ ବଜାର ପ୍ରବେଶ ହୋଇଛି। ରୟାଲ ଇନ୍ ଫିଲଡ କମ୍ପାନୀ ଦ୍ୱାରା ନୂତନ ଜ୍ଞାନ କୌଶଳରେ ନିର୍ମିତ ଦୁଇ ଚକିଆ ମିଟୁଅର ବୁଲେଟକୁ ସ୍ୱତ୍ତ୍ୱାଧିକାରୀ ଉତ୍କଳ କେଶରୀ ମହାନ୍ତି ବଜାର ପ୍ରବେଶ କରିଛନ୍ତି। ପାର୍ବଣ ପୂର୍ବରୁ ଏହି ବାଇକ ବଜାର ପ୍ରବେଶ କରିଥିବା ବେଳେ ଯୁବ ବର୍ଗଙ୍କୁ ଏହା ବେଶ ଆକୃଷ୍ଟ କରିବ




ବୋଲି ସ୍ୱତ୍ତ୍ୱାଧିକାରୀ ଆଶା ପ୍ରକଟ କରିଛନ୍ତି। ସୋମବାର ସନ୍ଧ୍ୟାରେ ନୂଆ ବୁଲେଟର ବଜାର ପ୍ରବେଶ ଉତ୍ସବରେ ଶ୍ରୀ ମହାନ୍ତିଙ୍କ ସମେତ କମ୍ପାନୀର ପଦାଧିକାରୀ ଓ ବିକ୍ରେତା କେନ୍ଦ୍ରର କର୍ମଚାରୀ ଉପସ୍ଥିତ ଥିଲେ।

## ଭଣ୍ଡାରିପୋଖରୀରେ ସ୍ୱଚ୍ଛତା ଉତ୍ସବ ପାଳିତ

ବାରିକପୁର,୧୭ ।୯ (ସମିସ): ଭଣ୍ଡାରିପୋଖରୀ ବ୍ଲକ ସଭାଗୃହ ମଧ୍ୟରେ ବୁଧବାର ସ୍ୱଚ୍ଛତା ଉତ୍ସବ ପାଳିତ ହୋଇଯାଇଛି। ସ୍ୱଚ୍ଛ ଭାରତ ବ୍ଲକ ସଂଯୋଜକ ଉଦୟ ନାଥ ବେଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ସମ୍ମାନୀତ ଅତିଥି ବିଡ଼ିଓ ଦେବଦତ ଦାସ, ଏବିଡ଼ିଓ ଶର୍ମିଷ୍ଠା ମଲ୍ଲିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ହୃଦାନନ୍ଦ ଜେନା ପ୍ରମୁଖ ଯୋଗଦେଇ ସ୍ୱଚ୍ଛତା ଉତ୍ସବ ପାଳନ ସମ୍ପର୍କରେ ସୁଚିନ୍ତିତ ମତାମତ ଦେଇଥିଲେ। ଅକ୍ଟୋବର ୨ ଯାଏଁ ବ୍ଲକର ସମସ୍ତ ପଞ୍ଚାୟତରେ ବିଭିନ୍ନ ପ୍ରକାରର ସ୍ୱଚ୍ଛତା କାର୍ଯ୍ୟକ୍ରମ ମାନ ହାତକୁ ନିଆଯାଇଥିବା ଉପସ୍ଥିତ ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ହିସାବ ରକ୍ଷକ ଦିବ୍ୟଜ୍ୟୋତି ବେହେରା, ସମାଜ ମଙ୍ଗଳ ଅଧିକାରିଣୀ ସାନ୍ତ୍ୱନା ଦାସ, ଗ୍ରାମ ପଂଚାୟତ ସମ୍ପ୍ରସାରଣ ଅଧିକାରିଣୀ ବିଳାସିନୀ ସେନାପତି, କନିଷ୍ଠ ଯନ୍ତ୍ରୀ ଦିବାକର ସାହୁ, ଗୋବିନ୍ଦ ବେହେରା, ମିଶନ ଶକ୍ତି ଅଧିକାରୀ ଶ୍ରୀକାନ୍ତ ଜେନା, ଯୋଗାଣ ନିରୀକ୍ଷକ ହିମାଂଶୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହାଛଡା ଆଖପାଖ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଏହି ଅବସରରେ ବ୍ଲକ ପରିସର ସଫେଇ କରାଯାଇଥିଲା।

# ଚାନ୍ଦବାଲିକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବିକଲା କ୍ରିୟାନୁଷ୍ଠାନ କମିଟି





ଭଦ୍ରକ,୧୭ ।୯ (ସମିସ):

ଐତିହାସିକ ନୌବାଣିଜ୍ୟ ସହର ଚାନ୍ଦବାଲିକୁ ରାଜସ୍ୱ ଉପଖଣ୍ଡର ମାନ୍ୟତା ପ୍ରଦାନ କରିବା ପାଇଁ ଚାନ୍ଦବାଲି ସବଡ଼ିଭିଜନ ଗଠନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ନଗର ଉନ୍ନୟନ ମନ୍ତ୍ରୀ ଡ.କୃଷ୍ଣଚନ୍ଦ୍ର ମହାପାତ୍ର, ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ଭଦ୍ରକ ଜିଲ୍ଲା ସଦର ମହକୁମାଠାରୁ ଚାନ୍ଦବାଲିର ଦୂରତା ୫୫ କିମି ହୋଇଥିବା ବେଳେ ଏହି ଅଞ୍ଚଳରେ ପ୍ରସିଦ୍ଧ ଶୈବ ପୀଠ ଆରଡ଼ିର ବାବା ଆଖଣ୍ଡଳମଣି, ଆରାଧ୍ୟା ଦେବୀ ଦକ୍ଷିଣେଶ୍ୱରୀ ମା'କାଳୀ, ଧାମରାର ମା' ଧାମୁରାଇ, ନରେନ୍ଦ୍ରପୁରର ମା'ପାଟଣ ମଙ୍ଗଳା, ବାଲିଗାଁର ପୀର ବାବାଙ୍କ ସମାଧି ସ୍ଥଳ ସହ ଅନେକ ଧାର୍ମିକ ଓ ସାଂସ୍କୃତିକ ଅନୁଷ୍ଠାନ, ବିଶ୍ୱ ବିସ୍ମୟ ଭିତର କନିକା ଜାତୀୟ ଉଦ୍ୟାନର ପ୍ରବେଶ ଦ୍ୱାର ରହିଛି। ଧାମରାରେ ଏସିଆ ମହାଦେଶର ଦ୍ୱିତୀୟ ଗଭୀରତମ ଆଦାନୀ ବନ୍ଦର ଏବଂ ସରକାରଙ୍କ ଯୋଜନାରେ ଅନ୍ତରଭୁକ୍ତ ଶିଳ୍ପହବ ଏହି ଅଂଚଳର ଗୁରୁତ୍ୱକୁ ଆହୁରି ବଢ଼ାଇ ଦେଇଛି। ବଙ୍ଗୋପସାଗର ଜଳ ପଥ ଦେଇ ବାଂଲାଦେଶୀ ତଥା ଆତଙ୍କବାଦୀଙ୍କ ଅନୁପ୍ରବେଶ ଇତ୍ୟାଦି ଅନେକ ଯଥାର୍ଥ କାରଣ ପାଇଁ ଚାନ୍ଦବାଲିକୁ ସବଡ଼ିଭିଜନ ଘୋଷଣା କରିବା ପାଇଁ ୨୦୧୮ ମସିହା ପାଖରୁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ତରିକାରେ କ୍ରିୟାନୁଷ୍ଠାନ କମିଟି ଦାବି କରିଆସୁଛି। ତେବେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦିତା କରୁଥିବା ଏବଂ ଏହି ଅଞ୍ଚଳର ପୁରପଲ୍ଲୀରେ ସୁପରିଚ ହୋଇଥିବାରୁ ଚାନ୍ଦବାଲିକୁ ସବଡ଼ିଭିଜନ ମାନ୍ୟତା ମିଳିବା ନେଇ ଚାନ୍ଦବାଲିବାସୀ ଖୁବ ଆଶାବାଦୀ ହୋଇଛନ୍ତି। ସ୍ଥାନୀୟ କୈରବ ହୋଟେଲ ପରିସରରେ ସମାଜସେବୀ ସୁଧୀର ମହାନ୍ତିଙ୍କ ଆବାହକତ୍ୱରେ ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦ, ଓକିଲ ସଙ୍ଘ, ବଣିକ ସଙ୍ଘ, ବୁଦ୍ଧିଜୀବୀ ଓ ସମାଜସେବୀମାନେ ଏକତ୍ରିତ ହୋଇ ବିଜେପି ରାଜ୍ୟ ସଭାପତି, ନଗର ଉନ୍ନୟନ ମନ୍ତ୍ରୀ, ଚାନ୍ଦବାଲି ବିଧାୟକ ଓ ଭଦ୍ରକ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ମିନତୀ ସୂତାର, ବିଜେଡି ବ୍ଲକ ସଭାପତି ପ୍ରତାପ ଧଳ, ନରେଶ ମାଝୀ, ଅଶୋକ ବଳ, ବିଜେପିରୁ ପୂର୍ଣ୍ଣଚନ୍ଦ୍ର ପାଣି, କାନ୍ହୁ ବେହେରା, ଉପେନ୍ଦ୍ର ରାଉଳ, ଚନ୍ଦନ ରାଉତ, ସବ୍ୟସାଚୀ ମହାନ୍ତି, ଶୀତ ମହାଳିକ, କଂଗ୍ରେସରୁ ଏନଏସି ସଭାପତି ବଦ୍ରୀନାଥ ନାୟକ, ଆଡ଼ଭୋକେଟ ତ୍ରିଲୋଚନ ଦାଶ, ସିପିଆଇରୁ ଅନନ୍ତ ମହାନ୍ତି, ଭାଗିରଥି ରାଉତ, ସିପିଆଇଏମରୁ ମଳୟ ଭୋଇ, ଅଶୋକ ବେହେରା, ବଣିକ ସଙ୍ଘରୁ ଗୋପୀରାମ ଅଗ୍ରୱାଲ, ସୁଶାନ୍ତ ବିଶ୍ୱାଳ, ରାମତାର ମୋର, ବରିଷ୍ଠ ନାଗରିକ ସଙ୍ଘର ପ୍ରମୋଦ ତ୍ରିପାଠୀ, କାନ୍ହୁ ମହାଳିକ, ମୁରଲୀଧର ପରିଡା, ସ୍ୱେଚ୍ଛାସେବୀ ଅନୁଷ୍ଠାନ କିଶୋରରୁ ବ୍ରଜକିଶୋର ପଣ୍ଡା, ଲଳିତ ମହାନ୍ତି, ପ୍ରଗତି ଯୁବ ସଙ୍ଘର ଦେବଦତ ଦାସ, ଅଟୋ ସଙ୍ଘର ସମ୍ପାଦକ ବ୍ରଜସୁନ୍ଦର ମହାନ୍ତି, ଦୁର୍ଗା କମିଟିର ସମ୍ପାଦକ ରଘୁନାଥ ସାହୁ, ସାମାଜିକ କର୍ମୀ ରମେଶ ଦାଶ, ଶୁଭେନ୍ଦୁ ସାହୁ, ଶ୍ରୀମନ୍ତ ଖୁଣ୍ଟିଆ, ରତିକାନ୍ତ ସାହୁ, ଯୋଗେଶ ସାହୁ, ମିଳନ ମହାନ୍ତି, ଧୀରେନ୍ଦ୍ର ଦାସ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ପୁଲିସ ଅଧିକାରୀଙ୍କୁ ଶ୍ରଦ୍ଧାଞ୍ଜଳି



**ଅସୁରାଳି, ୧୭।୯(ସମିସ):** ଧାମନଗର ଥାନାର ଅବସରପ୍ରାପ୍ତ ପୁଲିସ ଅଧିକାରୀ ତଥା ବିଜେଡି ଚୁଡାକୁଟି ପଞ୍ଚାୟତ ସଭାପତି ସନ୍ତୋଷ ମହାପାତ୍ରଙ୍କ ପିତା ସ୍ୱର୍ଗତ ସୁବାସଚନ୍ଦ୍ର ମହାପାତ୍ରଙ୍କ ଏକାଦଶାହରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ରାଜନେତା, ଲୋକପ୍ରତିନିଧି, ସରକାରୀ କର୍ମଚାରୀ, ସାମ୍ବାଦିକ ଓ ସମାଜସେବୀ ବୁଧବାର ଦିନ ତାଙ୍କ ଚୁଡାକୁଟିସ୍ଥିତ ବାସଭବନରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ମହାପାତ୍ର ପ୍ରଥମେ ରାୟଗଡା ଜିଲ୍ଲାରେ ୧୯୭୨ରେ ହେଡ କନେଷ୍ଟବଳ ଭାବେ ପୁଲିସ ବିଭାଗରେ ନିଯୁକ୍ତି ପାଇଥିଲେ। ପରେ ଅନୁଗୁଳ, ଭୁବନେଶ୍ୱର, କେନ୍ଦୁଝର, ଚଣ୍ଡିଖୋଲ ଭଳି ସ୍ଥାନରେ କାର୍ଯ୍ୟ ପଦୋନ୍ନତି ପାଇ ଅତିରିକ୍ତ ସବ୍ ଇନସ୍ପେକ୍ଟର ଭାବେ କାର୍ଯ୍ୟ କରିଥିଲେ। ୨୦୦୮ରେ ଧାମନଗରରୁ ଚାକିରି କାଳ ସରିବା ପରେ ଅବସର ନେଇଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ପ୍ରାକ୍ତନ ଧାମନଗରର ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ବ୍ଲକ ବିଜେଡି ସଭାପତି ପ୍ରତାପ ସାମଲ, ସମାଜସେବୀ ଡାକ୍ତର ସଞ୍ଜୟ ଦାସ, ଭାରତ ବିଜୟ ଦଳେଇ, ଜ୍ୟୋତିପ୍ରକାଶ ସାମଲ, ସରପଂଚ କସ୍ତୁରୀ ବିଶ୍ୱାଳ, ନରେନ୍ଦ୍ର ଦାସ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ଯୋଗ ଦେଇଥିଲେ।

### ରାଜ୍ୟରେ କମୁନି ଦୁଷ୍କର୍ମ, ଗଣଦୁଷ୍କର୍ମ, ଅସଦାଚରଣ ଓ ମହିଳା ନିର୍ଯାତନା

# ଡିଜିପିଙ୍କ ଉଦ୍ଦେଶ୍ୟରେ ଏସ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନକଲା ଜିଲ୍ଲା ମହିଳା ବିଜେଡି

ଭଦ୍ରକ, ୧୭।୯(ସମିସ)

ରାଜ୍ୟରେ ଦୁଷ୍କର୍ମ, ଗଣଦୁଷ୍କର୍ମ, ଅସଦାଚରଣ ଓ ମହିଳାଙ୍କୁ ନିର୍ଯାତନା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ରାଜ୍ୟ ସରକାର ଏହାକୁ ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ମା' ବାଲିହରଚଣ୍ଡୀ ପୀଠ ନିକଟ ଜଙ୍ଗଲରେ ଘଟିଥିବା ଗଣଦୁଷ୍କର୍ମ ଘଟଣା ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତିର ସଦ୍ୟତମ ନମୁନା। ଏହି ଘଟଣା ଗୋପାଳପୁର ବେଳାଭୂମିରେ ଘଟିଥିବା ଗଣଦୁଷ୍କର୍ମ ଘଟଣାର ପୁନରାବୃତ୍ତି। ଦୁଷ୍କର୍ମ ଓ ନାରୀ ନିର୍ଯାତନା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିବାରୁ ଓଡ଼ିଶା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦିତ ହେଉଛି। ଗୋପାଳପୁର ଘଟଣା ପରେ ଆମେରିକା ପକ୍ଷରୁ ଜାରି ଆଡଭାଇଜରିରେ ମହିଳା ସୁରକ୍ଷା ସ୍ଥିତି ଠିକ୍ ନଥିବା ଦର୍ଶାଇ ଓଡ଼ିଶା ସମେତ ୬ଟି ରାଜ୍ୟକୁ ତାଙ୍କ ଦେଶର ମହିଳାମାନଙ୍କୁ ଯିବାକୁ ବାରଣ କରାଯାଇଥିଲା। ସେହିପରି, ଏଫଏମ୍ କଲେଜରେ ଛାତ୍ରୀ ଆତ୍ମାହୁତି ଓ ବଳଙ୍ଗା ଛାତ୍ରୀ ପୋଡ଼ି ଘଟଣାରେ ସର୍ବୋଚ୍ଚ ନ୍ୟାୟାଳୟ ଲଜ୍ଜାଜନକ ବୋଲି ଦେଇଥିବା ମନ୍ତବ୍ୟ ପାଇଁ ଓଡ଼ିଶା ଜାତୀୟ ସ୍ତରରେ ନିନ୍ଦିତ ହୋଇଥିଲା; କିନ୍ତୁ ଏହାକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଏହି ଅବସରରେ ବୁଧବାର ଭଦ୍ରକ ଜିଲ୍ଲା ବିଜୁ ମହିଳା ଜନତା ଦଳ ପକ୍ଷରୁ ଧାରଣା ଦେବା ସହ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପ୍ରଥମେ ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁଙ୍କ ନେତୃତ୍ୱରେ ଶହୀଦ ଭବନଠାରେ ଧାରଣା ଦିଆଯିବା ସହ ରାଜ୍ୟରେ ବଢିଚାଲିଥିବା ମହିଳା ନିର୍ଯାତନାକୁ ନେଇ କଡ଼ା ନିନ୍ଦା କରାଯାଇଛି। ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପ୍ରାକ୍ତନ ସାଂସଦ ମଞ୍ଜୁଲତା ମଣ୍ଡଳ, ଭଦ୍ରକ ପୌରାଧ୍ୟକ୍ଷା ଗୁଲମକୀ ଦଲାୱାଜି ହବିବ, ଧାମନଗର ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଧାମନଗର ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, ତିହିଡି ବ୍ଲକ ଅଧ୍ୟକ୍ଷା ଅବନ୍ତି ଦାସ, ପ୍ରାକ୍ତନ ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ବିଦ୍ୟୁତଲତା ନାୟକ, ଦେବହୂତି ମହାପାତ୍ର ପ୍ରମୁଖ ଶତାଧିକ ମହିଳା ନେତ୍ରୀ ଏଥିରେ ଯୋଗ ଦେଇଥିଲେ। ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତଙ୍କ ଜରିଆରେ ଏହି ଡିଜିପିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।



### ଭଦ୍ରକ ଡିଆରସିଏସଙ୍କୁ ହାଇକୋର୍ଟଙ୍କ ଦୋହରା ଛାଟ

# ସରସଦା ସମବାୟସମିତି ପରିଚାଳନା ପରିଷଦ ନିଲମ୍ବନ ଉପରେ ରହିତାଦେଶ

**ଭଣ୍ଡାରିପୋଖରୀ,୧୭।୯(ସମିସ):** ଭଣ୍ଡାରିପୋଖରୀ ବ୍ଲକ ସରସଦା ପ୍ରାଥମିକ କୃଷି ସମବାୟ ସମିତି ନିର୍ବାଚିତ ପରିଚାଳନା ପରିଷଦକୁ ଭଦ୍ରକ ସମବାୟ ସମିତି ସମୂହ ଉପନିବନ୍ଧକ ଦୁଃଖିଆ ଟୁଡୁଙ୍କ ଦ୍ୱାରା ନିଲମ୍ବନ ଆଦେଶ ଉପରେ ହାଇକୋର୍ଟ ରହିତାଦେଶ ଜାରି କରିଥିବା ଜଣାଯାଇଛି। ଗତ ୮ ତାରିଖ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୦୯୦ ଯୋଗେ ନିଲମ୍ବନ ଆଦେଶ ଜାରି କରାଯାଇଥିଲା। ସମବାୟ ସମିତି ସମୂହ କାର୍ଯ୍ୟାଳୟର ବରିଷ୍ଠ ସହକାରୀ ନିବନ୍ଧକଙ୍କ ଗତ ଅଗଷ୍ଟ ୩୦ ତାରିଖର ପତ୍ର ସଂଖ୍ୟା ୧୭୩୩ ଓ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଭଣ୍ଡାରିପୋଖରୀ ଶାଖା ପରିଚାଳକଙ୍କ ଗତ ଜାନୁୟାରୀ ମାସ ୩ ତାରିଖ ପତ୍ର ସଂଖ୍ୟା ୭୨୦ ଆଧାରରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଆଦେଶରେ ସ୍ପଷ୍ଟ କରାଯାଇଥିଲା। ଏହି ନିଲମ୍ବନ ଆଦେଶ ତତ୍କାଳ କାର୍ଯ୍ୟକାରୀ କରାଯାଇଥିଲା। ଏଥିସହ ସମବାୟ ସମିତି ସମୂହ କାର୍ଯ୍ୟାଳୟ ସହକାରୀ ନିବନ୍ଧକ ସତ୍ୟପ୍ରକାଶ ସେଠୀଙ୍କୁ ସମିତିର ପରିଚାଳକ ଭାବେ ଦାୟିତ୍ୱ ଅର୍ପଣ କରାଯାଇଥିଲା। ପରିଚାଳନା ପରିଷଦ ପକ୍ଷରୁ ଦାୟର ଡବ୍ଲୁ.ପି.ସି. ୨୪୮୧୯/୨୦୨୫ନଂ ମାମଲା ଓ ୧୫୧୩୮/୨୦୨୫ନଂ ଅନ୍ତର୍ବର୍ତ୍ତୀ ମାମଲା ଅନୁଯାୟୀ ରହିତାଦେଶ ହୋଇଥିବା ଜଣାଯାଇଛି। ହେଲେ ଏହି ସମସ୍ତ ପଦକ୍ଷେପ ହାଇକୋର୍ଟଙ୍କ ରହିତାଦେଶ ବଳରେ ଅକାମୀ ହୋବା ସହ ନିର୍ବାଚିତ ପରିଚାଳନା ପରିଷଦ କାର୍ଯ୍ୟକ୍ଷମ ହୋଇଛି। ଏଥିପୂର୍ବରୁ ଭଦ୍ରକ ସମବାୟ ସମିତି ସହକାରୀ ନିବନ୍ଧକଙ୍କ ଦ୍ୱାରା ଗତ ଅଗଷ୍ଟ ମାସରେ ତତ୍‌କାଳୀନ ସମ୍ପାଦକ ଅଜୟ ବେହେରାଙ୍କୁ ବଦଳା ଯାଇଥିଲା। ବିରଞ୍ଚି ନାରାୟଣ ରାଉତଙ୍କୁ ନୂତନ ସମ୍ପାଦକ ଭାବେ କାର୍ଯ୍ୟ କରିବାକୁ ଏଥିରେ ଆଦେଶ ହୋଇଥିଲା। ଶ୍ରୀ ରାଉତ କାର୍ଯ୍ୟରେ ଯୋଗ ଦେଇଥିଲେ। ଭଦ୍ରକ ସହକାରୀ ସମବାୟ ନିବନ୍ଧକ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୬୨୨ଅନୁଯାୟୀ ପୂର୍ବ ଆଦେଶକୁ ଗତ ଅଗଷ୍ଟ ୫ ତାରିଖରେ ବାତିଲ କରିଦିଆଯାଇଥିଲା। ବଦଳ ପ୍ରତ୍ୟାହାର ଆଦେଶ ଉପରେ ସମିତିର ସଭାପତି ଅବିନାଶ ରାଉତଙ୍କ ମାମଲା ବଳରେ ହାଇକୋର୍ଟରୁ ରହିତାଦେଶ ମିଳିଥିଲା। ଏବେ ସମିତିର ପରିଚାଳନା ପରିଷଦକୁ ନିଲମ୍ବନ ଉପରେ ସଦ୍ୟ ରହିତାଦେଶ ହୋଇଛି। ପରିଚାଳନା ପରିଷଦ ପକ୍ଷରୁ ଗତ ୨୨ ତାରିଖରେ ଭାରପ୍ରାପ୍ତ ସମ୍ପାଦକ ଅଜୟ ବେହେରାଙ୍କୁ ନିଲମ୍ବନ କରାଯାଇଥିଲା। ନବନିଯୁକ୍ତ ସମ୍ପାଦକଙ୍କୁ ବରଖାସ୍ତ ସମ୍ପାଦକ ଦାୟିତ୍ୱ ହସ୍ତାନ୍ତର ଦାବି କରାଯାଇ ସମିତି ଫାଟକରେ ତାଲା ପକାଯାଇଥିଲା। ଏଯାବତ ତାଲା ଖୋଲାଯାଇ ନଥିବା ଜଣାଯାଇଛି।

# ଏସ୍‌ଏଚ୍‌ଜି ଗ୍ରୁପ କର୍ମକର୍ତ୍ତା ପରିବର୍ତ୍ତନକୁ ବିରୋଧ



### ବିଡିଓଙ୍କୁ ଦାବିପତ୍ର ପ୍ରଦାନ, ଆତ୍ମଦାହ ଧମକ

**ଧାମନଗର, ୧୭।୯(ସମିସ):** ଧାମନଗର ବ୍ଲକ ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ଜରିଆରେ ଗଠିତ ହୋଇଥିବା ଏସଏଚଜି ଗ୍ରୁପକୁ ନେଇ ଦିନକୁ ଦିନ ବିବାଦ ବଢ଼ିବାରେ ଲାଗିଛି। ଏସଏଚଜି ଗ୍ରୁପ ଏବଂ ଏମବିକେ, ସିଆରପି ବ୍ୟାଙ୍କ ମିତ୍ର ଆଦି କର୍ମଚାରୀ ଦରମା ପାଉନାହାନ୍ତି। ନବୀନ ସରକାରଙ୍କ ସମୟରେ ଗଠିତ ହୋଇଥିବା କମିଟିର କର୍ମକର୍ତ୍ତା ଏସଏଚଜି ସଭାନେତ୍ରୀ ଓ ସମ୍ପାଦିକା ପରିବର୍ତ୍ତନ ପାଇଁ ମୋହନ ସରକାରଙ୍କ ନିର୍ଦ୍ଦେଶକୁ ଘୋର ବିରୋଧ କରାଯାଇଛି। ଯାହାକୁ ନେଇ ମହିଳାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ପଞ୍ଚାୟତ ସ୍ତରରେ କାର୍ଯ୍ୟରତ ଥିବା ଏସଏଚଜି, ସିଏଲଏଫ, ଜିପିଏଲଏଫ ଓ ବିଏଲଏଫର କର୍ମକର୍ତ୍ତା ପରିବର୍ତ୍ତନ କରିବା ପାଇଁ ସରକାରୀସ୍ତରରେ ନିର୍ଦ୍ଦେଶନାମା ଜାରି ହୋଇଛି। ଏହି ଘଟଣାକୁ ନେଇ ଆଜି ସହ ସହ ସଂଖ୍ୟାର ମହିଳା ମାନେ ପରିବର୍ତ୍ତନ ତଥା ବେଆଇନ ଦର୍ଶାଇ ବିଡ଼ିଓଙ୍କୁ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ମୁତାବକ, ବ୍ଲକ ସ୍ତରରେ ଥିବା ମାତୃଶକ୍ତି ବିଏଲଏଫ ଜରିଆରେ ୩୧ଟି ପଞ୍ଚାୟତସ୍ତରୀୟ ମହାସଙ୍ଘର ସଭାପତି, ସମ୍ପାଦିକା ଓ ଇସି ମେମ୍ବର ଦୀର୍ଘ ୧୬ବର୍ଷ ହେବ ସ୍ୱେଚ୍ଛାକୃତ ଭାବେ କାର୍ଯ୍ୟ କରୁଛନ୍ତି। ପୂର୍ବ ସରକାର ସେମାନଙ୍କୁ କିଛିଟା ପ୍ରୋତ୍ସାହନ ରାଶି ପ୍ରଦାନ କରିଥିବା ବେଳେ ନୂତନ ସରକାର ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଆର୍ଥିକ ରାଶି ପ୍ରଦାନ କରିଥିବା ବେଳେ ଅନ୍ୟ ମହିଳାଙ୍କୁ ସବୁଥିରୁ ବଞ୍ଚିତ କରିଛି। ଏହାସତ୍ତ୍ୱେ ସରକାର ଏବେ କାର୍ଯ୍ୟ କରୁଥିବା ମହିଳାଙ୍କ ସ୍ଥାନରେ ନୂତନ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ୩୧ଗୋଟି ପଂଚାୟତ ମହାସଙ୍ଘର ସଭାନେତ୍ରୀ ଓ ସମ୍ପାଦିକା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ଓ ମିଶନ ଶକ୍ତି ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରି କର୍ମକର୍ତ୍ତା ପରିବର୍ତ୍ତନ ଓ ନୂତନ ନିଯୁକ୍ତିକୁ ବିରୋଧ କରିଛନ୍ତି। ତେବେ କର୍ମକର୍ତା ପରିବର୍ତ୍ତନ ନିର୍ଦ୍ଦେଶକୁ ବାତିଲ କରାଯାଉ ବୋଲି ଦାବି କରିଛନ୍ତି। ଯଦି ସରକାର ଆମ କଥା ନଶୁଣନ୍ତି ତାହାଲେ ବ୍ଲକ କାର୍ଯ୍ୟାଳୟ ଆଗରେ ଆତ୍ମାହୁତି ଦେବାକୁ କଳ୍ପନା ମଲ୍ଲିକ, ସୁନନ୍ଦା ସାହୁ, ସସ୍ମିତା ସାମଲ, ରିତାରାଣୀ ଜେନା, ଝରଣା ଦାସ ଓ ଅନ୍ୟ ମହିଳାମାନେ ଧମକ ଦେଇଛନ୍ତି।





ଭଦ୍ରକ ବସ୍ ସିଣ୍ଡିକେଟ୍ ପକ୍ଷରୁ ବନ୍ତ ଛକଠାରେ ବିଶ୍ୱକର୍ମା ପୂଜା



### କସିଆ ମତ୍ସ୍ୟଜୀବୀ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା

**ବାସୁଦେବପୁର, ୧୭।୯(ସମିସ):** ବାସୁଦେବପୁର ବ୍ଲକ ସାନକୃଷ୍ଣପୁର ପଞ୍ଚାୟତର କସିଆ ମୁହାଣରେ ଗଙ୍ଗାମାତା ମତ୍ସ୍ୟଜୀବୀ ସଂଘ ପକ୍ଷରୁ ଦେବ ଶିଳ୍ପୀ ବାବା ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। କସିଆ ମୁହାଣରେ ବିଶାଳ ତୋରଣ ସାଙ୍ଗକୁ ସୁସଜ୍ଜିତ ଆଲୋକମାଳା ପୂଜା ଝଟକୁଛି। କସିଆ ମୁହାଣ ଶହ ଶହ ମତ୍ସ୍ୟଜୀବୀମାନଙ୍କ ବୋଟ ମିଳିତ ଭାବେ ପୂଜା ଅର୍ଚ୍ଚନା କରିଥିଲେ। ହଜାର ହଜାର ଲୋକଙ୍କ ସମାଗମ ହୋଇଛି। ବିଭିନ୍ନ ଅସ୍ଥାୟୀ ଦୋକାନ ବଜାର ଗ୍ରାହକଙ୍କୁ ଆକୃଷ୍ଟ କରିଛି। ଆଖପାଖ ୫ଟି ପଞ୍ଚାୟତର ଲୋକଙ୍କ ସମାଗମ ସହ ଘର ସାମଗ୍ରୀର କିଣିବା ପାଇଁ ଭିଡ଼ ଜମାଇଛନ୍ତି। କସିଆ ଗଙ୍ଗାମାତା ମତ୍ସ୍ୟଜୀବୀ ସଂଘର ସଭାପତି ତପନ କୁମାର ରାୟ, ସମ୍ପାଦକ ଝଣ୍ଟୁ ମଣ୍ଡଳ, କୋଷାଧ୍ୟକ୍ଷ ଚିତରଞ୍ଜନ ମାଇତି, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବିଶ୍ୱାଳ ମେଳା ପରିଚାଳନା କରିଥିଲେ।

### ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା

# ନୂଆ ମେଡିକାଲରେ ଚିକିତ୍ସା, ପୁରୁଣାରେ ସିଟି ସ୍କାନ୍

**ଭଦ୍ରକ,୧୭।୯(ସମିସ):** ନୂଆ ମେଡିକାଲରେ ଚିକିତ୍ସା କିପରି ଚାଲିଛି ସେନେଇ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର ଦେଖିବାକୁ ମିଳୁଛି। ଚିକିତ୍ସା ନୂଆ ମେଡିକାଲରେ କରାଯାଉଥିବା ବେଳେ ପୁରୁଣା ମେଡିକାଲରେ ସିଟି ସ୍କାନ କରାଯାଉଛି। ମେଡିକାଲ ସ୍ଥାନାନ୍ତରଣକୁ ଦେଢ଼ ମାସ ବିତି ଯାଇଥିଲେ ମଧ୍ୟ ସ୍ଥାନାନ୍ତରଣ ହୋଇପାରୁନାହିଁ ସିଟି ସ୍କାନ ସେବା। ଦୈନନ୍ଦିନ ହନ୍ତସନ୍ତ ହେଉଛନ୍ତି ଶହ ଶହ ରୋଗୀ। ସ୍ୱାସ୍ଥ୍ୟସେବାର ଏପରି ବିକଳ ଚିତ୍ରକୁ ନେଇ ଅସନ୍ତୋଷ ମୁଣ୍ଡ ଟେକିବାରେ ଲାଗିଛି। ତୁରନ୍ତ ସିଟି ସ୍କାନ ସେବା ସ୍ଥାନାନ୍ତର କରିବାକୁ ଦାବି ଜୋର ଧରିଥିବା ବେଳେ ସ୍ଥାନାନ୍ତର ପ୍ରକ୍ରିୟା ଚାଲିଥିବା କହିଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ। ଭଦ୍ରକ ଗେଲପୁରଠାରେ ପୂର୍ବ ସରକାରଙ୍କ ଦ୍ୱାରା ନିର୍ମାଣ ହୋଇଥିଲା ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ। ଡେରିରେ ହେଲେ ମଧ୍ୟ ରଙ୍ଗ ବଦଳାଇ ଗତ ଅଗଷ୍ଟ ୪ରେ ପୁରୁଣା ମେଡିକାଲକୁ ନୂଆ ମେଡିକାଲ ସ୍ଥାନାନ୍ତରଣ କରାଯାଇଛି। ମେଡିକାଲ ସ୍ଥାନାନ୍ତରଣକୁ ଦେଢ଼ ମାସ ପୁରିବାକୁ ବସିଥିଲେ ମଧ୍ୟ ସିଟି ସ୍କାନ ସେବା ସ୍ଥାନାନ୍ତରଣ କରାଯାଇନାହିଁ। ଫଳରେ ସିଟି ସ୍କାନ ପାଇଁ ରୋଗୀଙ୍କୁ ନୂଆ ମେଡିକାଲରୁ ୫ କିଲୋମିଟର ଦୂରରେ ଥିବା ପୁରୁଣା ମେଡିକାଲକୁ ଆସିବାକୁ ପଡୁଛି। ନୂଆ ମେଡିକାଲରୁ ପୁରୁଣା ମେଡିକାଲକୁ ବସ ଚଳାଚଳର ସୁବିଧା ନଥିବାରୁ ଅଟୋରେ ଶହ ଶହ ଟଙ୍କା ଖର୍ଚ୍ଚ କରି ଯିବା ଆସିବା କରିବାକୁ ପଡୁଛି। ଯାହାକୁ ନେଇ ରୋଗୀ ଓ ସେମାନଙ୍କ ସଂପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ତୁରନ୍ତ ସିଟି ସ୍କାନ ସେବା ନୂଆ ମେଡିକାଲକୁ ସ୍ଥାନାନ୍ତର କରିବାକୁ ଦାବି ହୋଇଛି। ପୂର୍ବ ସରକାରଙ୍କ ସମୟରେ ମେଡିକାଲ ନିର୍ମାଣ ସଂପୂର୍ଣ୍ଣ ହୋଇଥିଲେ ମଧ୍ୟ ନୂତନ ସରକାର ଆସିବା ପରେ ମେଡିକାଲ ସ୍ଥାନାନ୍ତର ପାଇଁ ଅହେତୁକ ବିଳମ୍ବ କରିଥିଲେ। ବିଳମ୍ବ ସତ୍ତ୍ୱେ ମଧ୍ୟ ନୂତନ ମେଡିକାଲକୁ ସିଟି ସ୍କାନ ସେବା ସ୍ଥାନାନ୍ତର ନହେବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି। ସଂଗୃହୀତ ସୂଚନାନୁଯାୟୀ, ସ୍ପନ୍ଦନ ଡାଇଗ୍ନୋଷ୍ଟିକ ସେଣ୍ଟର ଚେୟାରମ୍ୟାନଙ୍କୁ ଗତ ୪.୮.୨୫ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସିଟି ସ୍କାନ ସ୍ଥାନାନ୍ତର ଲାଗି ୧୧ଲକ୍ଷ ୭୨ହଜାର ୧୨୪ଟଙ୍କା ପୈଠ କରିଛନ୍ତି। ଅନ୍ୟପଟେ ସିଟି ସ୍କାନ ସ୍ଥାନାନ୍ତର ପାଇଁ ପ୍ରକ୍ରିୟା ଚାଲିଛି କହି ଦିନ ଗଡୁଛି। କୌଣସି ନିର୍ଦ୍ଦିଷ୍ଟ ସମୟ ଦେଇ ନଥିଲେ ମଧ୍ୟ ଯଥାଶୀଘ୍ର ଏହା ସ୍ଥାନାନ୍ତର ହେବ ବୋଲି କହିଛନ୍ତି ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧୀରଂଜନ ନାୟକ। ସ୍ୱାସ୍ଥ୍ୟ ବିଭାଗର ଖାମଖିଆଲି ନୀତି ପାଇଁ ଉପଯୁକ୍ତ ସରକାରୀ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି ଲୋକେ। କେବଳ ରଙ୍ଗ ବଦଳାଇବାରେ ବ୍ୟସ୍ତ ସରକାର କେବେ ଏଥିପ୍ରତି ଧ୍ୟାନ ଦେଉଛି ଓ ଲୋକଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ମିଳୁଛି ତାହା ଦେଖିବା ବାକି ରହିଲା।




# ମାକ୍ରୋୱେବ୍ ସୋଲାର ଡିଭିଜନ୍ ଉଦ୍‌ଘାଟିତ

**ଭଦ୍ରକ, ୧୭।୯(ସମିସ):** ପବିତ୍ର ବିଶ୍ୱକର୍ମା ପୂଜା ଅବସରରେ ମାକ୍ରୋୱେବ ଟେକ୍ନୋଲୋଜି କ୍ୟାମ୍ପସରେ ମାକ୍ରୋୱେବ ସୋଲାର ନାମକ ଏକ ନୂଆ ଡିଭିଜନ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀଙ୍କ ଦ୍ୱାରା ଭଦ୍ରକ କଲେଜ ରୋଡଠାରେ ଉଦଘାଟିତ ହୋଇଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ପିଏମ ସୂର୍ଯ୍ୟଘର ମୁଫତ ବିଜୁଳି ଯୋଜନା ସମ୍ପର୍କରେ ସାଂସଦ ଶ୍ରୀ ସେଠୀ ଆଲୋକପାତ କରିଥିଲେ। ପ୍ରଚଳିତ ସ୍କିମରୁ ଫାଇଦା ନେବାପାଇଁ ଅନୁରୋଧ କରିଥିଲେ। ଜିଲ୍ଲାପାଳ ଦିଲୀପ ରାଉତରାଏ ଆୟୋଜିତ ଉତ୍ସବର ସଫଳ କାମନା କରିଥିଲେ ଏବଂ ସୂର୍ଯ୍ୟଶକ୍ତିର ବ୍ୟବହାର ପାଇଁ ଉପସ୍ଥିତ ସମସ୍ତ ଶ୍ରୋତାଙ୍କୁ ଅନୁରୋଧ କରିଥିଲେ। ଅନ୍ୟତମ ଅତିଥି ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଅନୁଷ୍ଠାନର ଭିତିଭୂମି ଏବଂ ସଫଳତା ଦେଖି ଏଭଳି ଅନୁଷ୍ଠାନ ଭଦ୍ରକ ଜିଲ୍ଲା ପାଇଁ ଗର୍ବ ଓ ଗୌରବ ବୋଲି କହିଥିଲେ। ଟିପିଏନଓଡିଏଲର ମୁଖ୍ୟଯନ୍ତ୍ରୀ ରାଜୀବ ନାୟକ ପିଏମ ସୂର୍ଯ୍ୟଘର ମୁଫତ ବିଜୁଳି ଯୋଜନା ସମ୍ପର୍କରେ ଉପସ୍ଥିତ ଅନୁଷ୍ଠାନର ଛାତ୍ରଛାତ୍ରୀ, ଭେଣ୍ଡର ଏବଂ ନିମନ୍ତ୍ରିତ ଅତିଥିମାନଙ୍କୁ ସଚେତନ କରାଇଥିଲେ। ଭଦ୍ରକ ଟିପିଏନଓଡିଏ ଅଧୀକ୍ଷଣଯନ୍ତ୍ରୀ ଉପେନ୍ଦ୍ରନାଥ ସାହୁ, ନିର୍ବାହୀଯନ୍ତ୍ରୀ ରଶ୍ମିରଂଜନ ବେହେରା ଉତ୍ସବରେ ସାମିଲ ହୋଇଥିଲେ। ମାକ୍ରୋୱେବ ସୋଲାର ଡିଭିଜନର ପ୍ରଯୋଜକ ମୁଖ୍ୟ ସତଦ୍ରୁ ସାହା ଏବଂ ଟେକ୍ନିକାଲ ମୁଖ୍ୟ ବିଧାନ ସାହା ସୂର୍ଯ୍ୟଶକ୍ତି କିପରି ଉତ୍ପାଦନ ହେଉଛି ଆବଶ୍ୟକ ଯନ୍ତ୍ରପାତି ବ୍ୟବହାର କରି ପ୍ରଦର୍ଶିତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ ଆଗ୍ରହୀ ଯୁବକ ଯୁବତୀ, ଇଛୁକ ବ୍ୟକ୍ତି, ଶୁଭେଚ୍ଛୁ, ଅନେକ ବ୍ୟବସାୟୀ ଯୋଗ ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶିକା ନମ୍ରତା ରାୟ ପ୍ରଚ୍ଛଦପଟରେ ରହି କାର୍ଯ୍ୟକ୍ରମକୁ ସୁରୁଖୁରୁରେ ପରିଚାଳନା କରିଥିଲେ। ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର ରାୟ ସ୍ୱାଗତଭାଷଣ ପ୍ରସଙ୍ଗରେ ମାକ୍ରୋୱେ ଟେକ୍ନୋଲୋଜିର ଭୂମିକା ସମ୍ବନ୍ଧରେ ଅବଗତ କରାଇଥିଲେ।



## କେରଳରେ ୧୯ ଜୀବନ ନେଲାଣି ମସ୍ତିଷ୍କ ଖିଆ ଆମିବା

ତିରୁଅନନ୍ତପୁରମ, ୧୭।୯ (ଏଜେନ୍ସି): କେରଳରେ ମସ୍ତିଷ୍କ ସଂକ୍ରମଣ ଜନିତ ରୋଗ ପ୍ରାଇମେରି ଆମିଓବିକ ମେନିଙ୍ଗୋଏନ୍‌ସେଫାଲାଇଟ୍ସ (ପିଏମଏ) ଆତଙ୍କ ସୃଷ୍ଟି କରିଛି। ଏହା ସାଧାରଣତଃ ନାଇଗ୍ଲେରିଆ ଫାଓଲେରି ତଥା ମସ୍ତିଷ୍କ ଖିଆ ଆମିବା ଭାବେ ପରିଚିତ। ରାଜ୍ୟରେ ଏହି ବିପଜ୍ଜନକ ରୋଗ ଦ୍ରୁତଗତିରେ ବ୍ୟାପିବାରେ ଲାଗିଛି। ଏହି ସଂକ୍ରମଣରେ ମୃତ୍ୟୁହାର ଅଧିକ ରହିଛି। ଚଳିତ ବର୍ଷ ଏ ପର୍ଯ୍ୟନ୍ତ କେରଳରୁ ଏଥିରେ ସଂକ୍ରମିତ ହୋଇଥିବା ୬୧ ରୋଗୀଙ୍କୁ ଚିହ୍ନଟ କରାଗଲାଣି। ଏମାନଙ୍କୁ ମଧ୍ୟରୁ ୧୯ ଜଣ ପ୍ରାଣ ହରାଇଲେଣି। ଗତ କିଛି ସପ୍ତାହ ମଧ୍ୟରେ ଏହି ରୋଗୀଙ୍କ ମୃତ୍ୟୁ ହୋଇଛି। ସ୍ୱାସ୍ଥ୍ୟ ମନ୍ତ୍ରୀ ବୀଣା ଜର୍ଜ କହିଛନ୍ତି ଯେ ଏହା ଜନସ୍ୱାସ୍ଥ୍ୟ ପ୍ରତି ଗମ୍ଭୀର ସମସ୍ୟା ସୃଷ୍ଟି କରିଛି। ପୂର୍ବରୁ କୋଝିକୋଡ ଏବଂ ମାଲାପୁରମରୁ ଏହି ସଂକ୍ରମଣ ମାମଲା ସାମ୍ନାକୁ ଆସିଥିଲା। ଏବେ ଏହା ସାରା ରାଜ୍ୟକୁ ବ୍ୟାପିଗଲାଣି। ଏହି ରୋଗରେ ତିନି ମାସର ଶିଶୁଠାରୁ ନେଇ ୯୧ ବର୍ଷୀୟ ବୃଦ୍ଧ ବି ସଂକ୍ରମିତ ହେଉଛନ୍ତି। ଚଳିତ ବର୍ଷ କୌଣସି ଜଳଉତ୍ସରୁ ଏହି ସଂକ୍ରମଣ ଆରମ୍ଭ ହୋଇଥିବା ଜଣାପଡ଼ି ନାହିଁ। ଏହା ଏକ ଅଲଗା ମାମଲା। ଏହା ମହାମାରୀ ବିଜ୍ଞାନ ସମ୍ବନ୍ଧିତ ଯାଞ୍ଚକୁ ଅଧିକ ଜଟିଳ କରିଦେଇଛି।

## ନାଗପୁରରେ କୋଠାର ବାଲ୍‌କୋନୀ ଦେଇ ଯାଇଛି ଫ୍ଲାଏଓଭର

ନୂଆଦିଲ୍ଲୀ, ୧୭।୯(ଏଜେନ୍ସି): ମହାରାଷ୍ଟ୍ରର ନାଗପୁରରେ ୯୯୮ କୋଟି ଟଙ୍କାରେ ନିର୍ମିତ ହୋଇଥିବା ଫ୍ଲାଏଓଭର ଏବେ ବିବାଦରେ ଫସିଛି। ଗ୍ରେଟ୍ ନାଗ୍ ରୋଡ ସ୍ଥିତ ଆଶୋକ ସର୍କଲ ନିକଟରେ ନିର୍ମିତ ଫ୍ଲାଏ ଓଭରର ବିମ୍ ଏକ ଘରର ବାଲକୋନୀ ଉପର ଦେଇ ଯାଇଛି। ଏହାର ଭିଡିଓ ସାମ୍ନାକୁ ଆସିବା ପରେ ନ୍ୟାସନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ (ଏନ୍‌ଏଚ୍‌ଏଆଇ) ଓ ନଗର ନିଗମର କାର୍ଯ୍ୟ ପ୍ରଣାଳୀକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଫ୍ଲାଏ ଓଭର ନାଗପୁରର ଇନ୍ଦୋରା ଓ ଦୋଧୋରୀ ଅଞ୍ଚଳକୁ ଯୋଡୁଛି। କିନ୍ତୁ ଫ୍ଲାଏ ଓଭର ଠିକ୍ ଭାବେ ନିର୍ମାଣ କରାଯାଇଛି ଓ ଏଥିରେ କୌଣସି ସମସ୍ୟା ନାହିଁ ବୋଲି ଏନ୍‌ଏଚ୍‌ଏଆଇ ତରଫରୁ କୁହାଯାଇଛି। ନିର୍ମାଣ ବେଳେ ଘର ଓ ଫ୍ଲାଏ ଓଭର ମଧ୍ୟରେ ଦେଢ଼ ମିଟରର ପାର୍ଥକ୍ୟ ଥିଲା। କିନ୍ତୁ ଏହି ବାଲକୋନୀକୁ ପରେ ତିଆରି କରାଯାଇଛି ବୋଲି ଏନ୍‌ଏଚ୍‌ଏଆଇ କହିଛି। ଅନ୍ୟପଟେ ପ୍ରୋଜେକ୍ଟ ରିପୋର୍ଟ ତିଆରି କଲା ବେଳେ ଆମଠାରୁ ପରାମର୍ଶ ନିଆଯାଇ ନଥିଲା ବୋଲି ନଗର ନିଗମ କହିଛି। ଏହି ଘର ଏପର୍ଯ୍ୟନ୍ତ ବେଆଇନ୍ ଭାବେ ନିର୍ମାଣ କରାଯାଇଛି ବୋଲି ଘୋଷଣା କରାଯାଇନାହିଁ। ତେଣୁ ଏହି ଘରକୁ ତୁରନ୍ତ ଭାଙ୍ଗିବା ମଧ୍ୟ ସମ୍ଭବ ନୁହଁ ନିଗମ କହିଛି। ଏହାକୁ ନେଇ ଚର୍ଚ୍ଚା ଚାଲିଛି।

## ଇଞ୍ଜେକସନ୍ ନେଇ ଆଫଗାନିସ୍ତାନରେ ସୁନ୍ଦରୀ ହେଉଛନ୍ତି ମହିଳା

କାବୁଲ, ୧୭।୯(ଏଜେନ୍ସି): ଆଫଗାନିସ୍ତାନରେ ତାଲିବାନର କଡ଼ା ଶାସନ ସତ୍ତ୍ୱେ ମହିଳାଙ୍କ ମଧ୍ୟରେ ସୁନ୍ଦରୀ ହେବାର ନିଶା ଜୋର ଧରୁଛି। ମହିଳାମାନଙ୍କ ମଧ୍ୟରେ କସ୍‌ମେଟିକ ସର୍ଜରୀର ସଂସ୍କୃତି ଲୋକପ୍ରିୟ ହେବାରେ ଲାଗିଛି। ଏଥିପାଇଁ ଏହି ଦେଶରେ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ଉପଲବ୍ଧ ହେଉଛି। ଏଗୁଡିକ ମଧ୍ୟରେ ବୋଟୋକ୍ସ (ଇଞ୍ଜେକ୍‌ସନ ମାଧ୍ୟମରେ ଚର୍ମର କୋଚାପଣ), ପେସ୍‌ଲିଫ୍ଟ (ଢ଼ିଲା ଚର୍ମକୁ ଟାଇଟ୍ କରିବା) ଓ ହେଆର ଟ୍ରାନ୍ସପ୍ଲାଣ୍ଟ ଭଳି ଗୁରୁତ୍ୱପୂର୍ଣ୍ଣ ସେବା ସାମିଲ ରହିଛି। ଅଧିକାଂଶ ପୁରୁଷ ଚନ୍ଦାପଣର ଉପଚାର କରୁଛନ୍ତି। ମହିଳାମାନେ ସାଧାରଣତଃ ବୁର୍ଖାରେ ରହୁଥିଲେ ମଧ୍ୟ ଫେସ୍‌ଲିଫ୍ଟ ଓ ଅନ୍ୟ ଅସ୍ତ୍ରୋପଚାର କରାଯାଉଛନ୍ତି। ରାଜଧାନୀ କାବୁଲରେ ପ୍ରତିବନ୍ଧ ସତ୍ତ୍ୱେ ପାଖାପାଖି ୨୦ଟି କସମେଟିକ ସର୍ଜରୀ କ୍ଲିନିକ ଚାଲୁ ରହିଛି। ଆଫଗାନିସ୍ତାନର ମହିଳାମାନଙ୍କ ମଧ୍ୟରେ ବୋଟାକ୍ସର ବର୍ଦ୍ଧିତ ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ସାମାଜିକ ଗଣମାଧ୍ୟମରେ 'ବୋଟାକ୍ସ ଅଣ୍ଡର ବୁର୍ଖା' ଟ୍ରେଣ୍ଡ କରୁଛି। ୨୦୨୩ରେ ତାଲିବାନ ବିୟୁଟି ପାର୍ଲରକୁ ପ୍ରତିବନ୍ଧ କରିଥିଲା। ମେଡିକାଲ ଚିକିତ୍ସା ଶୈଳୀରେ ଏହି ଅସ୍ତ୍ରୋପଚାର କରାଯାଉଛି। ତୁର୍କୀରୁ ଡାକ୍ତର କାବୁଲକୁ ଆସି ଏଥିପାଇଁ ଟ୍ରେନିଂ ଦେଉଛନ୍ତି।

## ଜର୍ଜିଆ ସୀମାରେ ୫୬ ଭାରତୀୟଙ୍କୁ ଅମାନବିକ ବ୍ୟବହାର

### ଖାଦ୍ୟ ନାହିଁ କି ଟଏଲେଟ୍ ବି ନାହିଁ

ନୂଆଦିଲ୍ଲୀ, ୧୭।୯(ଏଜେନ୍ସି): ୟୁରୋପୀୟ ଦେଶ ଜର୍ଜିଆରେ ୫୬ଜଣ ଭାରତୀୟ ପର୍ଯ୍ୟଟକଙ୍କୁ ଅମାନବୀୟ ବ୍ୟବହାର କରାଯାଉଛି। ଏ ନେଇ ଜଣେ ଭାରତୀୟ ମହିଳା ସାମାଜିକ ଗଣମାଧ୍ୟମ ଇନଷ୍ଟାଗ୍ରାମ୍‌ରେ ପୋଷ୍ଟ କରି ଅବଗତ କରାଯାଇଛି ଓ ଏହା ଭାଇରାଲ ହୋଇଛି। ପଡୋଶୀ ଆର୍ମେନିଆରୁ ଜର୍ଜିଆକୁ ଯିବା ବେଳେ ଜର୍ଜିଆ କର୍ତ୍ତୃପକ୍ଷ ଏହି ଭାରତୀୟ ନାଗରିକଙ୍କୁ ଅମାନବୀୟ ବ୍ୟବହାର କରୁଛନ୍ତି ବୋଲି ମହିଳା ପର୍ଯ୍ୟଟକ ଧ୍ରୁବି ପଟେଲ ତାଙ୍କ



ପୋଷ୍ଟରେ କହିଛନ୍ତି। ଭାରତୀୟଙ୍କ ପାଖରେ ଉପଯୁକ୍ତ ଇ- ଭିସା, କାଗଜପତ୍ର ଥିବା ସତ୍ତ୍ୱେ ସେମାନଙ୍କୁ ଅକଥନୀୟ ଅତ୍ୟାଚାର କରାଯାଉଛି। ଆର୍ମେନିଆରୁ ସଦଖଲୋ ସୀମା ଦେଇ ଭାରତୀୟମାନେ ଜର୍ଜିଆ ଯିବା ବେଳେ ଏହି ଘଟଣା ଘଟିଛି। ବରଫ ଭଳି ଭିଷଣ ଥଣ୍ଡାରେ ଖାଦ୍ୟ ଖାଇବା ଓ ଟଏଲେଟ ଯିବାର କୌଣସି ସୁଯୋଗ ଦିଆଯାଇନଥିଲା। ଏଭଳି ଅବସ୍ଥାରେ ୫ ଘଣ୍ଟାରୁ ଅଧିକ ସମୟ ଧରି ଅପେକ୍ଷା କରିବାକୁ ପଡ଼ିଥିଲା। ପଶୁଙ୍କ ଭଳି ଫୁଟପାଥରେ ବସିବାକୁ ବାଧ୍ୟ କରାଯାଇଥିଲା ଓ ଅପରାଧୀଙ୍କ ଭଳି ବ୍ୟବହାର କରାଯାଇଥିଲା। ଆମ କାଗଜପତ୍ରକୁ ଯାଞ୍ଚ୍ ନ କରି ଏହି ଭିସା ଭୁଲ ବୋଲି ଜର୍ଜିଆ କର୍ତ୍ତୃପକ୍ଷ କହିଥିଲେ। ଏ ଭଳି ବ୍ୟବହାର ଗ୍ରହଣ ଯୋଗ୍ୟ ନୁହଁ ଓ ଏହା ନିହାତି ଲଜ୍ଜାଜନକ ବୋଲି ଧ୍ରୁବି ପ୍ରଧାନମନ୍ତ୍ରୀ ମୋଦୀ ଓ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କୁ ଟ୍ୟାଗ କରି କହିଛନ୍ତି। ଏହା ବିରୋଧରେ ଭାରତ କଡ଼ା ପଦକ୍ଷେପ ନେବା ଉଚିତ ବୋଲି ସେ କହିଛନ୍ତି।

## ପାଳ ପୋଡୁଥିବା ଚାଷୀଙ୍କୁ ଗିରଫ କରୁନ କାହିଁକି



**ପ୍ରଦୂଷଣକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ**

**ଚାଷୀ ଅନ୍ନଦାତା; ପରିବେଶର ସୁରକ୍ଷା ବି ଜରୁରି**

**ଉତ୍ତର ପ୍ରଦେଶ, ପଞ୍ଜାବ, ରାଜସ୍ଥାନ ସରକାରଙ୍କୁ ଭର୍ତ୍ସନା**

ନୂଆଦିଲ୍ଲୀ, ୧୭।୯ (ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆରରେ ବାୟୁ ପ୍ରଦୂଷଣ ଏବଂ ପାଳ ଜଳାଇବା ସମ୍ବନ୍ଧିତ ମାମଲାକୁ ସୁପ୍ରିମକୋର୍ଟ ଗମ୍ଭୀରତାର ନେଇଛନ୍ତି। ବୁଧବାର ଏହି ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ପାଳ ଜଳାଉ ଥିବା ଚାଷୀଙ୍କୁ କାହିଁକି ଗିରଫ କରୁନାହିଁ ବୋଲି ପଞ୍ଜାବ, ହରିୟାଣା ଭଳି ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଚାଷୀ ଆମର ଅନ୍ନଦାତା, କିନ୍ତୁ ପରିବେଶର ସୁରକ୍ଷା କରିବା ମଧ୍ୟ ଜରୁରୀ ବୋଲି ପ୍ରଧାନ ବିଚାରପତି ବିଆର ଗଭାଇ ଏବଂ ଜଷ୍ଟିସ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ସୁପ୍ରିମକୋର୍ଟ ପଞ୍ଜାବ ସରକାରଙ୍କୁ ପ୍ରଶ୍ନବାଣ ମାରିଛନ୍ତି। ପାଳ ଜଳାଉଥିବା ଲୋକଙ୍କ ବିରୋଧରେ ପଞ୍ଜାବ ସରକାର କାହିଁକି କଡ଼ା କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି? ପାଳ ଜଳାଇ ସରକାରୀ ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରୁଥିବା ଚାଷୀଙ୍କୁ କାହିଁକି ଗିରଫ କରାଯାଉ ନାହିଁ? ଖାଲି ଜୋରିମାନା ଲଗାଇବା ଯଥେଷ୍ଟ ନୁହେଁ। ଏଥିପାଇଁ ଚାଷୀଙ୍କୁ ଦାୟୀ କରାଯିବା ମଧ୍ୟ ଆବଶ୍ୟକ। ଯଦି ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ନେବେନି ତେବେ କୋର୍ଟ ନିର୍ଦ୍ଦେଶ ଦେବେ। ପାଳ ଜଳାଇବା ବନ୍ଦ କରିବା ନିମନ୍ତେ କଠୋର କାର୍ଯ୍ୟାନୁଷ୍ଠାନ ଜରୁରି। ଏହାକୁ ନେଇ ପଞ୍ଜାବ ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ ପୂର୍ବରୁ ମଧ୍ୟ ଗିରଫ କରାଯାଇଥିଲା। ଏମାନଙ୍କ ମଧ୍ୟରେ ଅଧିକାଂଶ କ୍ଷୁଦ୍ର ଚାଷୀ ଅଛନ୍ତି। ଜେଲ୍ ପଠାଇଲେ ତାଙ୍କ ପରିବାର ଉପରେ ଖରାପ ପ୍ରଭାବ ପଡୁଛି। ଏହା ଉପରେ ଖଣ୍ଡପୀଠ କହିଥିଲେ ଯେ କିଛି ଲୋକଙ୍କୁ ଜେଲ୍ ପଠାଇଲେ ପାଳ ଜଳାଇବା ବନ୍ଦ ହୋଇପାରେ। ଏହି ବାର୍ତ୍ତା ଅନ୍ୟମାନଙ୍କୁ ଦେବାର ଆବଶ୍ୟକତା ରହିଛି।

ଏହା ସହିତ ପ୍ରଦୂଷଣର ମୁକାବିଲା ପାଇଁ ଦେଶର ପ୍ରଦୂଷଣ ନିୟନ୍ତ୍ରଣ ଏଜେନ୍ସି ଏବଂ ଶୀତ ଦିନ ପୂର୍ବରୁ ତିନି ସପ୍ତାହ ମଧ୍ୟରେ ଉପାୟଗୁଡିକର ସୂଚନା ଦେବା ପାଇଁ ରାଜ୍ୟ ସରକାରଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କମିଶନ ଫର ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ (ସିଏକ୍ୟୁଏମ), ସେଣ୍ଟ୍ରାଲ ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡ (ସିପିସିବି) ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ସୁପ୍ରିମକୋର୍ଟ କହିଛନ୍ତି ଯେ ପ୍ରତ୍ୟେକ ବର୍ଷ ଶୀତଦିନେ ପ୍ରଦୂଷଣ ବିପଜ୍ଜନକ ସ୍ତରରେ ପହଞ୍ଚି ଯାଉଛି। ତେଣୁ ସମୟ ପୂର୍ବରୁ ପଦକ୍ଷେପ ନେବା ଜରୁରି। ସିଜେଆଇ କହିଥିଲେ ଯେ ଚାଷୀ ଦେଶର ପାଇଁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ବିନା କଟକଣାରେ ପାଳ ଜଳାଇବାକୁ ଚାଷୀଙ୍କୁ ଅନୁମତି ଦିଆଯାଇପାରିବ ନାହିଁ।

ସୁପ୍ରିମକୋର୍ଟ କହିଛନ୍ତି ଯେ ପାଳ ଜଳାଉଥିବା ଚାଷୀଙ୍କୁ ଏମଏସ୍‌ପିରୁ ବାଦ୍ ଦିଆଯିବା ଉଚିତ। କାରଣ ଚାଷୀ ନିୟମ ଭାଙ୍ଗି ପାଳ ଜଳାଉଛି। ତେଣୁ ଚାଷୀଙ୍କୁ ଆର୍ଥିକ ଦଣ୍ଡ ଦେବା ଉଚିତ। କେବଳ ଜୋରିମାନେ କିମ୍ବା ଚେତାବନୀ ଯଥେଷ୍ଟ ନୁହେଁ। ପାଳ ପରିଚାଳନା ପାଇଁ ଚାଷୀଙ୍କୁ ଉପକରଣ ଦେବାକୁ ରାଜ୍ୟ ସରକାରମାନେ ସୁନିଶ୍ଚିତ କରାନ୍ତୁ। ସେହିପରି ଅନ୍ୟ ଉତ୍ତମ ବିକଳ୍ପ ଦେଲେ ଚାଷୀ ପାଳ ଜଳାଇବାରୁ ବିରତ ରହିବେ। ଏହା ସହିତ ଚାଷୀଙ୍କୁ କେବଳ ଖଳନାୟକ ଭଳି ଉପସ୍ଥାପନ କରିବା ଭୁଲ୍ ବୋଲି ଖଣ୍ଡପୀଠ କହିଛନ୍ତି। ତାଙ୍କ ପକ୍ଷ ମଧ୍ୟ ଶୁଣିବା ଉଚିତ। ସୁପ୍ରିମକୋର୍ଟ ଉତ୍ତର ପ୍ରଦେଶ, ପଞ୍ଜାବ, ରାଜସ୍ଥାନ ଭଳି ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ଏହି ରାଜ୍ୟଗୁଡିକର ପ୍ରଦୂଷଣ ବୋର୍ଡରେ ଖାଲି ପଡ଼ିଥିବା ପଦବୀକୁ ତିନି ମାସ ମଧ୍ୟରେ ପୂରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସିଏକ୍ୟୁଏମ ଏବଂ ସିପିସିବିଙ୍କୁ ମଧ୍ୟ ସମାନ ନିର୍ଦ୍ଦେଶ ଦେଇଛନ୍ତି। ପଦୋନ୍ନତି ସମ୍ବନ୍ଧିତ ମାମଲାର ଫଇସଲା ଲାଗି ୬ ମାସ ସମୟ ଦେଇଛନ୍ତି।

## ଜନ୍ମଦିନରେ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛାର ସୁଅ

ନୂଆଦିଲ୍ଲୀ, ୧୭।୯(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ତାଙ୍କ ୭୫ତମ ଜନ୍ମଦିବସ ପାଳନ କରିଛନ୍ତି। ତାଙ୍କୁ ସବୁଆଡୁ ଅଭିନନ୍ଦନର ସୁଅ ଛୁଟିଛି। ବରିଷ୍ଠ କଂଗ୍ରେସ ନେତା ତଥା ରାୟବରେଲି ସାଂସଦ ରାହୁଲ ଗାନ୍ଧୀ ସାମାଜିକ ଗଣମାଧ୍ୟମ ଏକ୍ସ ଜରିଆରେ ମୋଦୀଙ୍କୁ ଜନ୍ମଦିନର ଅଭିନନ୍ଦନ ଜଣାଇ ତାଙ୍କ ଉତ୍ତମ ସ୍ୱାସ୍ଥ୍ୟର କାମନା କରିଛନ୍ତି। ବିଜେପି ମଧ୍ୟ ଏହି ଅବସରରେ ମୋଦୀଙ୍କ କାହାଣୀକୁ ନେଇ ଏକ ଶର୍ଟ ଭିଡ଼ିଓ ସେୟାର କରିଛି।



ଏହାକୁ 'ମୋଦୀ ଷ୍ଟୋରୀ'ର ନାମ ଦିଆଯାଇଛି। ଭିଡିଓରେ ଚା ଗ୍ଲାସ ଓ ମୋଦୀ ଷ୍ଟୋରୀ ବୋଲି ଉଲ୍ଲେଖ କରାଯାଇଛି। ରାଜନାଥ ସିଂ, ଜେପି ନଡ୍ଡା ଓ ଅମିତ ଶାହାଙ୍କ ସମେତ ବିଜେପିର କେତେକ ବରିଷ୍ଠ ମନ୍ତ୍ରୀ ଓ ନେତା ପ୍ରଧାନମନ୍ତ୍ରୀଙ୍କ ସହିତ ଜଡିତ ବିଭିନ୍ନ କଥା ଶୁଣାଇଛନ୍ତି। ଦୁଇ ସପ୍ତାହ ହେବ ବିଜେପି ଦେଶ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରୁଛି। ଏହି ଅବସରରେ ଦେଶରେ କେତୋଟି ରାଜ୍ୟରେ 'ନମୋ ଯୁବା ରନ୍' ଓ ରକ୍ତଦାନ ଶିବିର ଆୟୋଜନ କରାଯାଉଛି। ସେହିପରି ବିହାର ବିଜେପି ରାଜ୍ୟରେ ୫୦ ହଜାର ସ୍ଥାନରେ ମୋଦୀଙ୍କ ଉପରେ ଶର୍ଟ ଫିଲ୍ମ ଦେଖାଇବ।

ବିଶ୍ୱ ଚାମ୍ପିଅନ ଆର୍ଜେଣ୍ଟିନାର ସୁପରଷ୍ଟାର ଲିଓନେଲ ମେସି ମଧ୍ୟ ଜନ୍ମଦିନ ପାଇଁ ମୋଦିଙ୍କୁ ସ୍ୱତନ୍ତ୍ର ଉପହାର ପ୍ରଦାନ କରିଛନ୍ତି। ଆର୍ଜେଣ୍ଟିନା ଦଳର ଜର୍ସି ଉପରେ ସ୍ୱାକ୍ଷର କରି ତାହାକୁ ମୋଦୀଙ୍କ ନିକଟକୁ ପଠାଇଛନ୍ତି। ୨୦୨୨ ଫିଫା ବିଶ୍ୱକପ୍‌ରେ ମେସି ଓ ଆର୍ଜେଣ୍ଟିନା ଖେଳାଳି ଏହି ଜର୍ସି ପରିଧାନ କରିଥିଲେ। ମେସି ଭାରତ ଆସିବେ ଓ ମୋଦୀଙ୍କୁ ଆଗାମୀ ଡିସେମ୍ବରରେ ଭେଟିବାର ସମ୍ଭାବନା ରହିଛି। କଂଗ୍ରେସ ନେତା ଶଶି ଥରୁର, ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କର, କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ନିବ ନିର୍ବାଚିତ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ, ଅଜୟ ଦେବଗନ, ଅଭିନେତା ଧର୍ମେନ୍ଦ୍ର, ରଜନୀକାନ୍ତ, ଆଲିଆ ଭଟ୍ଟ, ଆମୀର ଖାନ୍, ଶାହାରୁଖ ଖାନ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପିଷ୍କର ସିଂ ଧାମୀ, ମରିସସ୍ ପ୍ରଧାନମନ୍ତ୍ରୀ ନବୀନଚନ୍ଦ୍ର ରାମଗୁଲାମ, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ, ବିଜେପୀ ନେତ୍ରୀ ସ୍ମୃତୀ ଇରାନୀ, ରୁଷ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ, ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା, ମିଆଁମାର ରାଷ୍ଟ୍ରପତି ମିନ ଅଙ୍ଗ୍ ହଲାଇଙ୍ଗ, ଜଗତଗୁରୁ ରାମଭଦ୍ରାଚାର୍ଯ୍ୟ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଧନୀ ବ୍ୟକ୍ତ ବିଲ୍ ଗେଟ୍ସ ଓ ବିଭନ୍ନ ଦେଶର ରାଷ୍ଟ୍ରମୁଖ୍ୟମାନେ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି।

### ସୂର୍ଯ୍ୟ କୁମାର ଯାଦବଙ୍କୁ ଆପ୍ ନେତାଙ୍କ ଚାଲେଞ୍ଜ

## ଟ୍ରଫି ନୁହେଁ, ପହଲଗାମ ସହିଦଙ୍କ ପତ୍ନୀମାନଙ୍କୁ ମ୍ୟାଚ୍ ଟଙ୍କା ଦିଅ

ନୂଆଦିଲ୍ଲୀ, ୧୭।୯(ଏଜେନ୍ସି): ଚଳିତ ଏସିଆକପ୍‌ରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ହାଇଭୋଲ୍ଟେଜ ମ୍ୟାଚ୍‌କୁ ନେଇ ଏବେ ବିବାଦ ବଢ଼ିବା ସହ ଜୋରସୋରରେ ରାଜନୀତି ଆରମ୍ଭ ହୋଇଛି। ଏବେ ଆମ୍ ଆଦମୀ ପାର୍ଟି (ଆପ୍) ନେତା ତଥା ପୂର୍ବତନ ମନ୍ତ୍ରୀ ସୌରଭ ଭରଦ୍ୱାଜ ଏହି ବିବାଦରେ ମୁଣ୍ଡ ପୁରାଇବା ସହ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ କଟାକ୍ଷ କରିବା ସହ ନୂଆ ଆହ୍ୱାନ ଦେଇଛନ୍ତି। ଏହି କ୍ରମରେ ସେ ସୂର୍ଯ୍ୟ, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)କୁ ସମାଲୋଚନା କରିଛନ୍ତି।

ପାକିସ୍ତାନକୁ ପରାସ୍ତ କରିବା ପରେ ସୂର୍ଯ୍ୟ ଭାରତର ଏହି ବିଜୟକୁ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କୁ ଉତ୍ସର୍ଗ କରିଥିଲେ। କିନ୍ତୁ ସୌରଭ ଏହାକୁ ନାଟକ ବୋଲି କହିଛନ୍ତି। 'ସୂର୍ଯ୍ୟ ଯଦି ତୁମର, ବିସିସିଆଇ ଓ ଆଇସିସିର ଔତ ଅଛି, ତେବେ ପ୍ରସାରଣ ଅଧିକାର ଓ ବିଜ୍ଞାପନରୁ ଉପାର୍ଜନ କରିଥିବା ଅର୍ଥକୁ ସହିଦଙ୍କ ୨୬ ଜଣ ବିଧବା ମହିଳାଙ୍କୁ ଦେଇଦିଅ, ତାହେଲ ଯାଇ ମାନିବୁ ତମେ ପ୍ରକୃତରେ ଏହି ବିଜୟ ସେମାନଙ୍କୁ ଉତ୍ସର୍ଗ କରିଛ' ବୋଲି ସୌରଭ ଏକ ସମ୍ବାଦିକ ସମ୍ମଳନୀରେ କହିଛନ୍ତି। ଯଦି ସତରେ ସହିଦଙ୍କ ପ୍ରତି ଖେଳାଳିମାନଙ୍କର ସମର୍ପଣ ଭାବ ରହିଛି, ତେବେ କେବଳ କଥା କହିଲେ ହେବ ନାହିଁ। ବରଂ ଏହି ମ୍ୟାଚ୍‌ରୁ ମିଳିଥିବା ଅର୍ଥକୁ ସହିଦଙ୍କ ପତ୍ନୀଙ୍କୁ ଦେବାକୁ ସେ ଆହ୍ୱାନ ଦେଇଛନ୍ତି। କିନ୍ତୁ ଏଥିପାଇଁ ସୌରଭଙ୍କୁ ମଧ୍ୟ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଛି। ସୌରଭ ଖେଳାଳିଙ୍କ ପ୍ରତି 'ଔକାତ' ଭଳି ଶବ୍ଦ ବ୍ୟବହାର କରିବା ଠିକ୍ ନୁହଁ ବୋଲି ସାମାଜିକ ଗଣମାଧ୍ୟମରେ ୟୁଜରମାନେ କହିଛନ୍ତି। ଏହାରେ



ସୌରଭ ଏକ୍ସରେ ପୋଷ୍ଟ କରି ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। 'ମୁଁ ଯାହା କହିଛି ତାହାକୁ ବଜାୟ ରଖୁଛି, ଖେଳାଳି ଭାବେ ଖେଳ ଓ ଅର୍ଥ ଉପାର୍ଜନ କରି। କିନ୍ତୁ ଆତଙ୍କବାଦୀ ଦେଶ ସହିତ ଖେଳିବା ପରେ ସହିଦଙ୍କ ନାମରେ ରାଜନୀତ କରନାହିଁ। ବିଜେପି ସରକାରଙ୍କ ସ୍କ୍ରିପ୍ଟ ଶୁଣାଅନାହିଁ।' ବୋଲି ସେ ଉଲ୍ଲେଖ କରି ସଫେଇ ଦେଇଛନ୍ତି। ଅବଶ୍ୟ ଏ ନେଇ ସୂର୍ଯ୍ୟ କୁମାର କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି।

## କର୍ଣ୍ଣାଟକ ଏସ୍‌ବିଆଇରୁ ୨୧ କୋଟି ଟଙ୍କାର ଲୁଟ୍

**୨୦ କେଜି ସୁନା ନେଇ ଫେରାର୍**

**ସେନା ପୋଷାକ ପିନ୍ଧି ଆସିଥିଲେ ଲୁଟେରା**

ବେଙ୍ଗାଲୁରୁ, ୧୭।୯(ଏଜେନ୍ସି): କର୍ଣ୍ଣାଟକର ବିଜୟପୁରାସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ଶାଖାରେ ପାଖାପାଖି ୨୧ କୋଟି ଟଙ୍କାର ଡକାୟତି ହୋଇଛି। ଏଥିରେ ଏକ କୋଟି ୪ ଲକ୍ଷ ନଗଦ ଟଙ୍କା ଓ ୨୦ କୋଟି ଟଙ୍କା ମୂଲ୍ୟର ସୁନା ରହିଛି। ମଙ୍ଗଳବାର ସନ୍ଧ୍ୟା ୫ଟାରେ ଅସ୍ତ୍ରଧାରୀ କେତେକ ଲୁଟେରା ବ୍ୟାଙ୍କରେ ଲୁଟ୍ କରି ଫେରାର ହୋଇଯାଇଥିଲେ। ସୂଚନା ମିଳିବା ମାତ୍ରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଲୁଟେରାମାନେ ମହାରାଷ୍ଟ୍ର ଆଡକୁ ଯାଇଥିବା ପୁଲିସ ଅନୁମାନ କରୁଛି। ଲୁଟେରାମାନେ ସେନା ପୋଷାକ ଓ ମାସ୍କ ପିନ୍ଧିଥିଲେ। ୩ ଜଣ ବ୍ୟାଙ୍କ ଭିତରେ ପଶିଥିବା ବେଳେ ଦୁଇ ଜଣ ବାହାରେ ଥିଲେ। ସେମାନେ ବ୍ୟାଙ୍କ ମ୍ୟାନେଜର, କ୍ୟାସିୟର ଓ ଅନ୍ୟ କର୍ମଚାରୀଙ୍କୁ ଅଟକ ରଖିବା ସହ ସେମାନଙ୍କ ହାତଗୋଡ଼ ବାନ୍ଧି ଦେଇଥିଲେ। ଏହାପରେ ଲୁଟେରାମାନେ ନଗଦ ଟଙ୍କା ଓ ସୁନା ନେଇ ପଳାଇଥିଲେ। ସେମାନେ ଗୁଳି ମଧ୍ୟ ଚଳାଇଥିଲେ। ମଙ୍ଗଳବାର ବ୍ୟାଙ୍କ ଗ୍ରାହକଙ୍କ ପାଇଁ ବନ୍ଦ ଥିଲା ସୁରକ୍ଷାକର୍ମୀ ମଧ୍ୟ ଛୁଟିରେ ଥିଲେ ବୋଲି କୁହାଯାଇଛି। ଗତ ୪ ମାସ ମଧ୍ୟରେ ଏହି ଜିଲ୍ଲାରେ ଦ୍ୱିତୀୟଥର ପାଇଁ ଏଭଳି ବ୍ୟାଙ୍କ ଡକାୟତି ହୋଇଛି। ଏହାପୂର୍ବରୁ ମେ ୨୫ରେ ବିଜାପୁରା ଜିଲ୍ଲାର ମାଣଗୁଳି ଗାଁର କାନାରା ବ୍ୟାଙ୍କ ଶାଖାରେ ୫୩ କୋଟି ଟଙ୍କାର ସୁନା ଓ ୫ କୋଟି ୨୦ ଲକ୍ଷ ନଗଦ ଟଙ୍କା ଡାକାୟତି ହୋଇଥିଲା। ଏହି ଘଟଣାରେ ୧୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏହି ଘଟଣାର ମାଷ୍ଟରମାଇଣ୍ଡ ଥିଲେ ପୂର୍ବତନ ମ୍ୟାନେଜର ବିଜୟକୁମାର ମିରିୟାଲା। ପୁଲିସ ଏହି ମାମଲାରେ ୪୦ କୋଟି ଟଙ୍କାର ଜିନିଷ ଜବତ କରିଥିଲା। ଏଥିରେ ୩୯ କେଜି ତରଳ ସୁନା ଓ ୧.୧୬ କୋଟି ଟଙ୍କାର ନଗଦ ଟଙ୍କା ବି ଥିଲା।

## ଶିକ୍ଷକ ନିଯୁକ୍ତି ପାଇଁ ରାତିରେ ୬୫ କିମି ପଦଯାତ୍ରା କଲେ ଛାତ୍ରୀ

ଇଟାନଗର, ୧୭।୯ (ଏଜେନ୍ସି): ଦେଶରେ ସରକାରୀ ଶିକ୍ଷାର ମାନ ଦିନକୁ ଦିନ ତଳସ୍ତରକୁ ଖସିବାରେ ଲାଗିଛି। କେଉଁଠି ଶିକ୍ଷକ ନାହାନ୍ତି ତ ଆଉ କେଉଁଠି ପିଲା ବସିବାକୁ ଗୃହ ନାହିଁ। ଆଉ କେଉଁଠି ଦୁର୍ନୀତିରେ ଗଢ଼ା ସ୍କୁଲ୍ କୋଠା ଭୁଶୁଡ଼ି ଛାତ୍ରଛାତ୍ରୀଙ୍କ ଅକାଳ ମୃତ୍ୟୁ ହେଉଛି। ଅରୁଣାଚଳ ପ୍ରଦେଶ ପାକେ କେସାଙ୍ଗ ଜିଲ୍ଲାର କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରୁ ଏଭଳି ଏକ କରୁଣ ଚିତ୍ର ସାମ୍ନାକୁ ଆସିଛି। ଏହା ଦେଶରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଶିକ୍ଷକ ଅଭାବରୁ ପାଠପଢ଼ା ଠିକ୍‌ରେ ହୋଇ ପାରୁ ନ ଥିଲା। ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ଅଧିକାରୀ ଶୁଣୁ ନ ଥିଲେ। ଶେଷରେ ପ୍ରାୟ ୯୦ ଛାତ୍ରୀ ନିଜ ସ୍କୁଲରେ ଶିକ୍ଷକ ନିଯୁକ୍ତି ପାଇଁ ରାତିରେ ୬୫ କିମି ଚାଲି ଚାଲି ଜିଲ୍ଲା ମୁଖ୍ୟାଳୟରେ ପହଞ୍ଚିଛନ୍ତି। ଏମାନେ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀର ଛାତ୍ରୀ। ସେମାନେ ନ୍ୟାନଗାଁଓ ଗ୍ରାମରୁ ରବିବାର ଯାତ୍ରା ଆରମ୍ଭ କରିଥିଲେ। ସାରା ରାତି ଚାଲି ସୋମବାର ସକାଳେ ଲେମିରେ ପହଞ୍ଚି ଥିଲେ। ଭୂଗୋଳ ଏବଂ ରାଜନୀତି ବିଜ୍ଞାନର ଶିକ୍ଷକଙ୍କୁ ତୁରନ୍ତ ନିଯୁକ୍ତି ଦାବି କରିଥିଲେ।




ଛାତ୍ରୀ କହିଥିଲେ ଯେ ସେମାନେ ଅନେକ ଥର ସ୍କୁଲ୍ ଏବଂ ଶିକ୍ଷା ବିଭାଗରେ ଶିକ୍ଷକ ନିଯୁକ୍ତି ନେଇ ଅଭିଯୋଗ କରିଥିଲେ। କିନ୍ତୁ କେହି ତାଙ୍କ କଥା ଶୁଣି ନ ଥିଲେ। ସେଥିପାଇଁ ସେମାନେ ବାଧ୍ୟ ହୋଇ ଏଭଳି ପଦକ୍ଷେପ ନେଇଥିଲେ। ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ଖୁବ ଭାଇରାଲ ହେବାରେ ଲାଗିଛି। ଏହି ପଦଯାତ୍ରାରେ ଛାତ୍ରୀ ଅନେକ ପୋଷ୍ଟର ପ୍ରଦର୍ଶନ କରିଥିଲେ ଏବଂ ସ୍ଲୋଗାନ ଦେଇଥିଲେ। 'ଶିକ୍ଷକଙ୍କ ବିନା ସ୍କୁଲ୍ କେବଳ ଏକ କୋଠା' ବୋଲି ଏଥିରେ ଲେଖା ଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱୀକାର କରିଛନ୍ତି ଯେ ଭୂଗୋଳ ଏବଂ ରାଜନୀତି ବିଜ୍ଞାନର ଶିକ୍ଷକ ନାହାନ୍ତି। ଅନ୍ୟ ବିଷୟରେ ଶିକ୍ଷକ ଅଛନ୍ତି। ୨୦୧୧-୧୨ରେ ଏହି ବିଦ୍ୟାଳୟର ନିର୍ମାଣ ହୋଇଥିଲା। ଗରିବ ବାଳିକାଙ୍କ ଶିକ୍ଷା ପାଇଁ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟରେ ଏବେ ୯୦ରୁ ଅଧିକ ଛାତ୍ରୀ ପଢୁଛନ୍ତି। ଛାତ୍ରୀଙ୍କ ଏହି ପଦଯାତ୍ରା ପରେ ଶିକ୍ଷା ବିଭାଗ ତୁରନ୍ତୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଶିକ୍ଷକ ନିଯୁକ୍ତିକୁ ମଞ୍ଜୁରି ଦେଇଥିଲା। ସ୍କୁଲ୍ ଶିକ୍ଷାର ଉପନିର୍ଦ୍ଦେଶକ ଦୀପକ ତୟାଙ୍ଗେ କହିଥିଲେ ଯେ ନ ଜଣାଇ ଛାତ୍ରୀ ପଦଯାତ୍ରା କରିଥିଲେ। ଏ ବିଷୟରେ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଜଣାଇ ନ ଥିଲେ। କିନ୍ତୁ ଏବେ ନିଯୁକ୍ତି ପ୍ରକ୍ରିୟା ଚାଲିଛି। ମାତ୍ର ଏହି ଘଟଣା ଅଧିକାରୀଙ୍କୁ ହରଡ଼ଘଣାରେ ପକାଇ ଥିଲା। ଶେଷରେ ଛାତ୍ରୀଙ୍କ ଏହି ପରିଶ୍ରମ ସଫଳ ହୋଇଥିଲା।

## ଛୋଟା ରାଜନର ଜାମିନ ରଦ୍ଦ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୭।୯(ଏଜେନ୍ସି): ଜଣାଶୁଣା ଗ୍ୟାଙ୍ଗଷ୍ଟର ଛୋଟା ରାଜନ (ରାଜେନ୍ଦ୍ର ସଦାଶିବ ନିକାଲଜୀ)କୁ ବଡ଼ ଝଟ୍‌କା ଲାଗିଛି। ସୁପ୍ରିମକୋର୍ଟ ରାଜନର ଜାମିନକୁ ବୁଧବାର ରଦ୍ଦ କରିଛନ୍ତି। ଜଷ୍ଟିସ ବିକ୍ରମ ନାଥ ଓ ସନ୍ଦୀପ ମେହେଟାଙ୍କୁ ନେଇ ଗଠିତ ଖଣ୍ଡପୀଠ ୨୦୦୧ରେ ହୋଇଥିବା ଜୟ ସେଟ୍ଟୀ ନାମକ ଜଣେ ହୋଟେଲ ବ୍ୟବସାୟୀଙ୍କ ହତ୍ୟା ମାମଲାରେ ରାଜନର ଜାମିନକୁ ରଦ୍ଦ କରିଛନ୍ତି। ସୁପ୍ରିମକୋର୍ଟ ମଧ୍ୟ ତା'ର ଦଣ୍ଡ ଉପରେ ଲାଗିଥିବା ରୋକକୁ ହଟାଇ ଦେଇଛନ୍ତି। ଏହି ହତ୍ୟାକାଣ୍ଡ ମାମଲାରେ ଗତବର୍ଷ ମୁମ୍ବାଇର ଏକ ସ୍ୱତନ୍ତ୍ର କୋର୍ଟ ରାଜନକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶରେ ଦଣ୍ଡିତ କରିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ରାଜନ ବମ୍ବେ ହାଇକୋର୍ଟରେ ଆବେଦନ କରିଥିଲା। ୨୦୨୪ ଅକ୍ଟୋବର ୨୩ରେ ହାଇକୋର୍ଟ ତାର ଦଣ୍ଡାଦେଶକୁ ନୀଲମ୍ବିତ କରିବା ସହ ଜାମିନ ପ୍ରଦାନ କରିଥିଲେ। କିନ୍ତୁ ସିବିଆଇ ଏହା ବିରୋଧରେ ସୁପ୍ରିମକୋର୍ଟରେ ଅପିଲ କରିଥିଲା। ଏହାର ଶୁଣାଣି କରି ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି। ଶୁଣାଣି ବେଳେ ରାଜନର ଓକିଲ ଓ ଖଣ୍ଡପୀଠଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଯଦି ୪ଟି ମାମଲାରେ ରାଜନକୁ ଦଣ୍ଡିତ କରାଯାଇଛି, ତେବେ ଏହି ମାମଲାରେ କାହିଁକି ଦଣ୍ଡକୁ ରୋକାଯିବ ବୋଲି ସୁପ୍ରିମକୋର୍ଟ କହିଥିଲେ। ୭୧ଟି ମାମଲାରେ ୪୭ଟିରେ ସିବିଆଇକୁ କୌଣସି ପ୍ରମାଣ ମିଳିନାହିଁ ବୋଲି ରାଜନଙ୍କ ଓକିଲ କହିଥିଲେ। କିନ୍ତୁ କୋର୍ଟ ତାହାକୁ ଗ୍ରହଣ କରି ନଥିଲେ। ଶେଷରେ ସିବିଆଇର ଅପିଲକୁ ସ୍ୱୀକାର କରି କୋର୍ଟ ରାଜନର ଜାମିନକୁ ରଦ୍ଦ କରିଥିଲେ।

ଉଲ୍ଲେଖଥାଉ କି, ଏକଦା ରାଜନ କୁଖ୍ୟାତ ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ ଇବ୍ରାହିମ୍‌ର ଡାହାଣହାତ ଥିଲା ବୋଲି କୁହାଯାଉଥିଲା। ସେ ୨୭ ବର୍ଷ ଫେରାର ଥିଲା। ରାଜନ ୪ଟି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିଲା। ରାଜନ ପୂର୍ବରୁ ଜଣେ ଅଭିଜ୍ଞ କ୍ରାଇମ ରିପୋର୍ଟରଙ୍କ ହତ୍ୟା ମାମଲାରେ ଆଜୀବନ କରାଦଣ୍ଡ ଭୋଗୁଛି। ମହାରାଷ୍ଟ୍ରରେ ରାଜନ ବିରୋଧରେ ୭୧ଟି ମାମଲା ରୁଜୁ ହୋଇଛି। ଦକ୍ଷିଣ ମୁମ୍ବାଇର ଗୋଲ୍ଡେନ କ୍ରାଉନ ହୋଟେଲ ମାଲିକ ଜୟସେଟ୍ଟୀଙ୍କୁ ଅର୍ଥ ଦେବାକୁ ରାଜନ ତରଫରୁ ବାରମ୍ବାର ଧମକ ମିଳୁଥିଲା। କିନ୍ତୁ ସେ ଅର୍ଥ ଦେବାକୁ ମାନ କରିଦେଇଥିଲେ। ଫଳରେ ତାଙ୍କୁ ପୁଲିସ ସୁରକ୍ଷା ଦେଇଥିଲା। କିନ୍ତୁ ହତ୍ୟାକାଣ୍ଡର ଦୁଇଦିନ ପୂର୍ବରୁ ସେଟ୍ଟୀଙ୍କଠାରୁ ସୁରକ୍ଷା ହଟାଇ ଦିଆଯାଇଥିଲା।

# ସୁନ୍ଦରୀ ଆଇପିଏସ୍

**ଆଜିର ମହିଳା ବିଭିନ୍ନ କ୍ଷେତ୍ରରେ ଆଗକୁ ବଢ଼ୁଛନ୍ତି। ଘର ଚଳାଇବାଠୁ ନେଇ ଭାରତୀୟ ପୁଲିସ ସେବାରେ ଯୋଗଦେଇ, ପୁରୁଷଙ୍କ ସହ କାନ୍ଧମିଳାଇ ଦେଶର ଦାୟିତ୍ୱ ନିର୍ବାହରେ ସକ୍ଷମ ହୋଇଛନ୍ତି। ବିୟୁଟି ୱିଥ୍ ବ୍ରେନ୍‌ର ସେମାନେ ସଫଳ ଉଦାହରଣ ସାଜିଛନ୍ତି। ଦୃଢ଼ମନୋବଳ, ନିଷ୍ଠା, ସମାଜ ପ୍ରତି ସମର୍ପଣ ଭାବ ଥିଲେ ଜଣେ ମହିଳା ସବୁ କିଛି କରିପାରିବ, ବୋଲି ସେମାନେ ପ୍ରମାଣ କରିଛନ୍ତି। ପ୍ରସିଦ୍ଧି ଲାଭ କରିଥିବା ସେହିଭଳି କେତେଜଣ ସୁନ୍ଦରୀ ଭାରତୀୟ ମହିଳା ଆଇପିଏସ୍ ଅଫିସରଙ୍କୁ ନେଇ ଏହି ଉପସ୍ଥାପନା।**




## ଅଂଶିକା ବର୍ମା

ବିୟୁଟି ୱିଥ୍ ବ୍ରେନ୍ ନାମରେ ଜଣାଶୁଣା ଅଂଶିକା ଉତ୍ତର ପ୍ରଦେଶ କ୍ୟାଡରର ଜଣେ ସୁନ୍ଦରୀ ଆଇପିଏସ୍ ଭାବେ ପରିଚିତ। ତାଙ୍କ ଆତ୍ମବିଶ୍ୱାସ ଓ ସୌନ୍ଦର୍ଯ୍ୟ ତାଙ୍କୁ ଅନ୍ୟ ଅଫିସରଙ୍କଠୁ ଭିନ୍ନ କରିଥାଏ। ଉତ୍ତର ପ୍ରଦେଶ ପ୍ରୟାଗରାଜରେ ରହୁଥିବା ଅଂଶିକା ସ୍କୁଲ ଶିକ୍ଷା ସମାପ୍ତ ପରେ ନୋଏଡ଼ାରେ ବିଟେକ୍ କରିଥିଲେ। ଏହାପରେ ସେ ୟୁପିଏସ୍‌ସି ପାଇଁ ପ୍ରସ୍ତୁତ ହୋଇଥିଲେ। ଏଥିପାଇଁ କୌଣସି କୋଚିଙ୍ଗ୍ ନ ଯାଇ ସେ ସେଲ୍ଫ ଷ୍ଟଡିକୁ ବିକଳ୍ପ ରୂପେ ବାଛିଥିଲେ। ପ୍ରଥମ ପ୍ରୟାସରେ ବିଫଳ ହେବା ସତ୍ତ୍ୱେ, ସେ ହାର ମାନି ନ ଥିଲେ। କଠିନ ପରିଶ୍ରମ କରି ସେ ଦ୍ୱିତୀୟ ପ୍ରୟାସରେ ୨୦୨୦ ମସିହାରେ ୟୁପିଏସ୍‌ସି ପରୀକ୍ଷାରେ ୧୩୬ ର୍ୟାଙ୍କ୍ ରଖିଥିଲେ। ତାଙ୍କୁ ୟୁପି କ୍ୟାଡର୍ ମିଳିଥିଲା। ଆଇନ ଶୃଙ୍ଖଳାକୁ ସୁଦୃଢ଼ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।



## ସଂଯୁକ୍ତା ପରାଶର

ସଂଯୁକ୍ତା ପରାଶର ସୁନ୍ଦରୀ ସହ ଜଣେ ନିର୍ଭୀକ ଆଇପିଏସ୍ ଅଫିସର୍ ଭାବେ ଜଣାଶୁଣା। ସେ ଆସାମର ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ। ଆସାମରେ ସ୍କୁଲ୍ ଶିକ୍ଷା ସମାପ୍ତ ପରେ ସେ ଉଚ୍ଚଶିକ୍ଷା ପାଇଁ ଦିଲ୍ଲୀ ଆସିଥିଲେ। ଦିଲ୍ଲୀ ଇନ୍ଦ୍ରପ୍ରସ୍ଥ କଲେଜରେ ରାଜନୀତି ବିଜ୍ଞାନରେ ସ୍ନାତକ କରିଥଲେ। ପରବର୍ତ୍ତୀ ସମୟରେ ସେ ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର କରିଥଲେ। ପରେ ସେ ଆମେରିକୀୟ ବୈଦେଶିକ ନୀତିରେ ଏମ୍‌ଫିଲ୍ ଓ ପିଏଚ୍‌ଡି ହାସଲ କରିଥଲେ। ଏହାପରେ ସେ ୟୁପିଏସ୍‌ସି ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିଥଲେ। ୨୦୦୬ ମସିହାରେ ୟୁପିଏସ୍‌ସି ପରୀକ୍ଷା ଏଆଇଆରରେ ୮୫ ର୍ୟାଙ୍କ ରଖିଥିଲେ। ଏହାପରେ ତାଙ୍କୁ ଭାରତୀୟ ପୁଲିସ୍ ସେବା ପାଇଁ ଚୟନ କରାଯାଇଥିଲା। ତାଙ୍କୁ ଆସାମ-ମେଘାଳୟ କ୍ୟାଡର ମିଳିଥିଲା। ୨୦୧୫ ରେ ସେ ଉଗ୍ରବାଦୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ୧୫ ମାସରେ ସେ ୧୬ ଟି ଏନ୍‌କାଉଣ୍ଟର କରି ସେ ଚର୍ଚ୍ଚାରେ ଥିଲେ।

## ଅଙ୍କିତା ଶର୍ମା



ଛତିଶଗଡ଼ର ପ୍ରଥମ ମହିଳା ଆଇପିଏସ୍ ଅଫିସର୍ ଭାବେ ପରିଚିତ ଅଙ୍କିତା ଶର୍ମା। ସାହସ, ନିଆରା ଅନ୍ଦାଜ୍ ପାଇଁ ଚର୍ଚ୍ଚାରେ ଥିବା ଅଙ୍କିତା ସୋସିଆଲ ମିଡ଼ିଆରେ ଖୁବ୍ ସକ୍ରିୟ। ଛତିଶଗଡର ଲେଡିସିଂଘମ୍ ଭାବେ ପରିଚିତ ଅଂଶିକାଙ୍କ ନାଁ ଶୁଣିଲେ ବସ୍ତରର ନକ୍ସଲବାଦୀମାନେ ଥରି ଉଠନ୍ତି। ସେ ଦେଖିବାକୁ ଯେତିକି ସୁନ୍ଦର, କାର୍ଯ୍ୟକୁ ନେଇ ସେତିକି କଠୋର। ୨୦୨୨ ମସିହାରେ ଖୈରଗଡ଼ର ଏସ୍‌ପି ଥିବାବେଳେ ନକ୍ସଲ ପ୍ରଭାବିତ ଅଞ୍ଚଳ ବସ୍ତରରେ ନକ୍ସଲ ବିରୋଧ ଅପରେସନରେ ଦାୟିତ୍ୱ ନେଇଥିଲେ। ଲାଲ ଆତଙ୍କ ଖେଳାଉଥିବା ନକ୍ସଲଙ୍କୁ ଏପରି ଭାବେ ନିପାତ କରିଥିଲେ, ଯାହା ଏବେ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ଆଇପିଏସ୍ ପୂର୍ବରୁ ସେ ଜଣେ ଏମ୍‌ବିଏ ଗୋଲଡ୍‌ମେଡାଲିଷ୍ଟ ଥିଲେ। ଭାରତୀୟ ପ୍ରଶାସନିକ ସେବାରେ ରୁଚି ଥିବାରୁ ସେ ତିନିଥର ୟୁପିଏସ୍‌ସି ପ୍ରସ୍ତୁତ କରିଥିଲେ। ୨୦୧୮ ମସିହାରେ ୨୦୫ ର୍ୟାଙ୍କ ରଖି କୃତକାର୍ଯ୍ୟ ହୋଇଥିଲେ। ଆଇପିଏସ୍ କିରଣ ବେଦୀଙ୍କୁ ଦେଖି ସେ ଏ ଦିଗରେ ପ୍ରେରଣା ପାଇଥିଲେ ବୋଲି ଏକ ସାକ୍ଷାତକାରରେ କହିଥିଲେ।

## ମେରିନ୍ ଯୋସେଫ୍



ସୁନ୍ଦରୀ ଓ ସାହସୀ ମହିଳା ଆଇପିଏସ୍ ଅଫିସର ଭାବେ ମେରିନ୍ ଜୋସେଫ୍ ପରିଚିତ। ସେ ନିଜର ସାହସ, ସଫଳତା ଓ ନିର୍ଭୀକତା ପାଇଁ ସର୍ବଦା ଚର୍ଚ୍ଚାରେ ଥାଆନ୍ତି। ସେ ଥରକରେ ୟୁପିଏସ୍‌ସି ପରୀକ୍ଷା ପାସ କରିଥଲେ। ମାତ୍ର ୨୨ ବର୍ଷ ବୟସରେ ଆଇପିଏସ୍ ଅଫିସର ହେବାର ସେ ଗୌରବ ଅର୍ଜନ କରିଥିଲେ। ୨୦ ଅପ୍ରେଲ ୧୯୯୦ ମସିହାରେ କେରଳର ଥିରୁବନ୍ତପୁରମରେ ସେ ଜନ୍ମ ହୋଇଥିଲେ। ଏହାପରେ ତାଙ୍କ ପରିବାର ଦିଲ୍ଲୀ ସ୍ଥାନାନ୍ତର ହୋଇଥିଲେ। ସେ ଦିଲ୍ଲୀରେ ପାଠ ପଢ଼ିଥିଲେ। କଲେଜରେ ପଢ଼ିବା ସମୟରେ ତାଙ୍କ ମନରେ ସମାଜ ଓ ପ୍ରଶାସନିକ ସେବା ପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା। ଏଥିପାଇଁ ସେ ଗ୍ରାଜୁଏସନ୍ ସହିତ ୟୁପିଏସ୍‌ସି ପ୍ରସ୍ତୁତି ଆରମ୍ଭ କରିଥିଲେ। ୨୦୧୨ ମସିହାରେ ସେ ୟୁପିଏସ୍‌ସି ସିଭିଲ୍ ସର୍ଭିସ ପରୀକ୍ଷା ପାସ କରିଥିଲେ। ସମ୍ପୂର୍ଣ୍ଣ ଭାରତରେ ୧୮୮ ର୍ୟାଙ୍କ ରଖି ଆଇପିଏସ୍ ପାଇଁ ଚୟନ ହୋଇଥିଲେ। ଦେଶରେ କନିଷ୍ଠ ଆଇପିଏସ୍‌ଙ୍କ ମଧ୍ୟରେ ତାଙ୍କ ନାଁ ରହିଛି।

# ଏମିତି ସଫା ରଖନ୍ତୁ ପ୍ଲାଷ୍ଟିକ୍ ବାସନ

**ଅଧିକାଂଶ ଘରେ ପ୍ଲାଷ୍ଟିକ୍ ବାସନକୁସନ ବ୍ୟବହାର କରାଯାଉଛି। ପ୍ଲାଷ୍ଟିକ୍ ପ୍ଲେଟ୍‌ଠୁ ଆରମ୍ଭ କରି ଗିନା ଆଦିକୁ ଠିକ୍‌ଭାବେ ସଫା କରା ନ ଗଲେ ଅପରିଷ୍କାର ହୋଇଥାଏ। କେମିତି ପ୍ଲାଷ୍ଟିକ୍ ବାସନକୁ ସଫା ରଖିବେ, ଜାଣିବା ସେ ସମ୍ପର୍କରେ...।**

- ପ୍ଲାଷ୍ଟିକ୍ ବାସନରୁ ତେଲ ଚିକିଟା ଦୂର କରିବା ପାଇଁ ଉଷୁମ ପାଣିରେ ୨-୩ ଚାମଚ ବେକିଂ ସୋଡ଼ା ମିଶାନ୍ତୁ। ଏଥିରେ ପ୍ଲାଷ୍ଟିକ୍ ବାସନକୁ ୩୦ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖନ୍ତୁ। ଏଭଳି କରିବା ଦ୍ୱାରା ବାସନ ପୂରା ସଫା ହୋଇଯିବ ଏବଂ ଚିକିଟାପଣ ବି ଦୂର ହେବ।
- ଭିନେଗାର ବ୍ୟବହାର ରୋଷେଇ ସହ ସଫାସଫି ପାଇଁ ମଧ୍ୟ ବ୍ୟବହାର କରାଯାଏ। ଗୋଟିଏ ପାତ୍ରରେ ପାଣି ନିଅନ୍ତୁ ଏବଂ ସେଥିରେ ୩-୪ ବୁନ୍ଦା ଭିନେଗାର ମିଶାନ୍ତୁ। କିଛି ସମୟ ପରେ ଏହି ପାଣିରେ ପ୍ଲାଷ୍ଟିକ୍ ବାସନ ସଫା କରନ୍ତୁ।
- କଫି ମଧ୍ୟ ବାସନରୁ ଦୁର୍ଗନ୍ଧ ଦୂର କରିବାରେ ସାହାଯ୍ୟ କରେ। ବାସନରୁ ଦୁର୍ଗନ୍ଧ ଦୂର କରିବା ପାଇଁ କଫି ପାଉଡର ଛିଞ୍ଚି ତାହାକୁ କିଛି ସମୟ ଛାଡ଼ି ଦିଅନ୍ତୁ। ଏହାକୁ ବାସନ ମଜା ଲିକ୍ୟୁଡ୍ ସହ ସଫା କରନ୍ତୁ।
- ଦୁଇ ଗ୍ଲାସ୍ ପାଣିରେ ଫାଳେ ଲେମ୍ବୁ ଚିପୁଡ଼ନ୍ତୁ। ତାହାକୁ ଗରମ କରନ୍ତୁ। ଏହି ପାଣିକୁ ବାସନରେ ଢ଼ାଳି କିଛି ସମୟ ଛାଡ଼ି ଦିଅନ୍ତୁ। ପରେ ବାସନ ମାଜନ୍ତୁ। ବାସନରୁ ଦାଗ ଦୂର ହୋଇଯିବ।



ମୋ ହାଣ୍ଡିଶାଳରୁ...

# ବିନା ତେଲରେ ଧନିଆ ଚିକେନ୍



### ଆବଶ୍ୟକ ସାମଗ୍ରୀ

ଚିକେନ୍ – ୫୦୦ ଗ୍ରାମ୍, ଆଳୁ- ଦୁଇଟି, ଧନିଆପତ୍ର - ଅଳ୍ପ, ରସୁଣ – ଏକ ବୁଦା, ଅଦା – ଏକ ଇଞ୍ଚ, କଟା ପିଆଜ – ଏକ କପ୍, ଦହି – ଏକ କପ୍ , ଗୋଲମରିଚ ଗୁଣ୍ଡ – ଅଧା ଚାମଚ, ହଳଦୀଗୁଣ୍ଡ – ଏକ ଚାମଚ, ଲଙ୍କାଗୁଣ୍ଡ – ଏକ ଚାମଚ, ଲୁଣ ସ୍ୱାଦ ଅନୁସାରେ।

### ପ୍ରସ୍ତୁତି ପ୍ରଣାଳି

ଗୋଟିଏ ବାଉଲ୍‌ରେ ପାଣି ନେଇ ଚିକେନ୍‌କୁ ଭଲଭାବେ ଧୋଇ ଦିଅନ୍ତୁ। ଏହାପରେ ଚୁଲାରେ କଡ଼େଇ ବସାଇ ଚିକେନ୍ ଦେଇ ଢାଙ୍କୁଣୀ ଘୋଡ଼ାଇ ଦିଅନ୍ତୁ। କିଛି ସମୟ ପରେ ଢାଙ୍କୁଣୀ ଖୋଲି ସେଥିରେ କଟା ପିଆଜ ଓ ଆଳୁ ଦେଇ ଗୋଳାନ୍ତୁ। ଏହାପରେ ଗୋଲମରିଚଗୁଣ୍ଡ, ହଳଦୀ, ଲୁଣ ଦେଇ ଚିକେନକୁ ଏପାଖସେପାଖ କରନ୍ତୁ। ଏକ ଗ୍ରାଇଣ୍ଡିଂ ଜାର୍ ନେଇ ଧନିଆପତ୍ର, ରସୁଣ, ଅଦା, କଞ୍ଚାଲଙ୍କା, ଦହି ପକାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ଚିକେନ୍‌ରେ ଦେଇ ଢାଙ୍କୁଣି ଘୋଡ଼ାଇ ଦିଅନ୍ତୁ। କିଛି ସମୟ ପରେ ଚିକେନ୍ ଫୁଟି ଆସିଲେ, ସେଥିରେ ଧନିଆପତ୍ର ଦେଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ବିନା ତେଲରେ ଧନିଆ ଚିକେନ୍'।

# ଡେନିମ୍ ଜୁଏଲାରୀ



ସମୟାନୁସାରେ ବିଭିନ୍ନ ଜୁଏଲାରୀ ଦେଖିବାକୁ ମିଳିଥାଏ। ଏହି କ୍ରମରେ ଏବେ ଡେନିମ୍ ଜୁଏଲାରୀ ଟ୍ରେଣ୍ଡରେ ରହିଛି। ଏହା କପଡ଼ାରେ ତିଆରି ହୋଇଥିବାରୁ ପିନ୍ଧିବାକୁ ଆରାମଦାୟକ ଲାଗିଥାଏ। ଏହା ବିଭିନ୍ନ ଡେନିମ୍ କପଡ଼ାରୁ ତିଆରି କରାଯାଉଛି। ଏଥିରୁ ଭଳିକି ଭଳି ନେକ୍‌ଲେସ୍, ବ୍ରେସ୍‌ଲେଟ୍, ହେୟାର୍ କ୍ଲିପ୍ ଆଦି ପ୍ରସ୍ତୁତ କରାଯାଉଛି।



- ପାର୍ଟି, ଫଙ୍କସନ୍‌ରେ ନିଜକୁ ଏକ ଆଧୁନିକ ଲୁକ୍ ଦେବାକୁ ଚାହୁଁଥିଲେ ଡେନିମ୍ ନେକ୍‌ଲେସ୍ ପିନ୍ଧିପାରିବେ। ଏହା ଖୁବ୍ ସୁନ୍ଦର ଦେଖାଯାଏ। ବିଶେଷ କରି ଫ୍ଲାୱାର୍, ଫିଦର୍ ଜୁଏଲାରୀ ବେଶୀ ସୁନ୍ଦର ଲାଗିଥାଏ।
- ସେହିପରି ଅଫିସ୍ ଆଉଟ୍‌ଫିଟ୍‌ରେ ନିଆରା ତଥା ସିମ୍ପଲ ଲୁକ୍ ଚାହୁଁଥିଲେ ଡେନିମ୍ ବେଲ୍ଟ, ତଥା ହେୟାର୍ କ୍ଲିପ୍ ପିନ୍ଧିପାରିବେ। ଏହା ସୁନ୍ଦର ସହ ଷ୍ଟାଇଲିଶ୍ ଦେଖାଯାଏ।
- ବଜାର ଅପେକ୍ଷା ଅନ୍‌ଲାଇନ୍‌ରେ ଏହି ଜୁଏଲାରୀ ଅଧିକ ସଂଖ୍ୟାରେ ଦେଖିବାକୁ ମିଳିଥାଏ। ବିଶେଷ କରି ମାଳି, ଷ୍ଟୋନ୍ ଲଗା ଡେନିମ୍ ଜୁଏଲାରୀର ଚାହିଦା ବଢ଼ୁଛି।

# ପରିବେଶ ଅନୁକୂଳ ନବରାତ୍ରୀ ପରିଧାନ



**ନବରାତ୍ରୀରେ ମା'ଙ୍କ ପୂଜାର୍ଚ୍ଚନା ସହ ଗର୍ବା ନୃତ୍ୟ ପରିବେଷଣ କରାଯାଏ। ତେଣୁ ନବରାତ୍ରୀକୁ ନେଇ ଯୁବତୀମାନେ ବେଶ୍ ଉତ୍ସାହିତ ଥାନ୍ତି। ଏଥିପାଇଁ ବିଭିନ୍ନ ପୋଷାକ ଚୟନ କରିଥାନ୍ତି। ଅନେକ ପୋଷାକ କିଣିବାବେଳେ କେବଳ ଷ୍ଟାଇଲ ପ୍ରତି ଧ୍ୟାନ ଦେଇଥାନ୍ତି, କିନ୍ତୁ ଏହା ପରିବେଶ ଅନୁକୂଳ କି ନାହିଁ ସେଥିପ୍ରତି ଧ୍ୟାନ ଦେବା ମଧ୍ୟ ଜରୁରି।**

### ହ୍ୟାଣ୍ଡଲୁମ୍ କଟନ୍ ଚୋଲି


ନବରାତ୍ରୀରେ ଚୋଲି ପିନ୍ଧିବାକୁ ସମସ୍ତେ ପସନ୍ଦ କରନ୍ତି। ଏହା ଖଦୀ ଓ ହାତବୁଣା ସୂତା ଘାଗରା ।ଏଥିରେ କଣ୍ଟ୍ରାଷ୍ଟ ବ୍ଲାଉଜ୍ ଖୁବ୍ ସୁନ୍ଦର ମାନିଥାଏ। ସେହିପରି ହଳଦିଆ କିମ୍ବା ସବୁଜ ରଙ୍ଗର ଲେହେଙ୍ଗା ପିନ୍ଧିବାକୁ ଚାହୁଁଥିଲେ, ଏଥିରେ ନାଲି ବ୍ଲାଉଜ୍ ପିନ୍ଧିପାରିବେ ।ଏଥିସହ ମ୍ୟାଚିଙ୍ଗ୍ କରି ଅକ୍ସିଡାଇଜ୍ ଅଳଙ୍କାର ପିନ୍ଧିପାରିବେ।

### ପୁରୁଣା ଶାଢ଼ିରୁ ଲେହେଙ୍ଗା

ନବରାତ୍ରୀ ପାଇଁ ନୂଆ କପଡ଼ା କିଣିବାର କୌଣସି ଆବଶ୍ୟକତା ନାହିଁ। ଏଥିପାଇଁ ପୁରୁଣା ଶାଢ଼ିକୁ ବ୍ୟବହାର କରି ପିନ୍ଧିବାଯୋଗ୍ୟ ପରିବେଶ ଅନୁକୂଳ ପୋଷାକ ତିଆରି କରିପାରିବେ। ଏହାକୁ ସିଲ୍‌କ ଓଢ଼ଣୀ ଭଲ ମାନିଥାଏ।

# ପାଗ ଅନୁଯାୟୀ ଫେସିଆଲ୍

**ସୁସ୍ଥ, ଉଜ୍ଜ୍ୱଳ ତ୍ୱଚା ସମସ୍ତେ ଚାହାନ୍ତି। ଏଥିପାଇଁ ସ୍କିନ୍ କେୟାର ସହ ସମୟେ ସମୟେ ଫେସିଆଲ୍ କରିବାକୁ ପଡ଼ିଥାଏ। ଫେସିଆଲ୍ ତ୍ୱଚାରେ ଚମକ ଆଣିବା ସହ ତ୍ୱଚାକୁ ଗଭୀରରୁ ସଫା କରିଥାଏ। ମୃତକୋଷ କାଢ଼ି ବ୍ଲାକ୍‌ହେଡ୍‌ସ, ହ୍ୱାଇଟହେଡ୍ସ ସମସ୍ୟା ଦୂର କରିଥାଏ। ତେଣୁ ଋତୁ ଅନୁସାରେ ଫେସିଆଲ୍ କଲେ ସୁଫଳ ମିଳିଥାଏ।**



### ଖରା

ଖରାଦିନେ ତ୍ୱଚାରେ ତେଲ ଓ ଧୂଳି ଶୀଘ୍ର ଜମିଯାଏ। ଫଳରେ ବ୍ରଣ ଓ ଦାଗ ସମସ୍ୟା ଦେଖାଯାଏ। ଏପରି ସ୍ଥଳେ ଡିପ୍ କ୍ଲିନିଙ୍ଗ୍ ଓ ହାଇଡ୍ରେଟିଙ୍ଗ୍ ଫେସିଆଲ୍ ତ୍ୱଚା ପାଇଁ ଭଲ ହୋଇଥାଏ। ଏହା ମୁହଁର ଅତିରିକ୍ତ ତେଲକୁ ନିୟନ୍ତ୍ରଣ କରିଥାଏ। ତ୍ୱଚାରୁ ମୃତକୋଷ କାଢ଼ି ଏକ ପ୍ରାକୃତିକ ଚମକ ଦେଇଥାଏ।

### ବର୍ଷା

ବର୍ଷା ଋତୁରେ ତ୍ୱଚାରେ ଏକ୍ସଟ୍ରା ଅଏଲ ଓ ଝାଳ ଜମିଯାଏ । ଏହାଦ୍ୱାରା ବ୍ରେକ୍‌ଆଉଟ୍ ସମସ୍ୟା ହୋଇଥାଏ। ଏଥିପାଇଁ ଚାର୍‌କୋଲ୍ ଓ ନିମ୍ବ ମିଶା ଫେସିଆଲ୍ କରିପାରିବେ। ଏହା ତ୍ୱଚାକୁ ଗଭୀରରୁ ସଫା କରି ଉଜ୍ଜ୍ୱଳ କରିଥାଏ। ଏଥିସହ ଦାଗ, ବ୍ରଣ ସମସ୍ୟାରୁ ତ୍ୱଚାକୁ ସୁରକ୍ଷା ଦେଇଥାଏ।

### ଶୀତ

ଶୀତଦିନେ ଶୁଷ୍କ ତ୍ୱଚା ପାଇଁ ହାଇଡ୍ରେଟିଙ୍ଗ୍ ଫେସିଆଲ୍ ଖୁବ୍ ଭଲ ହୋଇଥାଏ। ଏଥିରେ ହ୍ୟାଲୁରୋନିକ୍ ଏସିଡ୍ , ପ୍ରାକୃତିକ ତେଲ ଓ ମଏଶ୍ଚରାଇଜର୍ ମାସ୍କର ଉପଯୋଗ କରାଯାଇଥାଏ। ଏହା ତ୍ୱଚାର ଶୁଷ୍କତା କମ୍ କରିଥାଏ।

ସକାଳ
THE SAKALA
www.sakalaepaper.com



# ଫାଇନାଲରେ ନୀରଜ-ନଦୀମ

## ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍

ଟୋକିଓ, ୧୭ ।୯ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜେତା ନୀରଜ ଚୋପ୍ରା ଜାପାନର ରାଜଧାନୀ ଟୋକିଓରେ ଚାଲିଥିବା ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିଅନସିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି । ବୁଧବାର ଅନୁଷ୍ଠିତ ପୁରୁଷ ଜାଭେଲିନ ଥ୍ରୋ ଇଭେଣ୍ଟରେ ନୀରଜ ଶ୍ରେଷ୍ଠ ପ୍ରଦର୍ଶନ ୮୪.୮୫ ମିଟର ସହ ଫାଇନାଲରେ ପହଞ୍ଚିଥିଲେ । ଫାଇନାଲକୁ ପ୍ରବେଶ ଲାଗି ଯୋଗ୍ୟତା ମାନଦଣ୍ଡ ୮୪.୫୦ ମିଟର ଥିଲା । ନୀରଜଙ୍କ ସହ ପ୍ୟାରିସ ଅଲିମ୍ପିକ ଚାମ୍ପିଅନ ପାକିସ୍ତାନର ଅର୍ଶଦ ନଦୀମ ମଧ୍ୟ ୧୨ ଜଣିଆ ପୁରୁଷ ଜାଭେଲିନ ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି । ଅର୍ଶଦ ୮୫.୨୮ ମିଟର ଜାଭେଲିନ ଫିଙ୍ଗିଥିଲେ । ଫଳରେ ଗୁରୁବାର ଅପରାହ୍ଣ ୩ଟା ୫୩ରୁ ଆରମ୍ଭ ହେବାକୁ ଥିବା ଫାଇନାଲରେ ନୀରଜ ଓ ନଦୀମଙ୍କ ମଧ୍ୟରେ ଜୋରଦାର ଟକ୍କର ହେବ ବୋଲି ଅନୁମାନ କରାଯାଉଛି । ନୀରଜ ଏହି ମେଗା ପ୍ରତିଯୋଗିତାରେ ଡିଫେଣ୍ଡିଂ ଚାମ୍ପିଅନ ରହିଛନ୍ତି । ନୀରଜଙ୍କ ସହ ଦ୍ୱିତୀୟ ଭାରତୀୟ ଜାଭେଲିନ ଫିଙ୍ଗାଳି ଭାବେ ସଚିନ ଯାଦବ ମଧ୍ୟ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ସଚିନ ୮୩.୬୭ ମିଟର ଫିଙ୍ଗି ଯୋଗ୍ୟତା ପର୍ଯ୍ୟାୟରେ ୧୦ମ ସ୍ଥାନରେ ରହିଥିଲେ । ସଚିନ ସିଧାସଳଖ ଯୋଗ୍ୟତା ଅର୍ଜନ କରି ନ ଥିଲେ ମଧ୍ୟ ଶ୍ରେଷ୍ଠ-୧୨ ଜଣଙ୍କ ମଧ୍ୟରେ ରହି ଫାଇନାଲରେ ପହଞ୍ଚିଛନ୍ତି । ଯୋଗ୍ୟତା ପର୍ଯ୍ୟାୟରେ ଗ୍ରେନେଡାର ଆଣ୍ଡରସନ ପିଟର୍ସ (୮୯.୫୩ ମିଟର), ଜର୍ମାନୀର ଜୁଲିଏନ ୱେବର (୮୭.୨୧), କେନିଆର ଜୁଲିଅନ ୱେଗୋ (୮୫.୯୬) ଓ ପୋଲାଣ୍ଡର ଡାୱିଡ ୱେଗନର (୮୫.୬୭) ଯଥାକ୍ରମେ ପ୍ରଥମ ୪ଟି ସ୍ଥାନରେ ରହି ଫାଇନାଲରେ ପହଞ୍ଚିଛନ୍ତି ।

## ନିରାଶ କଲେ ଅନିମେଶ




ପ୍ରଥମ ଭାରତୀୟ ସ୍ପ୍ରିଣ୍ଟର ଭାବେ ୱାର୍ଲ୍ଡ ଆଥ୍‌ଲେଟିକ୍ସକୁ ଯୋଗ୍ୟତା ଅର୍ଜନ କରିଥିବା ଅନିମେଶ କୁଜୁର ପୁରୁଷ ୨୦୦ ମିଟରରେ ନିରାଶ କରିଛନ୍ତି । ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଅନିମେଶ ହିଟ-୩ରେ ଦୌଡ଼ିଥିଲେ । ଏଥିରେ ୯ ଜଣ ଧାବକଙ୍କ ମଧ୍ୟରେ ଅନିମେଶ ସର୍ବନିମ୍ନ ସ୍ଥାନରେ ରହି ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଥିଲେ । ସେ ୨୦୦ ମିଟରକୁ ୨୦.୭୭ ସେକେଣ୍ଡରେ ଫିନିଶ କରିଥିଲେ । ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ (୨୦.୩୨) ପ୍ରଦର୍ଶନଠାରୁ ମଧ୍ୟ ସେ ବହୁ ପଛରେ ରହିଥିଲେ । ଏହି ହିଟ୍‌ରେ ଦୌଡ଼ିଥିବା ଦୁଇଥରର ଅଲିମ୍ପିକ ରୌପ୍ୟ ପଦକ ବିଜେତା ଆମେରିକାର କେନି ବେଡନାରେକ ୧୯.୯୮ ସେକେଣ୍ଡ ସମୟ ସହ ଶୀର୍ଷରେ ରହି ସେମିକୁ ପ୍ରବେଶ କରିଛନ୍ତି ।

# ୭୭ ବଲ୍‌ରେ ମନ୍ଧାନାଙ୍କ ଶତକ

ଦ୍ୱିତୀୟ ମହିଳା ଦିନିକିଆ

## ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ରେକର୍ଡ ସ୍କୋର

ଚଣ୍ଡିଗଡ଼, ୧୭ ।୯ (ଏଜେନ୍ସି):

ଭ୍ରମଣକାରୀ ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳ ବିପକ୍ଷରେ ବୁଧବାର ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆ ମ୍ୟାଚରେ ଭାରତ ରେକର୍ଡ ସ୍କୋର କରିଛି । ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ଭାରତ ଓପନର ସ୍ମୃତି ମନ୍ଧାନାଙ୍କ ଦ୍ରୁତ ଶତକ ବଳରେ ୨୯୨ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ମନ୍ଧାନା ୭୭ ବଲରେ ଶତକ ପୂରଣ କରି ଭାରତକୁ ବିଶାଳ ସ୍କୋର ଦେବାରେ ସହାୟତା କରିଥିଲେ । ଏଥିସହ ଅଷ୍ଟ୍ରେଲିଆ ବିପକ୍ଷରେ ଦିନିକିଆ କ୍ରିକେଟ୍‌ରେ ଭାରତର ଏହା ରେକର୍ଡ ଦଳଗତ ସ୍କୋର ହୋଇଛି । ଏଥିପୂର୍ବରୁ ଦୁଇ ବର୍ଷ ତଳେ ୨୮୨ ରନ କରିଥିଲା । ଜବାବରେ ଏହି ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଅଷ୍ଟ୍ରେଲିଆ ମହିଳା ଦଳ ଶେଷ ଖବର ସୁଦ୍ଧା ୧୮ ଓଭରରେ ୩ ୱିକେଟ୍ ହରାଇ ୭୩ ରନ ସଂଗ୍ରହ କରିଛି । ଏଲିସେ ପେରୀ ୨୯ ଓ ଆନାବେଲ୍ ସଦରଲାଣ୍ଡ ୯ ରନ କରି ଅପରାଜିତ ରହିଛନ୍ତି । ଅଧିନାୟିକା ଆଲିସା ହେଲୀ ୯, ବେଥ ମୁନୀ ୧୮ ଓ ଜର୍ଜିଆ ଭଲ୍ କୌଣସି ରନ ନ କରି ପ୍ୟାଭିଲିୟନ ଫେରିଛନ୍ତି । ଘରୋଇ ଦଳ ପାଇଁ କ୍ରାନ୍ତି ଗୌଡ଼, ରେଣୁକା ସିଂ ଠାକୁର ଓ ସ୍ନେହ ରାଣା ଗୋଟିଏ ଲେଖାଏ ୱିକେଟ୍ ନେଇଛନ୍ତି । ପୂର୍ବରୁ ତିନି ମ୍ୟାଚ୍‌ବିଶିଷ୍ଟ ସିରିଜର ପ୍ରଥମ ମୁକାବିଲାକୁ ୮ ୱିକେଟ୍‌ରେ ଜିତି ଅଷ୍ଟ୍ରେଲିଆ ୧-୦ରେ ଅଗ୍ରଣୀ ରହିଛି । ଅନ୍ତିମ ତଥା ୩ୟ ମ୍ୟାଚ୍ ଶନିବାର ଖେଳାଯିବ ।




ବୁଧବାର ଅନୁଷ୍ଠିତ ଏହି ମ୍ୟାଚରେ ଅଷ୍ଟ୍ରେଲିଆ ଅଧିନାୟିକା ହେଲୀ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ । ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଓପନର୍ ତଥା ଉପଅଧିନାୟିକା ମନ୍ଧାନାଙ୍କ ୧୧୭ ରନ ବଳରେ ୪୯.୫ ଓଭରରେ ୨୯୨ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ୨୯ ବର୍ଷୀୟା ମନ୍ଧାନାଙ୍କ ଦିନିକିଆ ଫର୍ମାଟ୍‌ରେ ଏହା ୧୨ତମ ଶତକ ଥିଲା । ୯୧ ବଲର ଏହି ପାଳିରେ ସେ ୧୪ ଚୌକା ଓ ୪ ଛକା ମାରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦୀପ୍ତି ଶର୍ମା ୪୦, ରିଚା ଘୋଷ ୨୯, ପ୍ରତିକା ରାୱଲ ୨୫ ଓ ସ୍ନେହ ରାଣା ୨୪ ରନ କରିଥିଲେ । ଅଷ୍ଟ୍ରେଲିଆ ପକ୍ଷରୁ ଡାର୍ସି ବ୍ରାଉନ ୩ ଓ ଆସଲେ ଗାର୍ଡନର ୨ଟି ୱିକେଟ ନେଇଥିଲେ ।

### ମ୍ୟାଚ୍‌ର କୀର୍ତ୍ତିମାନ

**୭୭ ବଲ୍:** ମନ୍ଧାନା ଏହି ମ୍ୟାଚରେ ୭୭ ବଲରେ ଶତକ ପୂରଣ କରିଥିଲେ । ଦିନିକିଆରେ ଭାରତୀୟ ମହିଳା କ୍ରିକେଟର୍ ଭାବେ ଏହା ଦ୍ୱିତୀୟ ଦ୍ରୁତତମ ଶତକ । ଚଳିତ ବର୍ଷ ପ୍ରାରମ୍ଭରେ ମନ୍ଧାନା ଆୟର୍ଲାଣ୍ଡ ବିପକ୍ଷରେ ୭୦ ବଲରେ ଶତକ ହାସଲ କରି ରେକର୍ଡର ଅଧିକାରୀ ରହିଛନ୍ତି ।

**୧୨ତମ ଶତକ:** ଦିନିକିଆରେ ମନ୍ଧାନାଙ୍କ ଏହା ୧୨ତମ ଶତକ ଥିଲା । ଏଥିସହ ଓପନର୍ ଭାବେ ମହିଳା ଦିନିକିଆ କ୍ରିକେଟ୍‌ରେ ସର୍ବାଧିକ ଶତକ ମାରିବାରେ ଇଂଲଣ୍ଡର ଟାମି ବିଉମଣ୍ଟଙ୍କ ସମକକ୍ଷ ହୋଇଛନ୍ତି ।

**୧୦୦୦+ ରନ:** ମନ୍ଧାନା ଓ ପ୍ରତୀକା ରାୱଲ ଓପନିଂ ଯୋଡ଼ିରେ ଚଳିତ ବର୍ଷ ହଜାରେରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି । ଗୋଟିଏ କ୍ୟାଲେଣ୍ଡରେ ୧୦୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିବାରେ ବିଶ୍ୱର ପ୍ରଥମ ମହିଳା ଯୋଡ଼ି ହୋଇଛନ୍ତି ।

# ଏସିଆ କପ୍‌ରେ ପାକିସ୍ତାନର ହାଇଡ୍ରାମା

## ପ୍ରଥମେ ବଏକଟ୍ ଧମକ; ପରେ ୧ ଘଣ୍ଟା ବିଳମ୍ବରେ ଷ୍ଟାଡିୟମରେ ପହଞ୍ଚିଲା

ଦୁବାଇ, ୧୭ ।୯ (ଏଜେନ୍ସି): ଚଳିତ ଏସିଆ କପ୍ ଟି-୨୦ କ୍ରିକେଟ୍‌ରେ ବୁଧବାର ରାତିରେ ପାକିସ୍ତାନ ଓ ୟୁଏଇ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଗ୍ରୁପ୍-ଏ ମ୍ୟାଚ୍ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ଥିଲା । କିନ୍ତୁ ଏହି ମ୍ୟାଚର କିଛି ଘଣ୍ଟା ପୂର୍ବରୁ ପାକିସ୍ତାନ ଦଳର ହାଇଡ୍ରାମା ଦେଖିବାକୁ ମିଳିଥିଲା । ୟୁଇଏ ବିପକ୍ଷ ମ୍ୟାଚ୍ ରାତି ୮ଟାରେ ଖେଳାଯିବାକୁ ଥିବାବେଳେ ପାକିସ୍ତାନ ଖେଳାଳିମାନେ ୭ଟା ସୁଦ୍ଧା ଷ୍ଟାଡିୟମରେ ପହଞ୍ଚି ନ ଥିଲେ । ଭାରତ ବିପକ୍ଷ ମ୍ୟାଚରେ 'ହାତ ନ ମିଳାଇବା' ପ୍ରସଙ୍ଗକୁ ନେଇ ପାକିସ୍ତାନ ଖେଳାଳି ମ୍ୟାଚ୍ ରେଫରୀ ଆଣ୍ଡି ପାଇକ୍ରଫ୍ଟଙ୍କୁ ଟୁର୍ଣ୍ଣାମେଣ୍ଟରୁ ବାହାର କରିବା ଜିଦିରେ ଅଡ଼ି ବସିଥିଲେ । ଏପରିକି ଅଧିନାୟକ ସଲମାନ ଅଲି ଆଘାଙ୍କ ସମେତ ସମସ୍ତ ଖେଳାଳି, ପ୍ରଶିକ୍ଷକ, ସହପ୍ରଶିକ୍ଷକ ଟିମ୍ ହୋଟେଲରୁ ବାହାରି ନ ଥିଲେ । ପାକିସ୍ତାନ ଦଳ ୟୁଏଇ ସହ ଏସିଆ କପ୍‌ର ବଳକା ମ୍ୟାଚ୍‌ରୁ ଓହରିଯିବା ନେଇ ବିଭିନ୍ନ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା । ତେବେ ପରେ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଓ ଖେଳାଳିଙ୍କ ମଧ୍ୟରେ ଦୀର୍ଘ ସମୟ ଆଲୋଚନା ପରେ ଶେଷରେ ପାକିସ୍ତାନ ଦଳ ଟିମ୍ ହୋଟେଲରୁ ଷ୍ଟାଡିୟମ ଅଭିମୁଖେ ବାହାରିଥିଲେ । ଫଳରେ ମ୍ୟାଚ୍ ଆରମ୍ଭ ହେବାରେ ଏକ ଘଣ୍ଟା ବିଳମ୍ବ ହୋଇଥିଲା । ଏନେଇ ବ୍ରଡକାଷ୍ଟ ସଂସ୍ଥା ପକ୍ଷରୁ ଅଫିସିଆଲ୍ ଭାବେ ମଧ୍ୟ ମ୍ୟାଚ୍ ଏକ ଘଣ୍ଟା ବିଳମ୍ବରେ ଅର୍ଥାତ ରାତି ୯ଟାରେ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଥିଲା । ଏହାପରେ ପାକିସ୍ତାନ ଖେଳାଳିମାନେ ଦୁବାଇ ଇଣ୍ଟରନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମରେ ପହଞ୍ଚି ୱାର୍ମଅପ୍ ଆରମ୍ଭ କରିଥିଲେ । ଶେଷ ଖବର ସୁଦ୍ଧା ୟୁଏଇ ଦଳ ଏହି ମ୍ୟାଚରେ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଛି । ଗ୍ରୁପ୍-ବି'ରେ ଉଭୟ ପାକିସ୍ତାନ ଓ ୟୁଏଇ ପାଇଁ ଏହି ମ୍ୟାଚ୍ ବେଶ୍ ଗୁରୁତ୍ୱ ରଖୁଛି । ଉଭୟ ଦଳ ୨ଟି ଲେଖାଏ ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ପରାଜୟ ସହ ୨ ପଏଣ୍ଟ ଲେଖାଏ ପାଇଛନ୍ତି । ଏହି ମ୍ୟାଚରେ ବିଜୟୀ ଦଳ ସୁପର-୪ରେ ପ୍ରବେଶ କରିବ ।

**ଆଜିର ମ୍ୟାଚ୍**
ଶ୍ରୀଲଙ୍କା-ଆଫଗାନିସ୍ତାନ
ଭେନ୍ୟୁ : ଆବୁଧାବି
ଖେଳ ଆରମ୍ଭ : ରାତି ୮ଟା
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

### ପୁଣିଥରେ ନିରାଶ ହେଲା ପିସିବି

ଭାରତ ବିପକ୍ଷ ଗ୍ରୁପ୍-ଏ ମୁକାବିଲାରେ 'ହାତ ନ ମିଳାଇବା' ପ୍ରସଙ୍ଗକୁ ନେଇ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ମ୍ୟାଚ ରେଫରୀ ଆଣ୍ଡି ପାଇକ୍ରଫ୍ଟଙ୍କୁ ଟୁର୍ଣ୍ଣାମେଣ୍ଟରୁ ବାହାର କରିବା ନେଇ ଅଡ଼ି ବସିଛି । ତେବେ ପିସିବିକୁ ପୁଣିଥରେ ନିରାଶ ହେବାକୁ ପଡ଼ିଛି । ପାଇକ୍ରଫ୍ଟଙ୍କୁ ବାହାର କରିବା ନେଇ ପିସିବି ପକ୍ଷରୁ ଦିନକ ତଳେ ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ନିକଟକୁ ମେଲ୍ କରାଯାଇଥିଲା । କିନ୍ତୁ ପାଇକ୍ରଫ୍ଟ ଭାରତ ବିପକ୍ଷ ମ୍ୟାଚରେ ତାଙ୍କ ଭୂମିକା ସଠିକ ଭାବେ ନିର୍ବାହ କରିଥିବା ନେଇ ଆଇସିସି ପକ୍ଷରୁ କୁହାଯାଇଥିଲା । ଏପରିକି ସେ ସମଗ୍ର ଏସିଆ କପ୍‌ରେ ତାଙ୍କ ଦାୟିତ୍ୱ ତୁଲାଇବେ ବୋଲି ଆଇସିସି ପକ୍ଷରୁ କୁହାଯାଇଥିଲା । ପୁଣିଥରେ ବୁଧବାର ପିସିବି ସମାନ ଅଭିଯୋଗ ଆଇସିସି ନିକଟରେ କରିଥିଲା । ଏଥିରେ ମଧ୍ୟ ଆଇସିସି ତାହାର ନିଷ୍ପତ୍ତି ଅଟଳ ରଖିଥିଲା । ଫଳରେ ଦୁଇ ଦିନରେ ପାକିସ୍ତାନ ବୋର୍ଡ ଦୁଇଥର ନିରାଶ ହୋଇଛି ।

## ଚାଇନା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

# ପ୍ରି-କ୍ୱାର୍ଟରରେ ସାତ୍ତ୍ୱିକ-ଚିରାଗ, ସିନ୍ଧୁ

ସେନ୍‌ଝେନ୍,୧୭ ।୯ (ଏଜେନ୍ସି): ଚୀନ୍‌ର ସେନ୍‌ଝେନ୍ ଏରିନାରେ ଆରମ୍ଭ ହୋଇଥିବା ୧୨ ଲକ୍ଷ ୫୦ ହଜାର ଡଲାର ପୁରସ୍କାର ରାଶି ବିଶିଷ୍ଟ ଚାଇନା ମାଷ୍ଟର୍ସ ବ୍ୟାଡମିଣ୍ଟନ ସୁପର ୭୫୦ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଅଭିଜ୍ଞ ପୁରୁଷ ଡବଲ୍ସ ଯୋଡି ସାତ୍ତ୍ୱିକସାଇରଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି । କିନ୍ତୁ ପୁରୁଷ ଏକକ ପ୍ରତିଯୋଗିତାରୁ ଯୁବ ତାରକା ଲକ୍ଷ୍ୟ ସେନ୍ ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି । ତେବେ ମହିଳା ଏକକ ଅଭିଜ୍ଞ ଭାରତୀୟ ଖେଳାଳି ତଥା ଅଲିମ୍ପିକ୍ସ ପଦକ ବିଜୟିନୀ ପିଭି ସିନ୍ଧୁ ପ୍ର-କ୍ୱାର୍ଟରକୁ ଉଠିଛନ୍ତି ।

ବୁଧବାର ଅନୁଷ୍ଠିତ ପ୍ରଥମ ରାଉଣ୍ଡ ମୁକାବିଲାରେ ଅଷ୍ଟମ ସିଡ୍ ମାନ୍ୟତା ପାଇଥିବା ସାତ୍ତ୍ୱିକ ଓ ଚିରାଗ ଯୋଡ଼ି ୨୪-୨୨, ୨୧-୧୩ ସିଧାସଳଖ ଗେମ୍‌ରେ ମାତ୍ର ୪୨ ମିନିଟ୍‌ରେ ମାଲେସିଆର ଜୁନେଦ ଆରିଫ୍ ଓ ୟାପ୍ ରଏ କିଙ୍ଗ୍‌ଙ୍କୁ ପରାସ୍ତ କରିଥିଲେ । ସେହିପରି ଲକ୍ଷ୍ୟ ସେନ୍ ପୁରୁଷ ଏକକ ପ୍ରଥମ ରାଉଣ୍ଡରେ ୧୧-୨୧, ୧୦-୨୧ରେ ଫ୍ରାନ୍ସର ଟୋମା ଜୁନିଅର ପୋପୋଭଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି । ସିନ୍ଧୁ ପ୍ରଥମ ରାଉଣ୍ଡ ମୁକାବିଲାରେ ଡେନମାର୍କର ଜୁଲି ଡାବାଲ ଜାକବସେନଙ୍କୁ ୨୧-୫, ୨୧-୧୦ ସିଧାସଳଖ ଗେମ୍‌ରେ ହରାଇ ଅଗ୍ରଗତି କରିଛନ୍ତି । ଅନ୍ୟ କୌଣସ ବିଭାଗରେ ଭାରତୀୟ ଖେଳାଳିମାନେ ଅଗ୍ରଗତି କରିପାରି ନାହାନ୍ତି ।

ଆଇସିସି ଟି-୨୦ ର୍‍ୟାଙ୍କିଙ୍ଗ୍

# ପ୍ରଥମଥର ବୋଲିଂ ମାନ୍ୟତା ଶୀର୍ଷରେ ବରୁଣ ଚକ୍ରବର୍ତ୍ତୀ

ଦୁବାଇ,୧୭ ।୯ (ଏଜେନ୍ସି): ଭାରତୀୟ ବିସ୍ମୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ ପ୍ରଥମଥର ପାଇଁ ଆଇସିସି ଟି-୨୦ ମାନ୍ୟତାର ଶୀର୍ଷ ସ୍ଥାନ ହାସଲ କରିଛନ୍ତି । ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ମାନ୍ୟତାରେ ସେ ୩ଟି ପାହାଚ ଉପରକୁ ଉଠି ୭୩୩ ପଏଣ୍ଟ ଏକ ନମ୍ବର ସ୍ଥାନରେ ରହିଛନ୍ତି । ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ଜ୍ୟାକବ ଡଫି ୨ୟ ସ୍ଥାନକୁ ଖସିଯାଇଛନ୍ତି । ଫଳରେ ଯଶପ୍ରୀତ ବୁମ୍‌ରା ଓ ରବି ବିଷ୍ଣୋଇଙ୍କ ପରେ ତୃତୀୟ ଭାରତୀୟ ବୋଲର ଭାବେ ବରୁଣ ବୋଲିଂ ର୍‍ୟାଙ୍କିଙ୍ଗର ନଂ୧ ସ୍ଥାନ ଅଧିକାର କରିଛନ୍ତି । ବରୁଣଙ୍କ ସହ ରବି ବିଷ୍ଣୋଇ (୮ମ) ମଧ୍ୟ ଟପ୍-୧୦ ସ୍ଥାନ ପାଇଛନ୍ତି । ୩୪ ବର୍ଷୀୟ ବରୁଣ ୟୁଏଇରେ ଚାଲିଥିବା ଏସିଆ କପ୍‌ରେ ଦମ୍‌ଦାର ପ୍ରଦର୍ଶନ ଜାରି ରଖିଛନ୍ତି । ସେ ୟୁଏଇ ବିପକ୍ଷ ପ୍ରଥମ ମୁକାବିଲାରେ ଦୁଇ ଓଭର ବୋଲିଂ କରି ମାତ୍ର ୪ ରନରେ ଦେଇ ଗୋଟିଏ ୱିକେଟ ଓ ପାକିସ୍ତାନ ବିପକ୍ଷ୍‌ରେ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ । ବୋଲିଂ ତାଲିକାରେ ୱେଷ୍ଟଇଣ୍ଡିଜର ଅକିଲା ହୁସେନ ତୃତୀୟ, ଅଷ୍ଟ୍ରେଲିଆ ଆଡାମ ଜାମ୍ପା ଚତୁର୍ଥ, ଇଂଲଣ୍ଡର ଆଦିଲ ରସିଦ ୫ମ ସ୍ଥାନ ଅଧିକାର କରିଛନ୍ତି । ଅନ୍ୟତମ ଭାରତୀୟ ରବି ବିଷ୍ଣୋଇ ୬୬୧ ପଏଣ୍ଟ ସହ ସପ୍ତମ ସ୍ଥାନରେ ରହିଛନ୍ତି ।



ବ୍ୟାଟିଂ ତାଲିକାରେ ହାର୍ଡ ହିଟିଂ ବ୍ୟାଟର ତଥା ଭାରତୀୟ ଓପନର ଅଭିଷେକ ଶର୍ମା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି । ଅଭିଷେକ ୮୮୪ ପଏଣ୍ଟ ସହ କ୍ୟାରିଅରର ସର୍ବାଧିକ ପଏଣ୍ଟ ପାଇଛନ୍ତି । ଇଂଲଣ୍ଡ ଫିଲ ସଲ୍ଟ ଦ୍ୱିତୀୟ, ଜୋଶ ବଟଲର ତୃତୀୟ, ଭାରତର ତିଳକ ବର୍ମା ୭୨୯ ପଏଣ୍ଟ ସହ ଚତୁର୍ଥ ଓ ଅଷ୍ଟ୍ରେଲିଆର ଟ୍ରାଭିସ ହେଡ ୫ମ ସ୍ଥାନରେ ରହିଛନ୍ତି । ସେହିପରି ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୭୪୭ ପଏଣ୍ଟ ସହ ୭ମ ସ୍ଥାନରେ ରହିଛନ୍ତି । ଅଲରାଉଣ୍ଡର ତାଲିକାରେ ହାର୍ଦ୍ଦିକ ପାଣ୍ଡ୍ୟା ତାଙ୍କ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି । ଭାରତର ଅଭିଷେକ ଶର୍ମା ୪ଟି ସ୍ଥାନ ଉପରକୁ ଉଠି ୧୪ତମ ସ୍ଥାନ ଅଧିକାର କରିଛନ୍ତି । ପାକିସ୍ତାନର ସଇମ ଆୟୁବ ୪ଟି ସ୍ଥାନ ଉପରକୁ ଉଠି ୫ମ ସ୍ଥାନରେ ରହିଛନ୍ତି ।

## ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ

# ଦଳରୁ ବାଦ୍ ପଡ଼ିଲେ ଜେମିମା ରୋଡ୍ରିଗ୍ସେଜ

ନୂଆ ଚଣ୍ଡିଗଡ଼, ୧୭ ।୯ (ଏଜେନ୍ସି): ଚଳିତ ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳ ବିପକ୍ଷ ଦିନିକିଆ ସିରିଜର ଶେଷ ଦୁଇଟି ମୁକାବିଲାରୁ ତାରକା ଖେଳାଳି ଜେମିମା ରୋଡ୍ରିଗ୍ସେଜ ବାଦ୍ ପଡିଛନ୍ତି । ଫଳରେ ଘରୋଇ ଭାରତୀୟ ମହିଳା ଦଳକୁ ଜବରଦସ୍ତ ଝଟ୍‌କା ଲାଗିଛି । ଭୂତାଣୁ ଜନିତ ସଂକ୍ରମଣ ଓ ଦୁର୍ବଳତା କାରଣରୁ ସେ ବୁଧବାର ଖେଳାଯାଇଥିବା ତୃତୀୟ ଦିନିକିଆରେ ଖେଳିପାରି ନାହାନ୍ତି । ସେହିପରି ସେ ୨୦ ତାରିଖ ଶନିବାର ଖେଳାଯିବାକୁ ଥିବା ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍ ମଧ୍ୟ ଖେଳିପାରିବେ ନାହିଁ । ମଧ୍ୟକ୍ରମ ବ୍ୟାଟର ଜେମିମାଙ୍କ ବଦଳ ଖେଳାଳି ଭାବେ ଷ୍ଟାଣ୍ଡବାଇ ଖେଳାଳି ତେଜାଲ ହାସବନିସ୍‌ଙ୍କୁ ଦଳରେ ସାମିଲ କରାଯାଇଛି । କିନ୍ତୁ ତାଙ୍କୁ ଦ୍ୱିତୀୟ ଦିନିକିଆରେ ଖେଳାଯାଇ ନାହିଁ । ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ମେଡିକାଲ ଟିମ୍ ଜେମିମାଙ୍କ ଚିକିତ୍ସା ତଥା ଦେଖାଶୁଣା କରୁଛି । ସେ ବିଶ୍ୱକପ୍ ପୂର୍ବରୁ ସମ୍ପୂର୍ଣ୍ଣ ଭାବେ ଫିଟ୍ ହୋଇ ଦଳକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରାଯାଉଛି । ପୂର୍ବରୁ ୧୪ ତାରିଖରେ ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଭାରତ ୮ ୱିକେଟରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା । ମହିଳା ଦିନିକିଆ ବିଶ୍ୱକପ୍‌ର ୧୩ତମ ସଂସ୍କରଣକୁ ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ଆୟୋଜନ କରିବେ ।

# ସିବିଏସ୍‌ଇ ଜାତୀୟ ବାଳିକା ହକି ଉଦ୍‌ଯାପିତ



ଭୁବନେଶ୍ୱର, ୧୭ ।୯ (ସମିସ): କିଟ୍ ବିଶ୍ୱବିଦ୍ୟାଳୟରେ ଚାଲିଥିବା ସିବିଏସଇ ଜାତୀୟ ବାଳିକା ହକି ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଦିଲୀପ ତିର୍କୀ ହକି ଷ୍ଟାଡିୟମରେ ୩ଟି ବୟସ ବର୍ଗ ୧୪ ବର୍ଷରୁ କମ, ୧୭ ବର୍ଷରୁ କମ୍ ଓ ୧୯ ବର୍ଷରୁ କମ୍ ବାଳିକା ବର୍ଗରେ ମ୍ୟାଚ୍ ଖେଳାଯାଇଥିଲା । ୧୪ ବର୍ଷରୁ କମ୍ ବର୍ଗରେ ପାନିପତ୍‌ର ଆର୍ଯ୍ୟା ବାଳିକା ପବ୍ଲିକ ସ୍କୁଲ ୭-୦ ଗୋଲରେ ନ୍ୟୁ ବମ୍ବେ ସିଟି ସ୍କୁଲକୁ ହରାଇ ଚାମ୍ପିଅନ ହୋଇଥିଲା । ସେହିଭଳି ୧୭ ବର୍ଷରୁ କମ୍‌ରେ ସୋନିପତ୍‌ର ଲିଟିଲ ଆଞ୍ଜେଲ୍ସ ପବ୍ଲିକ ସ୍କୁଲ ୮-୦ ଗୋଲ୍‌ରେ ତାମିଲନାଡୁର ସଚିଦାନନ୍ଦ ବିଦ୍ୟା ନିକେତନକୁ ହରାଇ ଟାଇଟଲ୍ ହାସଲ କରିଥିଲା । ୧୯ ବର୍ଷରୁ କମ୍ ବର୍ଗର ଫାଇନାଲ ତୀବ୍ର ସଂଘର୍ଷପୂର୍ଣ୍ଣ ରହିଥିଲା । ଏଥିରେ ଲିଟିଲ ଆଞ୍ଜେଲ ସ୍କୁଲ ୧-୦ ଗୋଲରେ ହରିଦ୍ୱାରର ଶ୍ରୀରାମ ବିଦ୍ୟା ମନ୍ଦିରକୁ ପରାସ୍ତ କରି ଚାମ୍ପିଅନ ହୋଇଛି । କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ଅଧ୍ୟକ୍ଷା ମୋନାଲିସା ବଳ ଅତିଥିଭାବେ ଯୋଗଦେଇ କୃତୀ ଦଳକୁ ପୁରସ୍କୃତ କରିଥିଲେ । ଏହି ଅବସରରେ ଲଳିତ କୁମାର କପିଳ, ଡ. ସଞ୍ଜୟ ସୁଆର ପ୍ରମୁଖ ଉପସ୍ଥିତ ରହିଥିଲେ । ସେହିଭଳି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ବିଜୟୀ ଦଳକୁ ଅଭିନନ୍ଦନ ଜଣାଇଛନ୍ତି ।

# ଓଡ଼ିଶା ପ୍ରୋ ଟି-୨୦ ଲିଗ୍ ଉଦ୍‌ଘାଟିତ

କଟକ,୧୭।୯ (ସମିସ):



ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଏବଂ ଆରିଭା ସ୍ପୋର୍ଟସର ମିଳିତ ଆନୁକୂଲ୍ୟରେ ଓଡ଼ିଶା ପ୍ରୋ ଟି-୨୦ ଲିଗ୍ ବୁଧବାର ସନ୍ଧ୍ୟାରେ ଐତିହାସିକ ବାରବାଟୀ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି । ଲିଗ୍‌ର ବ୍ରାଣ୍ଡଆମ୍ବାସଡର ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଇର୍ଫାନ ପଠାନ୍ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଟ୍ରଫି ଅନାବରଣ କରିବା ସହ ଲିଗ୍ ଉଦ୍‌ଘାଟନ କରିଥିଲେ । ଲିଗ୍‌ର ସଫଳ ଆୟୋଜନ ଏବଂ ଖେଳାଳିଙ୍କୁ ପ୍ରୋତ୍ସାହନ ନିମନ୍ତେ ଜଣେ ବ୍ରାଣ୍ଡଆମ୍ବାସଡର ଭାବେ ସମସ୍ତ ଦାୟିତ୍ୱ ବହନ କରିବେ ବୋଲି ଇର୍ଫାନ ମତବ୍ୟକ୍ତ କରିଥିଲେ । ଏହାଛଡ଼ା ଏଭଳି ବଡ଼ ମଞ୍ଚରେ ଭଲ ପ୍ରଦର୍ଶନ କରି ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଇର୍ଫାନ ଓଡ଼ିଆ ଖେଳାଳିଙ୍କୁ ଆହ୍ୱାନ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓପିଟିଏଲର ସଫଳତା କାମନା କରିଥିଲେ । ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ)ର ସମ୍ପାଦକ ଆଶୀର୍ବାଦ ବେହେରା, ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ବିଧାୟକ ପ୍ରକାଶ ସେଠୀ, ବିଧାୟକ ସୌଭିକ ବିଶ୍ୱାଳଙ୍କ ସମେତ ଓସିଏର ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ । ଭୁବନେଶ୍ୱର ଟାଇଗର୍ସ ଏବଂ କଟକ ପାନ୍ଥର୍ସ ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ହୋଇଥିଲା । ଲିଗ୍ ଉଦ୍‌ଘାଟନ ପୂର୍ବରୁ ବାରବାଟୀରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା । ସେହିଭଳି ଗୁରୁବାର ଦୁଇଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି । ଅପରାହ୍ଣ ୨ଟାରେ କେନ୍ଦୁଝର ମାଇନର୍ସ ଓ ପୁରୀ ଟାଇଟାନ୍ସ ମଧ୍ୟରେ ଲଢ଼େଇ ହେବ । ସେହିଭଳି ରାତି ୭ଟାରେ ରାଉରକେଲା ଷ୍ଟିଲର୍ସ ଓ ସମ୍ବଲପୁର ୱାରିୟର୍ସ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଖେଳାଯିବ । ସମସ୍ତ ମ୍ୟାଚ୍ ଷ୍ଟାର୍ ସ୍ପୋର୍ଟ୍ସ ଖେଲ୍ ଏବଂ ଫ୍ୟାନକୋଡ (ଓଟିଟି)ରେ ସିଧାପ୍ରସାରଣ ହେଉଛି । ଏହି ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୨୬ରେ ଉଦ୍‌ଯାପିତ ହେବ । ମୋଟ୍ ୬ଟି ଦଳ ଏଥିରେ ଅଂଶଗ୍ରହଣ କରୁଛନ୍ତି । ଗତକାଲି ସମସ୍ତ ଦଳରଯ ଜର୍ସି ଉନ୍ମୋଚିତ ହୋଇଥିଲା ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS